# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଡିସେମ୍ବର ୨୪/୨୦୧୮ (୨୦ ପୃଷ୍ଠା) | Balasore, Monday, December 24/ 2018 | ★★★★

୪୫ଶ ଭାଗ ୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







ଭାରତ ସରକାର

## ପୂର୍ବୋଦୟରୁ ହେଉଛି ନୂଆ ଭାରତର ଉଦୟ

## ଓଡ଼ିଶାକୁ ୧୪,୫୨୩ କୋଟି ଟଙ୍କାର ପ୍ରକଳ୍ପ ଉପହାର

## ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀଙ୍କ

**କରକମଳରେ**

ଇଣ୍ଡିଆନଅଏଲ ପାରାଦ୍ୱୀପ-ହାଇଦ୍ରାବାଦ ଉତ୍ପାଦ ପାଇପ୍‌ଲାଇନ୍ ଏବଂ
ଗେଲ୍‌ର ବୋକାରୋ-ଅନୁଗୋଳ ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପର ଶିଳାନ୍ୟାସ

ଏନ୍‌ଏଚ୍ ୧୬ (ପୁରୁଣା ଏନ୍‌ଏଚ୍ ୫)ର ଚଣ୍ଡିଖୋଲ-ଭଦ୍ରକ ସେକ୍ସନର ୬ ଲେନ୍ ବିଶିଷ୍ଟ କରିବା,
ଏନ୍‌ଏଚ୍ ୧୬ (ପୁରୁଣା ଏନ୍‌ଏଚ୍ ୫)ର ଖଣ୍ଡଗିରି ଫ୍ଲାଇଓଭର, ଭୁବନେଶ୍ୱର,ଏନ୍‌ଏଚ୍ ୫୫ (ପୁରୁଣା ଏନ୍‌ଏଚ୍ ୪୨)ର
କଟକ-ଅନୁଗୋଳ ସେକ୍ସନ ୪ ଲେନ୍ ବିଶିଷ୍ଟ ଏବଂ ଏନ୍‌ଏଚ୍ ୧୬ (ପୁରୁଣା ଏନ୍‌ଏଚ୍ ୫) ଅନ୍ତର୍ଗତ
ଟାଙ୍ଗି-ପୁଇଁତୋଳା ସେକ୍ସନର ୬/୪ ଲେନ୍ କରିବା ପାଇଁ ଭୂମି ପୂଜନ

ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା ଏବଂ ପାଇକ ବିଦ୍ରୋହ ସ୍ମାରକ ଡାକଟିକଟ ଜାରି,
ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ଗବେଷଣା କେନ୍ଦ୍ରର ସ୍ଥାପନା

ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ, ଲଳିତଗିରିର ଉଦ୍‌ଘାଟନ

ଆଇଆଇଟି, ଭୁବନେଶ୍ୱରର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

୫୦ ଶଯ୍ୟାରୁ ୧୦୦ ଶଯ୍ୟାକୁ ବର୍ଦ୍ଧିତ ଭୁବନେଶ୍ୱରର ଇଏସ୍‌ଆଇ ଚିକିତ୍ସାଳୟର ଉଦ୍‌ଘାଟନ

**ଗରିମାମୟ ଉପସ୍ଥିତି**

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ, ନୌ-ପରିବହନ,
ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ
ଭାରତ ସରକାର

**ପ୍ରକାଶ ଜାବଡ଼େକର**
ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଭାରତ ସରକାର

**ଜୁଏଲ ଓରାମ**
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ସନ୍ତୋଷ ଗଙ୍ଗୱାର**
ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଭାରତ ସରକାର

**ଡ. ମହେଶ ଶର୍ମା**
ସଂସ୍କୃତି, ପରିବେଶ, ଜଙ୍ଗଲ ଏବଂ
ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଭାରତ ସରକାର

**ମନୋଜ ସିହ୍ନା**
ସଞ୍ଚାର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଭାରତ ସରକାର

**୨୪ ଡିସେମ୍ବର ୨୦୧୮, ଅପରାହ୍ଣ ୧ ଘଣ୍ଟା ୪୦ ମିନିଟ୍**
**ଆଇଆଇଟି କ୍ୟାମ୍ପସ, ଭୁବନେଶ୍ୱର**

# ‘ଦେଶ ପରିବର୍ତ୍ତନ ଆବଶ୍ୟକ କରୁଛି’

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

## ନବୀନଙ୍କୁ ଭେଟିଲେ କେସିଆର

- ଜୋର୍ ଧରିଲା ତୃତୀୟ ସାମ୍ମୁଖ୍ୟ ପ୍ରସଙ୍ଗ
- ବିଜେଡି-ଟିଆରଏସ୍ ନିଜ ନିଜ ରାଜ୍ୟର ପ୍ରତିନିଧି: ନବୀନ
- ଭାଜପାର ବି’ ଟିମ୍ ଆରୋପକୁ ଉଭୟଙ୍କ ଖଣ୍ଡନ



ନବୀନ ନିବାସରେ କେସିଆର୍‌ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

ଦେଶ ପରିବର୍ତ୍ତନ ଆବଶ୍ୟକ କରୁଛି। ଏଥିରେ କୌଣସି ପ୍ରକାର ସନ୍ଦେହର ଅବକାଶ ନାହିଁ। ପରିବର୍ତ୍ତନ ପାଇଁ ବିଭିନ୍ନ ଆଞ୍ଚଳିକ ଦଳକୁ ଏକାଠି ହେବାକୁ ପଡ଼ିବ। ଏ ନେଇ ପ୍ରାଥମିକ ସ୍ତରରେ କଥାବାର୍ତ୍ତା ଆରମ୍ଭ ହୋଇଛି। ଆଗକୁ ଅଧିକ ଆଲୋଚନା ଜାରି ରହିବ। ଉପଯୁକ୍ତ ସମୟ ଆସିଲେ ବିକଳ୍ପ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦିଆଯିବ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ୍)ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ(କେସିଆର) ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ପରେ ଏହା କହିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକ ମଧ୍ୟ କେସିଆର୍‌ଙ୍କ ସହ ସ୍ୱର ମିଳାଇଛନ୍ତି। ଦେଶର ଦୁଇ ପ୍ରମୁଖ ଆଞ୍ଚଳିକ ରାଜନୈତିକ ଶକ୍ତିଙ୍କ ଏପରି ବୟାନ ଜାତୀୟ ରାଜନୀତିକୁ ଉଷ୍ମ କରିଛି, ଯାହାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି। କେସିଆର-ନବୀନଙ୍କ ସାକ୍ଷାତ କେବଳ ସୌଜନ୍ୟମୂଳକ ନ ଥିଲା, ତାହା ସ୍ପଷ୍ଟ ହୋଇଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ କେସିଆରଙ୍କୁ ନବୀନ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ନବୀନ ନିବାସରେ ସ୍ୱାଗତ କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଆଲୋଚନା ହୋଇଥିଲା। ଆଲୋଚନା ପରେ ଉଭୟ ନେତା ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଜବାବ ରଖିଥିଲେ। ବିଜେଡି-ଟିଆରଏସ୍ ଜାତୀୟସ୍ତରୀୟ ରାଜନୀତିରେ ଭାଜପାର ‘ବି’ ଟିମ୍ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କଂଗ୍ରେସର ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି କେସିଆର। ସେ କହିଛନ୍ତି ଯେ, ଏପରି ଅଭିଯୋଗ ଜାତୀୟସ୍ତରୀୟ ଥଟା(ଜୋକ୍)ରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାଇଦ୍ରାବାଦ ଯାଇ ତାଙ୍କୁ କଂଗ୍ରେସର ପ୍ରତିନିଧି ବୋଲି କହିଥାନ୍ତି। ଅନୁରୂପ ଭାବେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କୁ ଭାଜପାର ପ୍ରତିନିଧି ଭାବେ ଅଭିହିତ କରିଥାନ୍ତି। ତେଣୁ ଏପରି ଆରୋପରେ କୌଣସି ସତ୍ୟତା ନ ଥିବା କେସିଆର କହିଛନ୍ତି। ସମାନ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି ଯେ, ଟିଆରଏସ୍-ବିଜେଡି କାହାର ପ୍ରତିନିଧି ନୁହନ୍ତି। ଉଭୟ ଦଳ ନିଜ ନିଜ ରାଜ୍ୟର ପ୍ରତିନିଧିତ୍ୱ କରିଥାନ୍ତି। କେସିଆରଙ୍କ ସହ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା ହୋଇଥିବା ନବୀନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲଗାତର ଦ୍ୱିତୀୟଥର ପାଇଁ କେସିଆର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କୁ ଧନ୍ୟବାଦ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରେ ଓଡ଼ିଶା ଆସିଥିବାରୁ ତାଙ୍କୁ ସ୍ୱାଗତ। ଉଭୟ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଛି। କୃଷକଙ୍କ ପାଇଁ କେସିଆରଙ୍କ ଦ୍ୱାରା ଅଣାଯାଇଥିବା ଯୋଜନା ଲାଗି ମଧ୍ୟ ତାଙ୍କୁ ଧନ୍ୟବାଦ। ଉଭୟ ରାଜ୍ୟ କୃଷକଙ୍କ ଉନ୍ନତି ଏବଂ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ପୋଲାଭରମ୍ ପ୍ରସଙ୍ଗକୁ କିପରି ଆଗକୁ ନିଆଯିବ ସେନେଇ କଥାବାର୍ତ୍ତା ହୋଇଛି। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ଆଲୋଚନା ହୋଇଥିବା ନବୀନ କହିଛନ୍ତି। ମହିଳା ସଂରକ୍ଷଣ ପ୍ରସ୍ତାବକୁ କେସିଆର ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ନିକଟରେ ରାଜ୍ୟ ସରକାର ଲାଗୁ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ ଅଛି। ଏହା ଏକ ଉତ୍ତମ ଯୋଜନା, ଯାହା କୃଷି ଏବଂ କୃଷକଙ୍କୁ ଲାଭଦାୟକ ବୋଲି କେସିଆର କହିଥିଲେ।

କେସିଆର ସୋମବାର ସପରିବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ଗସ୍ତ କରିବେ। ସନ୍ଧ୍ୟାରେ ସେ କଲିକତା ଗସ୍ତ କରିବେ। ସେଠାରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିବେ। ତେଣୁ କେସିଆରଙ୍କ ବହୁଚର୍ଚ୍ଚିତ ତୃତୀୟ ସାମ୍ମୁଖ୍ୟ ତଥା ଫେଡେରାଲ ଫ୍ରଣ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷରେ ନବୀନ-କେସିଆର-ମମତାଙ୍କ ରାଜନୈତିକ ଅଙ୍କ ଉଭୟ ବିରୋଧୀ ଉପା ଏବଂ ଶାସକ ଏନ୍‌ଡିଏର ନିର୍ବାଚନୀ ଗଣିତ ଭୁଲ୍ କରିଦେବାର ସାମର୍ଥ୍ୟ ରଖିଛି। ସୋମବାର ଦିନିକିଆ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଆସୁଛନ୍ତି। ଖୋର୍ଦ୍ଧାଠାରେ ଆୟୋଜିତ ସାଧାରଣ ସଭାରେ ନବୀନ-କେସିଆର ସାକ୍ଷାତକୁ ନେଇ କ’ଣ ମନ୍ତବ୍ୟ ରଖୁଛନ୍ତି ନା ନୀରବ ରହୁଛନ୍ତି, ତାହା ଉପରେ ରାଜନୈତିକ ସମୀକ୍ଷକଙ୍କ ନଜର ରହିଛି।

# ଭୁଲ୍ ଇଞ୍ଜେକ୍ସନ ନେଲା ଜୀବନ

ବାଲେଶ୍ୱର ଅଫିସ, ୨୩।୧୨



- ଅଭିଯୋଗ ଆଣିଲେ ପରିବାର ଲୋକେ
- କାଜୁଆଲିଟିରେ ପଶି ଭଙ୍ଗାରୁଜା

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ଭୁଲ୍ ଇଞ୍ଜେକଶନ ଦିଆଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି ଶନିବାର ରାତି ୧୧ଟା ବେଳେ। ରୋଗୀଙ୍କୁ ଭୁଲ୍ ଇଞ୍ଜେକ୍ସନ୍ ଦିଆଯିବାର ମାତ୍ର କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଡାକ୍ତର ଏବଂ ନର୍ସଙ୍କ ଅବହେଳା କାରଣରୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟମାନେ କାଜୁଆଲିଟିରେ ପଶି ଭଙ୍ଗାରୁଜା କରିଥିଲେ। ହସ୍‌ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ମୃତକଙ୍କ ପୁତୁରା ପ୍ରଦ୍ୟୁମ୍ନ ପ୍ରଧାନଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ମେଡିକାଲ ଫାଣ୍ଡିରେ ଏକ ମାମଲା (ନଂ. ୩୦୫/୧୮) ରୁଜୁ କରାଯାଇଛି। ତାଙ୍କ ଅଭିଯୋଗରେ କାଜୁଆଲିଟିରେ କାର୍ଯ୍ୟରତ ଡାକ୍ତର ପ୍ରିୟ କୁମାର ଘୋଷଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଦର୍ଶାଇଛନ୍ତି।

ରାତି ପ୍ରାୟ ୮ଟାବେଳେ ସହଦେବଖୁଣ୍ଟା ମଡେଲ ଥାନା ସାନଦହପଡ଼ା ଅଞ୍ଚଳର ମଧୁସୂଦନ ପ୍ରଧାନ (୪୫) ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ପ୍ରେସ୍‌କ୍ରିପସନ୍ ଅନୁଯାୟୀ କାଜୁଆଲିଟିରେ ପ୍ରଥମେ ଇଞ୍ଜେକ୍ସନ୍ ଦିଆଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ମେଡିସିନ୍ ୱାର୍ଡକୁ ପଠାଇ ଦିଆଯାଇଥିଲା। ମାତ୍ର ସେଠାରେ ପହଞ୍ଚିବାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମଧୁସୂଦନଙ୍କୁ ଦିଆଯାଇଥିବା ଇଞ୍ଜେକ୍ସନ ପ୍ରକୃତରେ କାଜୁଆଲିଟିରେ ଥିବା ଅନ୍ୟ ଜଣେ ହୃଦ୍‌ରୋଗୀଙ୍କର ବୋଲି ତାଙ୍କ ପରିବାର ଲୋକ ସଙ୍ଗେ ସଙ୍ଗେ ନର୍ସଙ୍କୁ ଜଣାଇଥିଲେ। ଡାକ୍ତରଙ୍କ ସହ ନର୍ସ ପରାମର୍ଶ କରି ମଧୁସୂଦନଙ୍କୁ ଆଣ୍ଟିଡୋଜ୍ ଦେବାକୁ ଯିବା ପୂର୍ବରୁ ସେ ଅଧିକ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭୁଲ୍ ଇଞ୍ଜେକ୍ସନ ଯୋଗୁ ରୋଗୀ ମୃତ୍ୟୁ ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିବେକାନନ୍ଦ ଦାସଙ୍କୁ ପଚାରିବାରେ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି। ରୋଗୀ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ହସ୍ପିଟାଲରେ ଭଙ୍ଗାରୁଜା ଘଟଣାରେ ଆଉ ଏକ ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଦାସ କହିଛନ୍ତି।

# ବଡ଼ଦିନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି: ଯାନବାହନ ଯାଞ୍ଚ

ଦାରିଙ୍ଗବାଡ଼ି,୨୩।୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦାରିଙ୍ଗବାଡ଼ି ସମେତ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ବଡ଼ଦିନ ପାଳନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦୁଇ ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ରବିବାର ସନ୍ଧ୍ୟାରୁ ବିଭିନ୍ନ ଛକରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଉଥିବା ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡ଼ା ଏସ୍‌ଡିପିଓ ନୀତିନ କୁଶାଲକରଙ୍କ ତତ୍ତ୍ୱାବଧାନରେ ଏହି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବଡଦିନ ପାଳନ ହେବାକୁଥିବା ବେଳେ ସୋମବାର ମଧ୍ୟରାତ୍ରିରେ ଚର୍ଚ୍ଚ ସମେତ ପ୍ରାର୍ଥନା ଗୃହରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ପାଳନ କରାଯିବ।

# ଜଷ୍ଟିସ୍ ରଘୁବୀର ଦାସ ଓଏଚ୍‌ଆର୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଘୁବୀର ଦାସଙ୍କୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜଷ୍ଟିସ୍ ଦାସଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ରବିବାର ଏ ନେଇ ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଗତ ୧୯ ତାରିଖରେ ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ବସିଥିଲା। ବୈଠକରେ କମିଶନ ଅଧ୍ୟକ୍ଷ ପଦ ପାଇଁ ହାଇକୋର୍ଟର ୨ଜଣ ପୂର୍ବତନ ବିଚାରପତି, ସଦସ୍ୟ ପାଇଁ ୪ ପୂର୍ବତନ ବିଚାରପତି ଓ ମାନବିକ ଅଧିକାର ଜ୍ଞାନ ଥିବା ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସରଙ୍କ ନାମ ସୁପାରିସ କରାଯାଇଥିଲା। ରାଜ୍ୟପାଳ ସେଥିମଧ୍ୟରୁ ଜଷ୍ଟିସ ରଘୁବୀର ଦାସଙ୍କୁ ସଦସ୍ୟଭାବେ ମନୋନୀତ କରିଛନ୍ତି। ସୂଚନାଯୋଗ୍ୟ, କମିଶନଙ୍କ ସ୍ଥାୟୀ ଅଧ୍ୟକ୍ଷ ପଦବୀ ଦୀର୍ଘ ୬ବର୍ଷ ଧରି ଖାଲିପଡ଼ିଥିବାବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ୍ ବୀର କିଶୋର ମିଶ୍ରଙ୍କ କାର୍ଯ୍ୟକାଳ ଗତ ଅଗଷ୍ଟ ୧୫ରେ ଶେଷ ହୋଇଥିଲା। ଏହାପରଠାରୁ ଉକ୍ତ ପଦବୀ ଖାଲିପଡ଼ିଥିଲା। ସେହିପରି ଅନ୍ୟାନ୍ୟ ସଦସ୍ୟ ପଦବୀ ମଧ୍ୟ ଖାଲିପଡ଼ିଥିଲା। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନ ନେବାରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହା ପରେ ସରକାରଙ୍କ ପକ୍ଷରୁ ପଦବୀ ପୂରଣ ଲାଗି ତତ୍ପରତା ପ୍ରକାଶ ପାଇଛି।

DSPL-310
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
BIJU SWASTHYA KALYAN YOJANA
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
୧ ଜାନୁଆରୀ ୨୦୧୯ ଠାରୁ ସମସ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY) କାର୍ଡ଼ଧାରୀ ବିଜୁ କୃଷକ କଲ୍ୟାଣ ଯୋଜନା (BKKY) S-II କାର୍ଡ଼ ଦ୍ୱାରା ସବୁ ପ୍ରକାର ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇ ପାରିବେ ।
୧ ଜାନୁଆରୀ ଠାରୁ


ଅଧିକ ବିବରଣୀ ପାଇଁ ନିଶୁଳ୍କ ନମ୍ବର ୧୫୫୩୬୯ରେ ଯୋଗାଯୋଗ କରନ୍ତୁ
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
10001/13/0047/1819

# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଡିସେମ୍ବର ୨୪/୨୦୧୮ | Balasore, Monday, December 24/ 2018 | ପୃଷ୍ଠା-୧




**ଅଭିଷେକଙ୍କ ଶତକ**

ଜମ୍ମୁଠାରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରି ଓଡ଼ିଶାକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଛନ୍ତି ଅଭିଷେକ ରାଉତ।

୧୬

୧୨

**'ଜିରୋ'କୁ ପ୍ରଶଂସା କଲେ ମଲାଲା**

ସର୍ବକନିଷ୍ଠ ନୋବେଲ ବିଜୟିନୀ ମଲାଲା ୟୁସଫଜାଇ 'ଜିରୋ' ଫିଲ୍ମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରିଛନ୍ତି।



# ସୁନାମି ତାଣ୍ଡବରେ ଲିଭିଗଲା ୨୨୨ ଜୀବନ

## ୮୪୩ ଆହତ, ୨୮ ନିଖୋଜ

**ଜାକର୍ତ୍ତା, ୨୩।୧୨(ଏ.ଏଫ୍.ପି.)**

ଦକ୍ଷିଣ-ପୂର୍ବ ଏସୀୟ ଦ୍ୱୀପରାଷ୍ଟ୍ର ଇଣ୍ଡୋନେସିଆରେ ଶନିବାର ରାତିରେ ପ୍ରକୃତିର ତାଣ୍ଡବରୁ ମୃତ୍ୟୁର ବିଭୀଷିକା ଦେଖିବାକୁ ମିଳିଛି। ଏକ ଆଗ୍ନେୟଗିରି ଉଦ୍‌ଗିରଣରୁ ସମୁଦ୍ର ତଳେ ଭୂସ୍ଖଳନ ଘଟି ସୁନାମିର ରୂପ ନେଇଛି। ଏଥିରେ ଅନ୍ୟୂନ ୨୨୨ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୮୪୩ ଆହତ ହୋଇଛନ୍ତି। ୨୮ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ହଜାର ହଜାର କୋଠାବାଡ଼ି, ଘରଦ୍ୱାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ସମୁଦ୍ର ଉପକୂଳ ଅଞ୍ଚଳକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ତଲାସି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି।

### ଇଣ୍ଡୋନେସିଆରେ ଧ୍ୱଂସର ବିଭୀଷିକା

- ଆଗ୍ନେୟଗିରି ଉଦ୍‌ଗିରଣରୁ ସମୁଦ୍ରରେ ଭୂସ୍ଖଳନ
- ସୁନାମି ତାଣ୍ଡବରେ ହଜାର ହଜାର ଲୋକ ବାସଚ୍ୟୁତ
- ତଲାସି ଓ ଉଦ୍ଧାର କାର୍ଯ୍ୟ ଜୋରଦାର
- ବଢ଼ିପାରେ ମୃତ୍ୟୁସଂଖ୍ୟା



ଇଣ୍ଡୋନେସିଆରେ ଶନିବାର ଛୁଟି ଥିଲା। ରାତି ୯ଟା ୩୦ରେ ଲୋକେ ଖାଇପିଇ ଶୋଇବାକୁ ଯାଉଥିବାବେଳେ ଜାଭା ଓ ସୁମାତ୍ରା ଦ୍ୱୀପପୁଞ୍ଜ ମଝିରେ ଅବସ୍ଥିତ ଲାମ୍ପୁଙ୍ଗ୍ ପ୍ରଦେଶ ଅନ୍ତର୍ଗତ ସୁନ୍ଦା ପ୍ରଣାଳୀର କ୍ରାକାତୋଆ ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ଏଥିଯୋଗୁ ସମୁଦ୍ର ତଳେ ଭୂସ୍ଖଳନ ଘଟିଥିଲା। ଫଳରେ ୧୫ରୁ ୨୦ ମିଟର ଉଚ୍ଚ ଜୁଆର ଉପକୂଳକୁ ମାଡ଼ିଆସିଥିଲା। ଚାହୁଁ ଚାହୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ଆକାଶରେ ଧୂଆଁ ଓ ପାଉଁଶର ବଳୟ ସୃଷ୍ଟି ହୋଇଥିଲା। ଏଥିରେ ଜାଭାର ପଣ୍ଡେଗଲାଙ୍ଗ, ସୁମାତ୍ରାର ଦକ୍ଷିଣ ଲାମ୍ପୁଙ୍ଗ୍, ସେରାଙ୍ଗ୍ ଓ ତଙ୍ଗଗାମୁସ ସର୍ବାଧିକ ପ୍ରଭାବିତ ହୋଇଛି। ସୁନାମିର ତାଣ୍ଡବରେ ୨୨୨ ଜଣ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତଲାସି ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଏଥିରେ ଖୁବ୍ ଜୋର୍‌ରେ ପବନ ବହି ବହୁ ବିଶାଳକାୟ ଗଛ ଉପୁଡ଼ିପଡ଼ିବା ସହ କୋଠାବାଡ଼ି ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ହଜାର ହଜାର ଲୋକ ବାସଚ୍ୟୁତ ହୋଇଯାଇଛନ୍ତି। ଅଶାନ୍ତ ସମୁଦ୍ରର ଗର୍ଜନରେ ଭୟଭୀତ ଲୋକେ ଉଦ୍ଧାରକାରୀ ଦଳ ସହାୟତାରେ ପ୍ରାଣବିକଳରେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ବହୁ ଲୋକ ରାସ୍ତାକଡ଼ରେ ତମ୍ବୁ ପକାଇ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଓ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଛି। ଆଗ୍ନେୟଗିରି ଉଦ୍‌ଗିରଣରୁ ଏଭଳି ସୁନାମି ସୃଷ୍ଟି ହେବା ବିରଳ ଘଟଣା ବୋଲି ଅନ୍ତର୍ଜାତୀୟ ସୁନାମି ସୂଚନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ଜୋକୋ ୱିଡୋଡୋ ଶୋକବ୍ୟକ୍ତ କରିବା ସହ ଲୋକଙ୍କୁ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସୁନାମି ପରେ ମହାମାରୀ ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ କିଛିଦିନ ଯାଏ ଉଦ୍ଧାର କାର୍ଯ୍ୟ ଜାରି ରହିବ। ସ୍ଥିତି ସ୍ୱାଭାବିକ ହେବା ପରେ ମୃତାହତଙ୍କ ପ୍ରକୃତ ସଂଖ୍ୟା ସ୍ପଷ୍ଟ ହେବ ବୋଲି ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ମୁଖପାତ୍ର ସୁତୋପୋ ପୁରୱୋ ନୁଗ୍ରୋହୋ ସୂଚନା ଦେଇଛନ୍ତି। ଇଣ୍ଡୋନେସିଆର ଭୂବିଜ୍ଞାନ ସଂସ୍ଥା ସୁନାମିର ପ୍ରକୃତ କାରଣ ଜାଣିବା ପାଇଁ ଅନୁସନ୍ଧାନ ଚଳାଇଛି।

ଇଣ୍ଡୋନେସିଆ ହେଉଛି ବିଶ୍ୱର ଅନ୍ୟତମ ବିପର୍ଯ୍ୟୟପ୍ରବଣ ଦେଶ। ପ୍ରଶାନ୍ତ ମହାସାଗରୀୟ 'ଅଗ୍ନି ବଳୟ'ରେ ଏହାର ଅବସ୍ଥିତି ଥିବାରୁ ଟେକ୍ଟୋପ୍ଲେଟ୍‌ଗୁଡ଼ିକ ମଧ୍ୟରେ ଧକ୍କା ହେବା ଫଳରେ ଭୂକମ୍ପ ଓ ସମୁଦ୍ର ମଧ୍ୟରେ ଭୂସ୍ଖଳନ ହୋଇଥାଏ। ଏଠାରେ ୧୨୭ଟି ସକ୍ରିୟ ଆଗ୍ନେୟଗିରି ରହିଛି। ତନ୍ମଧ୍ୟରୁ ଆନକ୍ କ୍ରାକତୋଆ ଏକ ଛୋଟ ଆଗ୍ନେୟଗିରି ଦ୍ୱୀପ। ୧୮୮୩ରେ ଏଠାରେ ଏକ ବଡ଼ଧରଣର ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ଏଥିରେ ୩୬,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗତ ସେପ୍ଟେମ୍ବରରେ ସୁଲାୱେସି ଦ୍ୱୀପର ପାଲୁରେ ଭୂକମ୍ପ ଓ ସୁନାମି ଯୋଗୁ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ।

## ଅଗ୍ନି-୪ ପରୀକ୍ଷଣ



ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୪

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ରବିବାର ପୂର୍ବାହ୍ନ ୮ଟା ୩୫ ମିନିଟ୍‌ରେ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୪ର ପରୀକ୍ଷଣ ହୋଇଛି। ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ ☞ପୃଷ୍ଠା-୨

## ଭୁଲ୍ ତଥ୍ୟ ଦେଲେ ଅଯୋଗ୍ୟ ହେବେ ଲୋକପ୍ରତିନିଧି

**ନୂଆଦିଲ୍ଲୀ, ୨୩।୧୨(ପି.ଟି.)**

- ଆଇନ ଆଣିବାକୁ ଚାପ ପକାଇବେ ଇସି
- ଭୋଟବେଳେ ଲାଞ୍ଚ ଦେବା ଅପରାଧ ବିବେଚିତ ହେବ
- ଇସିଙ୍କୁ ସାମ୍ବିଧାନିକ ସୁରକ୍ଷା
- ନିର୍ବାଚନୀ ଆଇନରେ ଲିଙ୍ଗଗତ ସମାନତା

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ନାମାଙ୍କନପତ୍ର ଦାଖଲ ବେଳେ ଭୁଲ୍ ଘୋଷଣାନାମା ଦେଇଥିଲେ ଲୋକପ୍ରତିନିଧି ଅଯୋଗ୍ୟ ଘୋଷିତ ହୋଇପାରିବେ। ଏଥିପାଇଁ ଆଇନ ଆଣିବା ସହ ନିର୍ବାଚନ ବ୍ୟବସ୍ଥାରେ ଅନ୍ୟ କେତେକ ସଂସ୍କାର ଲାଗି ନିର୍ବାଚନ କମିଶନ (ଇସି) ସରକାରଙ୍କ ଉପରେ ଚାପ ପକାଇବେ। ଜାନୁୟାରୀ ୮ରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଶେଷ ହେବା ପରେ ଇସି ବ୍ୟବସ୍ଥାପକ ସଚିବ ଜି. ନାରାୟଣ ରାଜୁଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବେ।

ନିର୍ବାଚନବେଳେ ପ୍ରାର୍ଥୀ ମିଥ୍ୟା ଘୋଷଣାନାମା ଦେଲେ ୬ ମାସ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ତେବେ ଏହାକୁ ନିର୍ବାଚନୀ ଅପରାଧ ଭାବେ ବିବେଚନା କରାଯିବାକୁ ଇସି ଚାହୁଁଛନ୍ତି। ଜଣେ ନିର୍ବାଚନୀ ଅପରାଧରେ ଦୋଷୀସାବ୍ୟସ୍ତ ହେଲେ ତାଙ୍କ ସଭ୍ୟପଦ ରଦ୍ଦ ହେବ। ☞ପୃଷ୍ଠା-୨

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଓଡ଼ିଶାରେ ଭାଜପା ସରକାର ହେବ, ଏହି ସଂକଳ୍ପ ରାଜ୍ୟବାସୀ ନେଇଛନ୍ତି। ଏଥିଲାଗି ରାଜ୍ୟବାସୀଙ୍କ ଆଶୀର୍ବାଦ ନେବା ପାଇଁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଖୋର୍ଦ୍ଧା ନିକଟରେ ପ୍ରଧାନମନ୍ତ୍ରୀ ଯୋଗଦେବାକୁ ଥିବା ସାଧାରଣସଭାର ସ୍ଥାନ ପରିଦର୍ଶନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜାନୁୟାରୀ ୫ରେ ବାରିପଦା ଓ ୧୬ରେ ପଶ୍ଚିମଓଡିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସାରା ଓଡିଶାବାସୀ ଅପେକ୍ଷା କରି ରହିଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, ଯେତେବେଳ ଯାଏ ପୂର୍ବ ଭାରତର ବିକାଶ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଦେଶର ବିକାଶ ହୋଇଛି ବୋଲି କହିଲେ ଭୁଲ୍ ହେବ। ପ୍ରଧାନମନ୍ତ୍ରୀ ସୋମବାର ତାଙ୍କ ଗସ୍ତ କାଳରେ ପ୍ରାୟ ୧୫ହଜାର କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ଏହାସହ ସେ ଏକ ଜନସଭାକୁ ସମ୍ବୋଧିତ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ☞ପୃଷ୍ଠା-୨



- ଆସନ୍ତା ୫ରେ ବାରିପଦା, ୧୬ରେ ପଶ୍ଚିମଓଡ଼ିଶା ଆସିବେ ମୋଦି
- ଓଡ଼ିଶାରେ ସରକାର କରିବ ଭାଜପା: ଧର୍ମେନ୍ଦ୍ର


**ବିବାହ ପାଇଁ ରାଜି ନ ହେବାରୁ ନାବାଳିକାଙ୍କୁ ହତ୍ୟା**

........୩........


### ଆଜିର ସମ୍ପାଦକୀୟ

**ଅମଲାତନ୍ତ୍ରୀଙ୍କ ଇଚ୍ଛା**

### ଆଜିର ମନ୍ତବ୍ୟ

"ବିଶ୍ୱର ସବୁଠୁ ସହିଷ୍ଣୁ ଦେଶ ଭାରତ।

– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ ମାର୍କେଟିଂ ବର୍ଷରେ ଦେଶର ଚିନି କଳଗୁଡ଼ିକ ୩୨.୫ ନିୟୁତ ଟନ୍ ଚିନି ଉତ୍ପାଦନ କରିଛନ୍ତି।

–ଆଇଏସ୍‌ଏମ୍‌ଏ







**CBSE Exam Mate**

ପୃଷ୍ଠା-୧୩



NATIONAL EGG CO-ORDINATION COMMITTEE — 23.12.2018 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 88 | 142 | 152 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 89 | 144 | 154 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଲିପା
ପରିବାରବର୍ଗ


ରାହୁଲ୍
ପରିବାରବର୍ଗ


ପିହୁ
ପରିବାରବର୍ଗ


ପାୟଲ
ପରିବାରବର୍ଗ


ସୁନିତା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଟନ୍ କୋଇଲା ବୋଝେଇ ମିନି ଟ୍ରକ୍ ଜବତ

ରେଢ଼ାଖୋଲ,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ମୋଟିବାହାଟ ଛକ ନିକଟରୁ ରବିବାର ଅପରାହ୍ନ ୪ଟାରେ ପୋଲିସ ୩ ଟନ କୋଇଲା ବୋଝେଇ ଏକ ମିନିଟ୍ରକ (ଓଆର୧୫ଡି୯୨୧୬)କୁ ଜବତ କରିଛି। ଏହା ବୀରମହାରାଜପୁର ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା। ଟ୍ରକ୍ ଚାଳକ ରାଶିବେଡା ଗ୍ରାମର ବିଜୟସେନ ସ୍ୱାଇଁ (୪୫) ଏହି ଘଟଣାରେ ଗିରଫ ହୋଇଛନ୍ତି। ଏ ନେଇ ଚାରମାଳ ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

## classified

automobile

**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10187

real estate

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

Immediate sale 1815 sqft. 30' road gharabari boundry residential plot at Mouza Bhaula near Dhauli Temple. Contact: 9861995518. D-63212

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58024

### ଜନ୍ମଦିନ ଶୁଭେଚ୍ଛା



(ପିହୁ, ଲୋରୀ)

**ଆରାଧ୍ୟା ମହାକୁଡ଼**

ପଥରଗାଡ଼ିଆ, ଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ତୋର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଜୀବନ ଦୀର୍ଘାୟୁ, ସୁଖମୟ ଓ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଇ, ବାବା, ମାମା, ମାମୁ, ମାଇଁ, ପିଉସା, ପିଉସୀ, ଦୀପୁ ଭାଇ, ଯୀଶୁ ଓ ଦୀନୁ। ଧ-୧୦୧୩୧

### 2nd Birthday Wish



(ଆଦ୍ୱିକ, ଲିପୁନ)

**Advik Aryan Sarangi**

**Bhatli**

ତୋର ଦ୍ୱିତୀୟ ଜନ୍ମଦିବସରେ ଆମେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ଠାରେ ପ୍ରାର୍ଥନା କରୁଛୁ ଯେ ତୋର ଚଲାପଥ କୁସୁମିତ ହେଉ। ଭଗବାନ ତୋତେ ସଦ୍‌ବୁଦ୍ଧି ଦିଅନ୍ତୁ। ତୋର ଦାଦା, ମାମା, ବାପା, ମା, କାକା, କୁନୁ ମା, ମାମୁ ଓ ଷଢଙ୍ଗୀ ପରିବାରବର୍ଗ। ଧ-୧୦୨୦୦

### 4th Birthday Wish



(Sonali)

**Arpi Pratyasha**

ବରାହୀପୁର

ଚାହୁଁ ଚାହୁଁ ତତେ ୪ବର୍ଷ ପୂରିଲା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ବାବା, ମା, ବଡବାପା, ବଡମାମା, ମାମା, ପାପା, ସାନପାପା, ମମି, ଲିଟିଲ୍, ତିତିଲ୍, ସୁଇଟ୍, ବନ୍ଧୁ ଓ ପରିବାରବର୍ଗ। ଧ-୧୪୫୬୦

### ୨୫ତମ ଜନ୍ମଦିନ ଶୁଭେଚ୍ଛା



(ଲୋକନ)

**ଲୋକନାଥ ବେହେରା**

ଜନ୍ମ ଦେଇ ମା' ଧନ୍ୟ କରିଦେଲେ
କି ଦେଇ ସୁଝିବୁ ତାଙ୍କୁ,
ସାହସ ସକତି ଆଶୀର୍ବାଦ ମାଗ
ସଦା ସୁଖି ହୋଇବାକୁ।

ଶୁଭେଚ୍ଛା ସହ:
ବାପା- କରୁଣାକର ବେହେରା, ମା- ଉର୍ମିଳା ବେହେରା ଓ ପରିବାରର ଅନ୍ୟ ସଦସ୍ୟ- ଜ୍ୟୋତି ଭୁଷଣ, ସସ୍ମିତା, ଜ୍ୟୋତିସ୍ମିତା, ଆୟୁଷ ପ୍ରସାଦ ଓ ଗୁଡୁ। ଧ-୧୦୨୦୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

**୨୭ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତ ମଦନ ମୋହନ ସେନାପତି**

ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)

ଆଜିର ଏହି ଶ୍ରାଦ୍ଧଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ ହଲ୍ (A Unit of ରବୀନ୍ଦ୍ର ଲାଇଫ ଲାଇନ ପ୍ରା.ଲିଃ.), ରବୀନ୍ଦ୍ର ହେଲ୍‌ଥ କେୟାର ପ୍ରା. ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ ଏଡ, ବିତରକ ପ୍ରା. ଲିଃ., ମଦନ ମୋହନ ଆସୋସିଏଟସ୍, ଆଶ୍ରିତ ଉଦ୍ୟମୀ।

ଧ-୫୯୧୯୧

# ଆହତ ଦନ୍ତାକୁ ଚିକିତ୍ସା କଲେ ଓୟୁଏଟି ଚିକିତ୍ସକ ଟିମ୍

- ଅନ୍ୟ ଦନ୍ତାହାତୀଙ୍କ ଆକ୍ରମଣରେ ଆହତ ହୋଇଛି
- ଟ୍ରାଙ୍କୁଲାଇଜର ଦେଇ ସାଲାଇନ, ଔଷଧ ଦେଲେ



ସମ୍ବଲପୁର,୨୩।୧୨(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର-ପଡିଆବାହାଲ ରେଞ୍ଜ ଅଧୀନ ଜଙ୍ଗଲରେ ପ୍ରାୟ ୧୫ ଦିନ ହେଲା ଆହତ ଅବସ୍ଥାରେ ବୁଲୁଥିବା ଏକ ଦନ୍ତାହାତୀକୁ ଶେଷରେ ବନ ବିଭାଗ ଚିକିତ୍ସା କରାଇବାରେ ସଫଳ ହୋଇଛି। ରବିବାର ପୂର୍ବାହ୍ନ ୮ଟାରେ ଭୁବନେଶ୍ୱର ଓୟୁଏଟିରୁ ଆସିଥିବା ଏକ ଚିକିତ୍ସକ ଦଳ ବନ ବିଭାଗ ଅଧିକାରୀଙ୍କ କର୍ମଚାରୀଙ୍କ ସହ ଜଙ୍ଗଲରେ ପହଞ୍ଚି ଥିଲେ। ପ୍ରଥମେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ହାତୀଟି ଚେତାଶୂନ୍ୟ ହୋଇ ତଳେ ଶୋଇଯିବା ପରେ ଚିକିତ୍ସକ ଦଳ ତା ପାଖେ ପହଞ୍ଚି ଥିଲେ। ହାତୀର ପଛ ଭାଗ, କାନ ପାଖ ଓ ଦେହର ୫ଟି ସ୍ଥାନରେ ଛୋଟ ଛୋଟ କ୍ଷତ ଥିବା ଚିକିତ୍ସକ ଦଳ ଚିହ୍ନଟ କରିଥିଲେ। ପ୍ରଥମେ କ୍ଷତ ସ୍ଥାନକୁ ସଫା କରି ମଲମ ଲଗା ଯାଇଥିଲା । ଏହାପରେ ହାତୀକୁ ସାଲାଇନ ଲଗାଇବା ସହ ଔଷଧ ଦିଆଯାଇଥିଲା। ଓୟୁଏଟିର ପ୍ରଫେସର ଇନ୍ଦ୍ରମଣୀ ନାଥ, ଡାକ୍ତର ସଚିନ ଦାସ, ଡାକ୍ତର ଅଂଶୁଲ ଶୁକ୍ଳା ହାତୀର ଚିକିତ୍ସା କରିଥିଲେ। ଯୁଯୁମୁରା ପ୍ରାଣିଧନ ଚିକିତ୍ସକ ସତ୍ୟଜିତ ପଣ୍ଡା, ସଦର ଭିଏସ ଅସିତ ପାତ୍ର ସହଯୋଗ କରିଥିଲେ । ଡିଏଫଓ ସଞ୍ଜୀତ କୁମାର, ଏସିଏଫ ପଙ୍କଜ ପଣ୍ଡା, ସଦର ରେଞ୍ଜର ଗୌରୀ ଦାସ, ପଡିଆବହାଲ ରେଞ୍ଜର ସୁରେଶ ମିର୍ଦ୍ଧା ଓ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାୟ ୨୦ ମିନିଟ ବେହୋସ ହେବା ପରେ ହାତୀଟିର ଚେତା ଫେରିଥିଲା । ଏହି ୨୦ ମିନିଟ ସମୟ ଭିତରେ ଡାକ୍ତରୀ ଦଳ ଚିକିତ୍ସା କରି ନେଇଥିଲେ । କାଳେ ଶିକାରୀଙ୍କ ଗୁଳି ବାଜିଥିବ ବୋଲି ସନ୍ଦେହ କରି ହାତୀ ଶରୀରରେ ମେଟାଲ ଡିଟେକ୍ଟର ଲଗାଇ ପରୀକ୍ଷା କରାଯାଇଥିଲା। ହେଲେ ସେଭଳି କିଛି ପ୍ରମାଣ ମିଳି ନ ଥିଲା। ଅନ୍ୟ ଦନ୍ତା ହାତୀମାନଙ୍କ ଆକ୍ରମଣରେ ଏହି ଦନ୍ତାଟି ଗୁରୁତର ହୋଇଛି। ଚିକିତ୍ସା ପରେ ଖୁବ୍ ଶୀଘ୍ର କ୍ଷତଗୁଡିକ ଭଲ ହୋଇଯିବ ବୋଲି ଡାକ୍ତରୀ ଦଳ କହିଛନ୍ତି । ତେବେ ଦନ୍ତା ଛୋଟେଇବାର କାରଣ ଆଣ୍ଠୁ ହାଡରେ କିଛି ସମସ୍ୟା ରହିଛି। ଏହା ଧୀରେ ଧୀରେ ଠିକ ହେବ ବୋଲି ଏହି ଟିମ୍ କହିଛି।

# ନବୀନ-କେସିଆର ସାକ୍ଷାତକୁ ସମାଲୋଚନା

**ଖଣି ଲୁଟେରା ପରିବାରକୁ ଟାର୍ଗେଟ୍**

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର)ଙ୍କ ସାକ୍ଷାତକୁ ନେଇ ରାଜ୍ୟ ରାଜନୀତିରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଲେଙ୍ଗାନା କଂଗ୍ରେସର ଏଆଇସିସି ପ୍ରଭାରୀ ରାମଚନ୍ଦ୍ର ଖୁଣ୍ଟିଆ କେସିଆର ଓ ନବୀନଙ୍କୁ ସମାଲୋଚନା କରିଛନ୍ତି। ହେଲେ ଉଭୟଙ୍କୁ ସମାଲୋଚନା କରିବାକୁ ଯାଇ ପ୍ରଦେଶ କଂଗ୍ରେସ ନେତୃତ୍ୱ ପ୍ରତି ବିପଦ ଡାକି ଆଣିଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ଯେ, କେସିଆର ଏନ୍‌ଡିଏ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଏଜେଣ୍ଟ। ବିଜେଡି ମଧ୍ୟ ଭାଜପାର 'ବି' ଟିମ୍ ଭାବେ କାର୍ଯ୍ୟ କରିଥାଏ। ବିଜେଡି ଉପରେ ଚିଟ୍‌ଫଣ୍ଡ ଏବଂ ଖଣି ଦୁର୍ନୀତି ଖଣ୍ଡା ଝୁଲୁଛି। ତେଣୁ ଟିଆରସି ଭଳି ବିଜେଡି ଭୟରେ ଭାଜପାକୁ ସମର୍ଥନ କରିବାକୁ ବାଧ ହେଉଛନ୍ତି। ରାମଚନ୍ଦ୍ରଙ୍କ ଏଭଳି ଉକ୍ତିର କଡ଼ା ଜବାବ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ, ଶୂନରେ ଆଉ ଏକ ଶୂନ ମିଶିଲେ ଫଳ କେବଳ ଶୂନ ହୋଇଥାଏ। ସେହିପରି କଂଗ୍ରେସ ଦଳର ବରିଷ୍ଠ ନେତା ଖଣି ଦୁର୍ନୀତିକଥା ଉଠାଇଛନ୍ତି। କେଉଁମାନେ ଖଣିଲୁଟ୍‌ରେ ଏକାଠି ହୋଇଛନ୍ତି। କେଉଁ ପରିବାର ୪୦ ବର୍ଷ ଧରି ଓଡ଼ିଶାର ସ୍ୱାଭିମାନକୁ ଭୂଲୁଣ୍ଠିତ କରିଛି। କିଏ କାହାର ଆଶାବାଡି, କିଏ କାହାର ବ୍ୟବସାୟିକ ସହଯୋଗୀ। ଏହା ଓଡ଼ିଶାବାସୀଙ୍କୁ ଅଜଣା ନାହିଁ ବୋଲି ସେ କହିଛନ୍ତି। ସମସ୍ତ ଦଳକୁ ରାଜ୍ୟ ମୌକା ଦେଇଛି। ସମସ୍ତେ ଓଡ଼ିଶାକୁ ଲୁଟ୍ କରିଛନ୍ତି। ଲମ୍ବା ସମୟ ଧରି ଯେଉଁମାନେ ଦେଶକୁ ଲୁଟ୍ କରିଛନ୍ତି, ସେମାନଙ୍କର ଜିଏସ୍‌ଟି ଉପରେ କହିବାର କୌଣସି ଅଧିକାର ନାହିଁ। ୨୦୧୯ରେ ଭାଜପା ପୁନର୍ବାର କ୍ଷମତାକୁ ଆସିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପିକ୍‌ନିକ୍ ଗାଡ଼ି ଓଲଟି ୨ ମୃତ, ୭ ଆହତ

ସମ୍ବଲପୁର,୨୩।୧୨(ବ୍ୟୁରୋ)

ଝାରସୁଗୁଡା ସରବାହାଲରୁ ହୀରାକୁଦକୁ ପିକନିକ କରିବାକୁ ଆସିଥିବାବେଳେ ଏକ ପିକ୍‌ଅପ୍ ଭ୍ୟାନ ରବିବାର ସମ୍ବଲପୁର ଜିଲା ଶାସନ ଥାନା ବଲବସପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକ ଓ ପୋଲିସ ଆହତମାନଙ୍କୁ ବୁର୍ଲା ଡାକ୍ତରଖାନା ପଠାଇଛନ୍ତି। ମୃତକ ଦ୍ୱୟ ହେଲେ ହେଲେ ଝାରସୁଗୁଡା ଜିଲା ସରବାହାଲର ବିମଳ କୁମ୍ଭାର (୩୨), ସଞ୍ଜୟ । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ କରୁଛି । ଝାରସୁଗୁଡା ସରବାହାଲରୁ ୧୦ଜଣ ବଣଭୋଜି କରିବାକୁ ପିକଅପ (ସିଜି-୧୨-ଏନ ୬୫୨୭) ଯୋଗେ ହୀରାକୁଦ ଆସିଥିଲେ। ଖାଇବା ସାରି ଡାଇକ ରୋଡରେ ଝାରସୁଗୁଡା ଫେରୁଥିବାବେଳେ ବଲବସପୁର ନିକଟରେ ପିକଅପଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା।

■ 'ଟ୍ୟାଲେଣ୍ଟ ଅଲିମ୍ପିଆଡ୍ ଯୁବ ପ୍ରଧାନମନ୍ତ୍ରୀ-୨୦୧୮' ପ୍ରତିଯୋଗିତା

# ରାଜ୍ୟର ୩ୟ ଯୁବ ପ୍ରଧାନମନ୍ତ୍ରୀ ହେଲେ ଶ୍ୱେତା ସୌନ୍ଦର୍ଯ୍ୟା

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ହେରିଟେଜ୍ ଭିଜନ ସୋସିଆଲ ଫାଉଣ୍ଡେଶନ ଦ୍ୱାରା ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍‌ସେସ୍ ଅଡିଟୋରିୟମରେ ରବିବାର ରାଜ୍ୟସ୍ତରୀୟ 'ଟ୍ୟାଲେଣ୍ଟ ଅଲିମ୍ପିଆଡ୍ ଯୁବ ପ୍ରଧାନମନ୍ତ୍ରୀ-୨୦୧୮' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଶ୍ୱେତା ସୌନ୍ଦର୍ଯ୍ୟା ଦାସଙ୍କୁ ରାଜ୍ୟର ତୃତୀୟ ଯୁବ ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ଏହାବ୍ୟତୀତ ଯାଜପୁର ରୋଡ୍‌ର ମାଉଣ୍ଟ ଲିଟେରା ଜି ସ୍କୁଲର କୋମଲ ତିୱାରୀ ଏବଂ ସୁନାବେଡା ଭିଏସ୍ ବିଦ୍ୟାଳୟର ଆଦ୍ୟାଶା ସାମନ୍ତରାୟଙ୍କୁ ଯଥାକ୍ରମେ ୧ମ ଓ ୨ୟ ରନର୍ସଅପ୍ ଭାବେ ପୁରସ୍କୃତ କରାଯାଇଛି। ଉତ୍ସବରେ ଅତିଥିଭାବେ ବରିଷ୍ଠ ନାଟ୍ୟକାର ଅନନ୍ତ ମହାପାତ୍ର ଯୋଗଦେଇ ବିଜୟୀ ଯୁବ ପ୍ରଧାନମନ୍ତ୍ରୀଙ୍କୁ ୨୫ହଜାର ଟଙ୍କା ସହ ମାନପତ୍ର ଏବଂ ୧ମ ଓ ୨ୟ ରନର୍ସଅପ୍‌ଙ୍କୁ ଯଥାକ୍ରମେ ୧୫ହଜାର ଓ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ।

ହେରିଟେଜ୍ ଭିଜନ ଏଜୁକେଶନାଲ ଟ୍ରଷ୍ଟର ସମାଜସେବା ଶାଖା ହେରିଟେଜ୍ ଭିଜନ ସୋସିଆଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ରାଜ୍ୟସ୍ତରୀୟ 'ଟ୍ୟାଲେଣ୍ଟ ଅଲିମ୍ପିଆଡ୍-ଯୁବ ପ୍ରଧାନମନ୍ତ୍ରୀ-୨୦୧୮' ପ୍ରତିଯୋଗିତାରେ ରାଜ୍ୟର ୧୫୦ ସ୍କୁଲରୁ ୨ ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୋନାଲ ସ୍ତରରେ ଶ୍ରେଷ୍ଠ ବିବେଚିତ ୩୦ଜଣଙ୍କୁ ଭୁବନେଶ୍ୱର ଗ୍ରାଣ୍ଡ ଫିନାଲେ ପାଇଁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ୱେତା ସୌନ୍ଦର୍ଯ୍ୟା ଦାସଙ୍କ ସହ ପାରାଦୀପ ଇଫ୍‌କୋ ଡିଏଭି ସ୍କୁଲର ଜିଜ୍ଞାସା ସାହୁ, ମାଉଣ୍ଟ ଲିଟେରା ଜି ସ୍କୁଲର କୋମଲ ତିୱାରୀ, ଭିଏସ୍ ବିଦ୍ୟାଳୟର ଆଦ୍ୟାଶା ସାମନ୍ତରାୟ, ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟ-୬ର ସଞ୍ଜୀବନି ମହାନ୍ତି ଓ ବଡ଼ବିଲ ଜିନ୍ଦଲ ସ୍କୁଲର ଐଶ୍ୱର୍ଯ୍ୟା ସାମଲ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ। ଏଭଳି ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କୁ ଗଣତନ୍ତ୍ରପ୍ରତି ଆକୃଷ୍ଟ କରିବ ବୋଲି ଅନନ୍ତ ମହାପାତ୍ର କହିଥିଲେ। ହେରିଟେଜ୍ ଭିଜନ ସୋସିଆଲ ଫାଉଣ୍ଡେଶନର ମୁଖ୍ୟ ଉପଦେଷ୍ଟା ମିହିର ପଟ୍ଟନାୟକ ଏବଂ ଫାଉଣ୍ଡେଶନର ମୁଖ୍ୟ ମହେଶ ପଟ୍ଟନାୟକ ଏହି ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଅଗ୍ନି-୪...

କଲାମ ଦ୍ୱୀପର ୪ ନମ୍ବର ଲଞ୍ଚପ୍ୟାଡରେ ଏକ ମୋବାଇଲ ଲଞ୍ଚରରେ ଏହାର ପରୀକ୍ଷା କରାଯାଇଥିଲା। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୩ରୁ ୪ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ୨୦ମିଟର ଲମ୍ବ ଏବଂ ୧୭ ଟନ୍ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ର ଏକ ଟନ୍ ଓଜନର ଉଭୟ ପାରମ୍ପରିକ ଏବଂ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରିବ। କଠିନ ଇନ୍ଧନ ଦ୍ୱାରା ଏହାର ଇଞ୍ଜିନ ପରିଚାଳିତ ହୋଇଥାଏ। ଏହାର ସଫଳ ପରୀକ୍ଷଣ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଏହା ବହୁଗୁଣରେ ସୁଦୃଢ଼ ଓ ଶକ୍ତିଶାଳୀ କରିପାରିବ ବୋଲି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି। ସୋମବାର ଏହାର ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞଙ୍କ ସମେତ ବହୁ ବୈଜ୍ଞାନିକ ଉପସ୍ଥିତ ଥିଲେ। ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ଦ୍ୱାରା କ୍ଷେପଣାସ୍ତ୍ର ପରୀକ୍ଷଣ କାର୍ଯ୍ୟକୁ ଅନୁଧ୍ୟାନ କରାଯାଇଥିଲା। ଗତ ୨୦୧୧ ମସିହାରେ ଏହାର ପ୍ରଥମ ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ପରୀକ୍ଷା ଗତ ୨୦୧୭ ମସିହାରେ ହୋଇଥିଲା।

### ଆଜି ଆସୁଛନ୍ତି...

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଆରମ୍ଭ ହେଲା। ଆଗକୁ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ବହୁବାର ଗସ୍ତ କରିବେ। ଜାନୁୟାରୀରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ନୀତିନ ଗଡକରୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପରି ବହୁ ଶୀର୍ଷ ନେତୃତ୍ୱ ଓଡିଶା ଆସିବେ । ଓଡିଶାରେ ଯେଉଁ ପରିବର୍ତ୍ତନର ସ୍ରୋତ ଆରମ୍ଭ ହୋଇଛି ତାକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଯିବ। ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସିବାପରେ ଓଡିଶା ଏବେ ବଡ ପରିବର୍ତ୍ତନ ଆଡେ ମନ ବଳାଇଛି। ରାଜ୍ୟବାସୀ କଂଗ୍ରେସକୁ ବହୁବାର ସୁଯୋଗ ଦେଇଛନ୍ତି। ଗତ ୧୯ବର୍ଷ ଧରି ସ୍ଥାନୀୟ ଦଳ ଭାବେ ବିଜେଡିକୁ ସୁଯୋଗ ଦେଇଛନ୍ତି। ଏହାସତ୍ତ୍ୱେ ବର୍ତ୍ତମାନ ରାଜ୍ୟରେ ଅନେକ ସମସ୍ୟା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ଭାଜପା ନେତା ଓ କର୍ମୀଙ୍କ ମହଲରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ସୋମବାର ପୂର୍ବାହ୍ନ ୧୧ଟା ବାଜି ୫ମିନିଟ୍‌ରେ ମୋଦି ନୂଆଦିଲ୍ଲୀଠାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନ ୧ଟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ହେଲିକପ୍ଟର ଯୋଗେ ଅରୁଗୁଳସ୍ଥିତ ଆଇଆଇଟି କ୍ୟାମ୍ପସ୍‌ରେ ପହଞ୍ଚି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ୧ଟା ୪୦ରୁ ୨ଟା ୨୦ ପର୍ଯ୍ୟନ୍ତ ରହିବେ। ଲୋକାର୍ପଣ କାର୍ଯ୍ୟକ୍ରମ ପରେ ଖୋର୍ଦ୍ଧାଠାରେ ଆୟୋଜିତ ସାଧାରଣସଭାରେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମରେ ମୋଦି ୨ଟା ୩୦ରୁ ୩ଟା ୧୫ ପର୍ଯ୍ୟନ୍ତ ରହିବେ। ଏହାପରେ ସେଠାରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ବିମାନବନ୍ଦର ଆସି ଦିଲ୍ଲୀ ଫେରିଯିବେ।

### ଭୁଲ ତଥ୍ୟ...

ବିଧାନ ପରିଷଦ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପ୍ରଚାର ଖର୍ଚ୍ଚର ସୀମା ଧାର୍ଯ୍ୟ କରିବା ଇସି ଚାହାନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ପ୍ରଲୋଭିତ କରିବା ଲାଗି ଲାଞ୍ଚ ଦେବାକୁ ଧର୍ତ୍ତବ୍ୟ ଅପରାଧ ବିବେଚିତ କରିବା ନିମନ୍ତେ ଇସି ସରକାରଙ୍କୁ କହିବେ। ଏହା ହେଲେ ଭୋଟରଙ୍କୁ ଟଙ୍କା ଦେବା ହତ୍ୟା, ବଳାତ୍କାର ଭଳି ଗୁରୁତର ଅପରାଧ ଭାବେ ଗଣାହେବ।

ସେନା କର୍ମଚାରୀଙ୍କ କ୍ଷେତ୍ରରେ ନିର୍ବାଚନୀ ଆଇନରେ ଲିଙ୍ଗଗତ ସମାନତା ଆଣିବା ଲାଗି ଇସି ପ୍ରସ୍ତାବ ଦେବେ। ସମ୍ପ୍ରତି ଜଣେ ଯବାନଙ୍କ ପତ୍ନୀ ସର୍ଭିସ ଭୋଟର ଭାବେ ତାଲିକାଭୁକ୍ତ ହେଉଥିବାବେଳେ ମହିଳା ସେନା ଅଧିକାରୀଙ୍କ କ୍ଷେତ୍ରରେ ତାଙ୍କ ସ୍ୱାମୀଙ୍କ ପାଇଁ ଏହି ନିୟମ ଲାଗୁ ହେଉ ନାହିଁ। ଏଭଳି ଏକ ବିଲ୍ ରାଜ୍ୟ ସଭାରେ ଅଟକି ରହିଛି। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ଭଳି ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ସାମ୍ବିଧାନିକ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ପ୍ରସ୍ତାବ ରହିବ। ପୂର୍ବରୁ ନ୍ୟାୟିକ ଆୟୋଗ ମଧ୍ୟ ଇସିମାନଙ୍କୁ ସାମ୍ବିଧାନିକ ସୁରକ୍ଷା ଯୋଗାଇଦେବା ଲାଗି ସୁପାରିସ କରିଥିଲେ।

# ଫେବୃୟାରୀ ୧୫ରୁ ସିବିଏସ୍‌ଇ ଦ୍ୱାଦଶ ଓ ୨୧ରୁ ଦଶମ ପରୀକ୍ଷା

ନୂଆଦିଲ୍ଲୀ,୨୩।୧୨

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୨୦୧୯ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଲାଗି ରବିବାର ତାରିଖ ଘୋଷଣା କରିଛି। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୩ ପର୍ଯ୍ୟନ୍ତ ଚାଲିବ। ସେହିପରି ଦଶମ ବୋର୍ଡ ପରୀକ୍ଷା ଫେବୃୟାରୀ ୨୧ରୁ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମସ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ଦ୍ୱାଦଶ ଶ୍ରେଣୀ ପଦାର୍ଥ ବିଜ୍ଞାନ ପରୀକ୍ଷା ଦିନ ଜେଇଇ ମେନ୍ ପରୀକ୍ଷା ପଡିବାରୁ ଶେଷ ମୁହୂର୍ତ୍ତରେ ପଦାର୍ଥ ବିଜ୍ଞାନ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିଲା। ଏବର୍ଷ ସେଭଳି ସମସ୍ୟା ସୃଷ୍ଟି ହେବନି ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ତୃତୀୟସ୍ଥ ଚନ୍ଦ୍ର ପ୍ରଭାବରୁ ବନ୍ଧୁଙ୍କ ସହ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। କର୍ମକ୍ଷେତ୍ରରେ କୌଣସି ସୁଯୋଗ ପାଇ ମଧ୍ୟ ହରାଇବା ସକାଶେ ବ୍ୟଥିତ ହେବାକୁ ପଡିପାରେ। ଜମିଜମା, ନୂତନ ବାଣିଜ୍ୟାରମ୍ଭ ସକାଶେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ସ୍ୱଜନ ଶତ୍ରୁତା ସମ୍ପର୍କୀୟ କଥାରେ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ବୃଷ**: କୌଣସି କାମର ଅନିଶ୍ଚିତତା ଜନିତ ମନସ୍ତାପ ବନ୍ଧୁଙ୍କ ଆଶ୍ୱାସନା ଓ ସାହାଯ୍ୟ ପ୍ରତିଶ୍ରୁତି ଯୋଗୁ ସାମୟିକ ଦୂରୀଭୂତ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରି ଆସିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରେ ଆସି ସ୍ଥଗିତ ରହିଯାଇଥିବା କାମକୁ ସମ୍ପନ୍ନ କରିବେ।

**ମିଥୁନ**: ପରିବାରାଧିପତି ବୁଧ ଧନାଧିପବୁଧଙ୍କ ସହ ଷଡାଷ୍ଟକ ସ୍ଥିତିରେ ରହିଥିବା କାରଣରୁ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ମନସ୍ତାପ କରିବାକୁ ପଡିପାରେ। ବନ୍ଧୁମାନଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**କର୍କଟ**: ସ୍ୱଗୃହାଭିମୁଖୀ ରାଶ୍ୟାଧିପ ଶତ୍ରୁଗୃହରେ ଅବସ୍ଥାନ କରି ସ୍ୱାସ୍ଥ୍ୟ ସମସ୍ୟାର ପୂର୍ବାବସ୍ଥାକୁ ବଜାୟ ରଖିପାରନ୍ତି। ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସା କରି ପରିଶେଷରେ ମୁଣ୍ଡରେ ହାତଦେଇ ବସି ପାରନ୍ତି।

**ସିଂହ**: ସ୍ୱାର୍ଥ ସାଧନର କ୍ଷୀଣ ଆଶା ଦେଖି କୌଣସି ସାଧାରଣ କଥାର ଦ୍ୱାହି ଦେଇ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଅଫିସରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା କାରଣରୁ କାମରେ ଅଗ୍ରଗତି ଘଟି ନ ପାରେ। ଭ୍ରମଣ, ସାଙ୍ଗଠନିକ ସ୍ଥିତି, ରାଜନୀତି, ପ୍ରଶାସନ ସ୍ତରୀୟ ଆଲୋଚନା ପାଇଁ ଆଜିର ଦିନଟି ବହୁତ ଭଲ।

**କନ୍ୟା**: ସାମୟିକ ସମସ୍ୟା ଦେଖାଦେବାରୁ ହାତକୁ ନେଇଥିବା ଉନ୍ନୟନମୂଳକ କାମଟି ବାଧାପ୍ରାପ୍ତ ହୋଇପାରେ। ଅର୍ଥ ସଂକଟ ଲାଗି ରହିବା କାରଣରୁ ଦୀର୍ଘ ଦିନ ହେଲା ଶେଷ ପର୍ଯ୍ୟାୟରେ ଥିବା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯିବ। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ବିରକ୍ତି ପ୍ରକାଶ କରିବା କାରଣରୁ ସୁସମ୍ପର୍କ ବାଧାପ୍ରାପ୍ତ ହୋଇପାରେ।

**ତୁଳା**: ବନ୍ଧୁମିଳନ ଅବକାଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କର୍ମକ୍ଷେତ୍ରରେ ଈର୍ଷାଳୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, କଳା, ସାହିତ୍ୟ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ବିଛା**: ବହୁତଗୁଡିଏ କାମ ଅଟକି ରହିଥିବା କାରଣରୁ ଟେନ୍ସନ ଲାଗି ରହିବ। ବିବାଦୀୟ ସ୍ଥିତି ମଧ୍ୟରେ ଚଳି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା କ୍ଷେତ୍ରରେ ବନ୍ଧୁଙ୍କ କେଇପଦ କଥା କାମକୁ ଆସିପାରେ। ବାରମ୍ବାର ବାଧାପ୍ରାପ୍ତ ହୋଇ ଅଟକି ରହିଯାଉଥିବା କାମର ସମୀକ୍ଷା କରି ବ୍ୟସ୍ତ ହେବେ। ବ୍ୟବସାୟ, ପରିବହନ କ୍ଷେତ୍ରରେ କିଛି ନା କିଛି ବ୍ୟତିକ୍ରମ ଲାଗି ରହିବ।

**ଧନୁ**: ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଫେରନ୍ତା ବାଟରୁ କିଛି ମୂଲ୍ୟବାନ ଜିନିଷ ଲାଭ କରିପାରନ୍ତି। ବୟସ୍କବ୍ୟକ୍ତିଙ୍କ ପରାମର୍ଶରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସାହିତ୍ୟ, ସଙ୍ଗୀତ, ପ୍ରକାଶନ, ପ୍ରଶାସନ,ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ମକର**: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହମତିରେ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ । ସାଧାରଣ ଘଟଣାକୁ ବୃହତ୍ ଆକାରରେ ଚିନ୍ତା କରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**: ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ଦୁର୍ବଳତା ପ୍ରାୟତଃ ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ପକ୍ଷରୁ ସମସ୍ୟା ଆସିପାରେ।

**ମୀନ**: ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସହଯୋଗ ଜରୁରୀ ହୋଇପାରେ। ଅଫିସ୍ କାମରେ କୌଣସି ବ୍ୟତିକ୍ରମ ଅବଲୋକନ କରିବିରକ୍ତିକର ମନ୍ତବ୍ୟ ଦେବା ଫଳରେ ନୂଆ ସମସ୍ୟାକୁ ସମାଧାନ କରିବାକୁ ପଡିବ। ପରିବହନ, ବ୍ୟବସାୟରେ ଆଶାଜନକ ସୁଫଳ ପାଇବେ। ସାଧାରଣ କଥାକୁ ନେଇ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଅତିରଞ୍ଜିତ କରିପ୍ରଚାର କରିବେ।

ଆଜି ପୌଷ କୃଷ୍ଣ ଦ୍ୱିତୀୟା ସୋମବାର, ଦାଣ୍ଡପହଁରା ଓ ବାଟ ଓଷା, ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ରାଶି ନକ୍ଷତ୍ର- ପୁନର୍ବସୁ/ମିଥୁନ, ଦିବା ଘ୧।୫୩ମି. ଗତେ କର୍କଟ ଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୭।୪୨ମି. ମଧ୍ୟେ, ଘ୧।୦୭ମି. ଗତେ ଘ୨।୨୮ମି. ମଧ୍ୟେ, ଘ୩।୪୯ମି. ଗତେ ଘ୫।୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୩ମି. ଗତେ ଘ୧୦।୨୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୭।୪୩ମି. ଗତେ ଘ୯।୦୪ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସୋମବାର, ୨୪ ଡିସେମ୍ବର, ୨୦୧୮






# ଜାରି ରହିବ ଶୀତ ପ୍ରବାହ

**ଭୁବନେଶ୍ୱର, ୨୩।୧୨ (ବ୍ୟୁରୋ)**

ରାଜ୍ୟରେ ଆହୁରି ୩ରୁ ୪ ଦିନ ଶୀତ ପ୍ରବାହ ଜାରି ରହିବ। ସାରା ରାଜ୍ୟରେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେବ। ଏହା ପ୍ରଭାବରେ ସାରା ରାଜ୍ୟରେ ତାପମାତ୍ରା ହ୍ରାସ ଘଟିବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ ରବିବାର ଏହା କହିଛନ୍ତି। ସାଧାରଣତଃ ଶୀତଦିନେ ରହୁଥିବା ତାପମାତ୍ରା ଆଗାମୀ ୩ରୁ ୪ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ସାରା ରାଜ୍ୟରେ ଶୀତ ପ୍ରବାହ ବଢୁଥିବା ବେଳେ କନ୍ଧମାଳରେ ଏହା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। କନ୍ଧମାଳରେ ତାପମାତ୍ରା ୮.୫ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ଦାରିଙ୍ଗବାଡିଠାରେ ଏହା ସର୍ବନିମ୍ନ ୭.୫ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିପରି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ କଟକ ଏବଂ ସମ୍ବଲପୁରର ତାପମାତ୍ରା ସର୍ବନିମ୍ନ ଯଥାକ୍ରମେ ୧୦.୩, ୯.୩ ଡିଗ୍ରୀ ରେକର୍ଡ କରାଯାଇଛି। ଅନୁଗୋଳ, ବଲାଙ୍ଗୀର, କୋରାପୁଟ, କନ୍ଧମାଳ ଏବଂ ସୋନପୁର ଜିଲାର ଆଭ୍ୟନ୍ତର ଅଞ୍ଚଳରେ କୁହୁଡିର ପ୍ରଭାବ ଦେଖିବାକୁ ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଜମାକାରୀଙ୍କ ୫୦ ଲକ୍ଷ ହଡ଼ପ

## ■ ପୋଷ୍ଟମାଷ୍ଟର ଗିରଫ

**ପାରଳାଖେମୁଣ୍ଡି, ୨୩।୧୨ (ସ୍ୱ.ପ୍ର.)**

ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗରେ ପାରଳାଖେମୁଣ୍ଡି ପୋଲିସ ଜଣେ ପୋଷ୍ଟମାଷ୍ଟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାରଳାଖେମୁଣ୍ଡି ଅଧୀନ ଖଞ୍ଜାସାହି-ହସ୍‌ପିଟାଲ ରାସ୍ତାରେ ଥିବା ଉପ ଡାକଘର ପୋଷ୍ଟମାଷ୍ଟର ଏମ୍. ରାଜକୁମାର ୬୫ରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ୪୯ ଲକ୍ଷ ୯୧ ହଜାର ୧୪୯ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୂର୍ବାଞ୍ଚଳ ସବ୍‌ଡିଭିଜନ ପୋଷ୍ଟାଲ ଇନ୍ସପେକ୍ଟର ବିଜୟ କୁମାର ନାୟକ ଗତ ୧୨ତାରିଖରେ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଏକ ମାମଲା ନଂ-୨୬୧/୧୮ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ପାରଳାଖେମୁଣ୍ଡି ପୋଲିସ କାଶୀନଗର ବ୍ଲକ ଖାଣ୍ଡବା ଗ୍ରାମ ନିକଟରୁ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଏନ୍.ସି. ପତି ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ଜୁନ୍ ୧୩ ତାରିଖରେ ପାରଳାଖେମୁଣ୍ଡି ସହରର ଇ. ନାଗରାଜୁଙ୍କ ଆକାଉଣ୍ଟ ରୁ ୪୯ହଜାର ଟଙ୍କା, ଇ. ରମେଶ କୁମାରଙ୍କ ଆକାଉଣ୍ଟରୁ ୧ଲକ୍ଷ ୪୪ହଜାର ୬୫୫ଟଙ୍କା, ସନ୍ତୋଷିନୀ ମିଶ୍ରଙ୍କ ଆକାଉଣ୍ଟରୁ ୬୦ହଜାର ଟଙ୍କା, ଜଗଦୀଶ ପାଠୀଙ୍କ ଆକାଉଣ୍ଟରୁ ୭୫ହଜାର ଟଙ୍କା ସମେତ ଅନେକ ଜମାକାରୀଙ୍କ ଟଙ୍କା ହଡପ ହୋଇଥିଲା।

# ବିବାହ ପାଇଁ ରାଜି ନ ହେବାରୁ ନାବାଳିକାଙ୍କୁ ହତ୍ୟା

**ବାଲେଶ୍ୱର ଅଫିସ, ୨୩।୧୨**

ଜଣେ ନାବାଳିକା ବିବାହ ପାଇଁ ରାଜି ନ ହେବାରୁ ତାଙ୍କ ପ୍ରେମିକ ଗୁଳିକରି ହତ୍ୟା କରିବା ଘଟଣା ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଶନିବାର ରାତି ୧୦ଟା ବେଳେ ଜଣେ ନାବାଳକ ପ୍ରେମିକ ନାବାଳିକାଙ୍କୁ ହତ୍ୟା କରିବା ପରେ ଗଳାପୋଲ ନିକଟରେ ଫିଙ୍ଗି ଦେଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ପ୍ରେମିକ ଓ ତାଙ୍କ ବାପାଙ୍କୁ ଅଟକ ରଖି ତଦନ୍ତ କରୁଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ମଡେଲ ଥାନା ଅଧୀନ ଗଳାପୋଲ ନିକଟସ୍ଥ ଅଞ୍ଚଳରେ ରହୁଥିବା ଜଣେ ୧୮ ବର୍ଷର ନାବାଳକ କିଛିଦିନ ପୂର୍ବରୁ ଅରଡ଼ବଜାର ସ୍ଥିତ ମସଜିଦ୍ ଗଳିର ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ନାବାଳକ ଜଣକ ଶନିବାର ରାତି ୯ଟା ବେଳେ ଉକ୍ତ ନାବାଳିକାଙ୍କୁ କୌଶଳକ୍ରମେ ଘରକୁ ଡାକି ଆଣିଥିଲେ। ସେଠାରେ ସେ ନାବାଳିକାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ କରିବା ପାଇଁ ବାଧ୍ୟ କରିଥିଲେ। ନାବାଳିକା ଜଣକ ଏଥିରେ ରାଜି ନ ହେବାରୁ ନାବାଳକ ପ୍ରେମିକ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେ ପ୍ରତିଶୋଧ ପରାୟଣ ହୋଇ ରାତି ପ୍ରାୟ ୧୦ଟା ବେଳେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣା ସମ୍ପର୍କରେ ନାବାଳକଙ୍କ ବାପା ଜାଣିବା ପରେ ଏହାକୁ ଲୁଚାଇବା ଲାଗି ଉଦ୍ୟମ କରିଥିଲେ। ବାପପୁଅ ମିଶି ନାବାଳିକାଙ୍କ ମୃତଦେହକୁ ଗଳାପୋଲ ନିକଟ ରାସ୍ତାକଡ଼କୁ ଫିଙ୍ଗି ଦେଉଥିବା ବେଳେ ସ୍ଥାନୀୟ ଲୋକମାନେ ଜାଣିପାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବାପ ପୁଅଙ୍କୁ ଅଟକ ରଖିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏନେଇ ଥାନାରେ ମାମଲା (ନଂ.୩୫୬/୧୮) ରୁଜୁ କରାଯାଇଛି। ଗୁଳି କରିଥିବା ବନ୍ଧୁକ ଜବତ ହୋଇପାରି ନ ଥିବାବେଳେ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ନରେନ୍ଦ୍ର ନାଥ ସୂତାର କହିଛନ୍ତି।






ସାଧାରଣତଃ ନାରୀକୁ ଇ ଭୌତିକ ସ୍ତରରେ ଅଧିକ ପ୍ରବୀଣ ବୋଲି କୁହାଯାଇପାରେ। କାରଣ ସେ ନିଜର ବୋଧିଶକ୍ତିକୁ ଅନୁସରଣ କରେ। ସାଧାରଣତଃ ସେ ବସ୍ତୁକୁ ସଜାଡିବା ପାଇଁ ଅଧିକ ସମର୍ଥ ହୋଇଥାଏ। କାର୍ଯ୍ୟ ଭିତରକୁ ମଧ୍ୟ ସିଧାସଳଖ ପ୍ରବେଶ କରେ। କିନ୍ତୁ ପୁରୁଷମାନେ କେବଳ ଚିନ୍ତାଧାରା ଓ ମାନସିକ ଗଠନ ଭିତରେ ଘୁରି ବୁଲୁଥାନ୍ତି।
-ଶ୍ରୀଅରବିନ୍ଦ

# ଅମଲାତନ୍ତ୍ରୀଙ୍କ ଇଚ୍ଛା

ସୁପ୍ରିମକୋର୍ଟଙ୍କ ୯ ଜଣିଆ ବୃହତ୍ ଖଣ୍ଡପୀଠ ୨୦୧୭ ଅଗଷ୍ଟ ୨୪ରେ ଏକ ଐତିହାସିକ ରାୟ ଦେଇ କହିଥିଲେ ଯେ, ପ୍ରିଭେସି ହେଉଛି ବ୍ୟକ୍ତିର ସାମ୍ବିଧାନିକ ମୌଳିକ ଅଧିକାର। ସେତେବେଳେ ଏହି ରାୟକୁ ବିଭିନ୍ନ ବର୍ଗ ସ୍ୱାଗତ କରିଥିଲେ। ପ୍ରିଭେସି ବା ଅନ୍ତରଙ୍ଗ ଗୋପନୀୟତା ଜଣେ ନାଗରିକର ଶାରୀରିକ, ମାନସିକ ଏବଂ ମୌଳିକ କାର୍ଯ୍ୟ ଓ ତଥ୍ୟକୁ ବୁଝାଏ। ମୌଳିକ ଅଧିକାର ଘୋଷଣା ହେବା ପରେ ଏହାକୁ ଶକ୍ତିଶାଳୀ କରିବା ଦିଗରେ ବିଭିନ୍ନ ଆଇନ ପ୍ରଣୟନ କରାଯିବ ବୋଲି ଆଶା ଥିଲା। ତାହା ନ ହୋଇ ଏହି ଅଧିକାରକୁ ସଙ୍କୁଚିତ ଓ ବାଟବଣା କରିବା ପାଇଁ କେନ୍ଦ୍ର ସରକାର ସବୁ ବଳ ଲଗାଉଥିବା ଭଳି ମନେହେଉଛି। ନିକଟରେ ଜାତୀୟ ନିରାପତ୍ତାର ଦ୍ୱାହି ଦେଇ କେନ୍ଦ୍ର ସରକାର ଯେକୌଣସି ବ୍ୟକ୍ତିଙ୍କ ସବୁ ତଥ୍ୟ ବିନା ନୋଟିସ ବା କାରଣ ଦର୍ଶାଇ ଯାଞ୍ଚ କରିପାରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଗୋଇନ୍ଦା ବ୍ୟୁରୋ (ଆଇବି), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ୧୦ ସଂସ୍ଥା ଦେଶର ସବୁ କମ୍ପ୍ୟୁଟରରୁ ବିନା ବାଧାରେ ତଥ୍ୟ ନେଇପାରିବେ। ରାଷ୍ଟ୍ରୀୟ ନିରାପତ୍ତା ଆଳରେ ନାଗରିକଙ୍କ ଉପରେ ଗୋଇନ୍ଦାଗିରି କରାଯିବାର ଏହା ବାଟ ପ୍ରଶସ୍ତ କରିଦେଲା ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ପାର୍ଲାମେଣ୍ଟର ଉଭୟ ଗୃହରେ ସରକାରଙ୍କ ଏହି ଅଗଣତାନ୍ତ୍ରିକ ପଦକ୍ଷେପକୁ ବିରୋଧୀ ନିନ୍ଦା କରିଛନ୍ତି।

ଜନସାଧାରଣଙ୍କ କମ୍ପ୍ୟୁଟରରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ତଥ୍ୟ ହାସଲ କରିବା ଅର୍ଥ ହେଉଛି ପ୍ରିଭେସିକୁ ନେଇ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଉଲ୍ଲଂଘନ। ଏକ ଗଣତାନ୍ତ୍ରିକ ଦେଶରେ ନାଗରିକର ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ସ୍ୱାଧୀନତା ଓ ଅନ୍ତରଙ୍ଗ ଗୋପନୀୟତା ରକ୍ଷା। ଅନ୍ୟପକ୍ଷରେ ଏକଛତ୍ରବାଦର ପ୍ରଥମ ସଙ୍କେତ ହେଉଛି ନାଗରିକର ସ୍ୱାଧୀନତା ଓ ମୌଳିକ ଅଧିକାର ଉପରେ ଅଙ୍କୁଶ ଲାଗିବା। ଆଜିର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଯାହା ପାଖରେ ଯେତେ ତଥ୍ୟ ରହିଛି, ସେ ସେତେ ଧନୀ ବୋଲି ଗଣାଯାଉଛନ୍ତି। ବର୍ତ୍ତମାନ କେବଳ ସୂଚନା ଓ ତଥ୍ୟ ସଂଗ୍ରହ କରିବା ହୋଇପଡ଼ିଛି ବ୍ୟବସାୟୀଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ, ସ୍ୱଇଚ୍ଛାରେ ଲିପ୍ତ ହେବାକୁ ପସନ୍ଦ କରୁଛନ୍ତି। ଆଧାର କାର୍ଯ୍ୟକ୍ରମ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ରହିଆସିଛି। ନିକଟରେ ଆଧାର ବ୍ୟବହାର ନେଇ ଶୀର୍ଷ ଅଦାଲତ କିଛିଟା ରୋକ ଲଗାଇଥିଲେ ମଧ୍ୟ ପାଖାପାଖି ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନାଗରିକଙ୍କ ତଥ୍ୟ ସରକାରଙ୍କ ଡାଟାବେସ୍ ବା ତଥ୍ୟାବଳୀରେ ସାଇତା ହୋଇସାରିଛି ବୋଲି କୁହାଯାଉଛି। ଏଥିସହିତ ପାନ୍‌କାର୍ଡ ସଂଯୋଗ ବାଧ୍ୟତାମୂଳକ କରାଯାଇଥିବାରୁ ସୁପ୍ରିମକୋର୍ଟ ନିଜେ ଦେଇଥିବା ପ୍ରିଭେସି ରାୟକୁ ଖୋଦ୍ ସେହି ସର୍ବୋଚ୍ଚ ଅଦାଲତ ଭାଙ୍ଗି ଚୂରମାର କରିଦେଇଛନ୍ତି।

ଡିସେମ୍ବର ୨୦, ୨୦୧୮ ବିଳମ୍ବିତ ରାତ୍ରିରେ କେନ୍ଦ୍ର ସରକାରଙ୍କର ସ୍ୱରାଷ୍ଟ୍ର ସଚିବ ଏକ ଅଜବ ସରକାରୀ ନିର୍ଦ୍ଦେଶନାମା ଜାରିକଲେ। ସେଥିରେ ଦିଲ୍ଲୀ ପୋଲିସ ଓ ସିବିଆଇ ସହିତ ଦଶଟି କେନ୍ଦ୍ର ପରିଚାଳିତ ସଂସ୍ଥାକୁ ଯେକୌଣସି କମ୍ପ୍ୟୁଟର ଯାଞ୍ଚ ଏବଂ ଜବତ କରିବାର କ୍ଷମତା ଦେଶବ୍ୟାପୀ ଦେଇଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମରେ ସମାଲୋଚନା ହେବାରୁ ସରକାର ପରିବର୍ତ୍ତେ ଭାଜପାର ମୁଖପାତ୍ରମାନେ ନିଷ୍ପତ୍ତିକୁ ସମର୍ଥନ କରିବାକୁ ଆଗେଇ ଆସିଥିଲେ। ସେମାନେ ଯୁକ୍ତି ବାଢ଼ିଥିଲେ ଯେ, ଏହା କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ୨୦୦୯ ନିଷ୍ପତ୍ତି ଉପରେ ଆଧାରିତ। ସେମାନଙ୍କ ଯୁକ୍ତିକୁ ଖୁଣି ହେବନାହିଁ। ୨୦୧୪ ନିର୍ବାଚନ ଜିତିବା ପରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ବିଭିନ୍ନ ଅର୍ଥନୈତିକ ଓ ପ୍ରଶାସନିକ ନିଷ୍ପତ୍ତି କାର୍ଯ୍ୟକାରୀ କରାଇ ଚାଲିଛନ୍ତି। ଆଧାର, ବିମୁଦ୍ରୀକରଣ, ଜିଏସ୍‌ଟି ଏବଂ ବ୍ୟାଙ୍କ ପରିଚାଳନା ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନେବା ପରେ ସମାଲୋଚନାର ସମ୍ମୁଖୀନ ହେବା ମାତ୍ରକେ, ମୋଦି ସରକାର ସଫେଇ ଦେଲେ ଯେ, ଏହା କଂଗ୍ରେସ ସରକାର ସମୟର ନିଷ୍ପତ୍ତି ଥିଲା। ଏପରିକି ବିମୁଦ୍ରୀକରଣ ସମ୍ପର୍କରେ କଂଗ୍ରେସ ନେତୃତ୍ୱ ଚିନ୍ତା କରିବା ପରେ ପଛଘୁଞ୍ଚା ଦେଇଥିଲା ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଉଲ୍ଲେଖ କରିଥିଲେ। ଏହା ପ୍ରମାଣ କରିଦେଉଛି ଯେ ଅନେକ ମାରାତ୍ମକ ଚିନ୍ତାଧାରା ଆସୁଥିବା ସତ୍ତ୍ୱେ କଂଗ୍ରେସର ରାଜନୈତିକ ଶକ୍ତି ସେଗୁଡ଼ିକୁ ଦମନ କରିପାରୁଥିଲା। ଏହିଭଳି ଲୋକମାରଣ ନୀତି ସବୁବେଳେ ଅମଲାତାନ୍ତ୍ରିକ ମୁଣ୍ଡରୁ ଜନ୍ମ ନେଇଥାଏ। ସେହିସବୁ ମାରାତ୍ମକ ଚିନ୍ତାଧାରାକୁ ଆୟତ୍ତ କରିପାରିବା ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଲକ୍ଷଣ। ମୋଦିଙ୍କ ଭାରତରେ କେବଳ ଗୋଟିଏ ବିରାଟବଡ଼ ତଫାତ୍ ଦେଖିବାକୁ ମିଳିଲା। ଗୁଜରାଟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ପୋଲିସ ଓ ଅମଲାତନ୍ତ୍ରୀଙ୍କୁ ବ୍ୟବହାର କରି ଅନେକ ସୁଫଳ ଓ କୁଫଳ ମୋଦିଙ୍କ ଦ୍ୱାରା ହାସଲ କରାଯାଇଥାଇପାରେ। ଭାରତର ପ୍ରାୟ ସବୁ ରାଜ୍ୟରେ ଅମଲାତନ୍ତ୍ରୀଙ୍କ ପ୍ରାଦୁର୍ଭାବ ଯୋଗୁ ଆଜିର କୃଷକ ଅସନ୍ତୋଷ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୋହଲାଇବା ସହିତ ଜାତୀୟ ଅର୍ଥନୀତିକୁ ବିରାଟବଡ଼ ଆଘାତ ପହଞ୍ଚାଇଛି। ଗୁଜରାଟରେ କରୁଥିବା ଅମଲାତନ୍ତ୍ରଭିତ୍ତିକ ବ୍ୟବସ୍ଥାକୁ ଦିଲ୍ଲୀରେ ପ୍ରୟୋଗ କରିଦିଆଯାଇଛି।

ଅମଲାତନ୍ତ୍ରୀଙ୍କ ମାନସିକତାରୁ ଜନ୍ମ ନେଇଛି ସ୍ନୁପିଂ ବା ନାଗରିକର ସବୁ ତଥ୍ୟ ଜାଣିବା ପାଇଁ ପ୍ରବଳ ଭୋକ। ୨୦ ଡିସେମ୍ବରର ନିର୍ଦ୍ଦେଶନାମା ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଅମଲାତନ୍ତ୍ରୀମାନେ କେବେହେଲେ ଗଣତାନ୍ତ୍ରିକ ପଦ୍ଧତିକୁ ପସନ୍ଦ କରନ୍ତି ନାହିଁ। ସେମାନଙ୍କ ଇଚ୍ଛା କେବଳ ଜଣେମାତ୍ର ଲୋକପ୍ରତିନିଧିଙ୍କ ସହିତ ବିଚାରବିମର୍ଶ କରି କାର୍ଯ୍ୟ କରିବେ। ସେହି ଲୋକପ୍ରତିନିଧି ଚରିତ୍ରରେ ଯଦି ଏକଛତ୍ରବାଦର ଆଭାସ ମିଳିବ, ତାହାକୁ ଉତ୍ସାହିତ କରିବା ପାଇଁ ଅମଲାତନ୍ତ୍ରୀ ଲାଗିପଡ଼ନ୍ତି। ଯେଉଁଥିପାଇଁ ସର୍ବନିମ୍ନ ସ୍ତରରେ ଥିବା ତହସିଲଦାର, ବିଡିଓଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚରେ ଥିବା କ୍ୟାବିନେଟ୍ ସେକ୍ରେଟାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଲୋକ ପ୍ରତିନିଧିମାନଙ୍କୁ ହୀନଚକ୍ଷୁରେ ଦେଖିଥାଆନ୍ତି। ମୋଦିଙ୍କ ଭଳି ନେତା ପାଇଯିବା ଫଳରେ ଅମଲାତନ୍ତ୍ରୀଙ୍କର ପ୍ରବଳ କ୍ଷମତା ବଢ଼ିଛି। ଏହି ସ୍ନୁପିଂ ନିର୍ଦ୍ଦେଶନାମା ହେଉଛି ତାହାର ଏକ ଉଦାହରଣ, ଯେଉଁଥିରେ ସ୍ପଷ୍ଟ ଜଣାପଡୁଛି ଯେ, ଯେଉଁ ରାଜନୈତିକ ଦଳ ଆସୁ ବା ଯାଉ, ଦେଶର ନାଗରିକଙ୍କୁ କବଳରେ ରଖିବାର କ୍ଷମତା ସର୍ବଦା ସରକାରୀ କର୍ମଚାରୀଙ୍କ ପାଖରେ ରହିବ। ଅନ୍ୟପଟେ କରଦାତାଙ୍କ ଅର୍ଥରୁ ଦରମା ପାଉଥିବା ଏହି ଅମଲାତନ୍ତ୍ରୀ କରଦାତାଙ୍କ ଉପରେ ଚଢ଼ାଉ କରିପାରିବେ। ଏହା ହେଉଛି ଭାରତୀୟ ଗଣତନ୍ତ୍ରର ବିନାଶର ସୂଚନା।

# ତଥ୍ୟ ବିକୃତୀକରଣ ନକାରାତ୍ମକ ରାଜନୀତି



ଡ. ସନ୍ତୋଷ କୁମାର ମହାପାତ୍ର

ସାଧାରଣତଃ ଗୋଟିଏ ଦେଶର ପ୍ରଗତି, ଅଭିବୃଦ୍ଧି, ଜନସାଧାରଣ କିପରି ଅଛନ୍ତି ତାହାର ବିଭିନ୍ନ ତଥ୍ୟ ଗବେଷଣାରୁ ଜଣାପଡ଼ିଥାଏ। ତଥ୍ୟ ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକରେ କୌଣସି ସରକାର ହସ୍ତକ୍ଷେପ କରନ୍ତି ନାହିଁ। ସେହି ସଂସ୍ଥା ତଥ୍ୟ ପ୍ରକାଶ କଲା ପରେ ସରକାର ଜାଣନ୍ତି। ସେପରି ଏକ ସଂସ୍ଥା ହେଉଛି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ)। ବର୍ତ୍ତମାନ କେନ୍ଦ୍ର ସରକାର ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ଏହି ସଂସ୍ଥାର କାର୍ଯ୍ୟକାରିତା ଉପରେ ହସ୍ତକ୍ଷେପ କରୁଛନ୍ତି। ଯେପରି ଉପା ସରକାର ଅମଳରେ ବର୍ତ୍ତମାନର ସରକାରଠାରୁ ଆର୍ଥିକ ଅଭିବୃଦ୍ଧି କମ୍ ହୁଏ ତାହା ଦେଖାଇବା ପାଇଁ ପ୍ରଚେଷ୍ଟା କରୁଛନ୍ତି, ଯାହା ନିନ୍ଦନୀୟ ଓ ନକାରାତ୍ମକ ରାଜନୀତି। ଯଦି ସରକାର ଗୋଟିଏ ପରେ ଗୋଟିଏ ସ୍ୱାଧୀନ ସଂସ୍ଥାର ସ୍ୱାଧୀନତା ଛଡ଼ାଇନେବେ ବା ହସ୍ତକ୍ଷେପ କରିବେ ତେବେ ଦେଶ ରସାତଳକୁ ଯିବ। ଲୋକ ପ୍ରକୃତ ତଥ୍ୟ ଜାଣିପାରିବେ ନାହିଁ। ସରକାର କିଛି କାମ ନ କରି ମଧ୍ୟ ବିଫଳତାକୁ ସହଜରେ ସଫଳତାର ରୂପ ଦେଇପାରିବେ।

ଉଲ୍ଲେଖଯୋଗ୍ୟ ଭାଜପା କ୍ଷମତାସୀନ ହେଲା ପରେ ୨୦୧୫ରେ ଜିଡିପି ଆକଳନ ପଦ୍ଧତିରେ ପରିବର୍ତ୍ତନ କରିଥିଲା। ପୂର୍ବରୁ ଜିଡିପି ଫାକ୍ଟର ପ୍ରାଇସ୍‌ରେ ଅର୍ଥାତ୍ କୃଷି, ଶିଳ୍ପ ଓ ସେବା କ୍ଷେତ୍ରର ସମ୍ମିଶ୍ରଣରେ ଆକଳନ କରାଯାଉଥିଲା। କିନ୍ତୁ ନୂତନ ପଦ୍ଧତିର ଜିଡିପି ମାର୍କେଟ ପ୍ରାଇସ୍‌ରେ ଆକଳନ କରାଗଲା। ଅର୍ଥାତ୍ ପୂର୍ବ ପଦ୍ଧତିରେ ଆକଳିତ ଜିଡିପିରେ ସବ୍‌ସିଡି ବିଯୁକ୍ତ କରି ପରୋକ୍ଷ କର ଯୁକ୍ତ କରାଗଲା। ଯେତେବେଳେ ଜିଡିପି କରେଣ୍ଟ ପ୍ରାଇସ୍ ବା ଚଳନ୍ତି ମୂଲ୍ୟରେ ଆକଳନ କରାଯାଏ, ତାକୁ ନୋମିନାଲ ଜିଡିପି କୁହାଯାଏ। ଯଦି ଏକ ନିର୍ଦ୍ଦିଷ୍ଟ ବର୍ଷର ମୂଲ୍ୟକୁ ବେସ୍ ଇୟର ଧରି ଜିଡିପି ଆକଳନ କରାଯାଏ (ପ୍ରାଇସ ଡିଫ୍ଲେଟର ମାଧ୍ୟମରେ) ତାକୁ ଜିଡିପି ଆଟ୍ କନ୍‌ଷ୍ଟାଣ୍ଟ ପ୍ରାଇସ୍ ବା ବାସ୍ତବ ଜିଡିପି କୁହାଯାଏ। ପୂର୍ବରୁ ୨୦୦୪-୦୫ ବେସ୍ ଇୟର ଥିଲାବେଳେ ନୂତନ ପଦ୍ଧତିରେ ଏହାକୁ ୨୦୧୧-୧୨ ବର୍ଷକୁ ପରିବର୍ତ୍ତନ କରାଯାଇଥିଲା। ଏପରି ପରିବର୍ତ୍ତନ କରିବା ଦ୍ୱାରା ୨୦୧୧-୧୨ ପରେ ପୂର୍ବ ଆକଳିତ ଜିଡିପିରେ ପରିବର୍ତ୍ତନ ଘଟି ଅଧିକ ହୋଇଥିଲା। ୨୦୧୧-୧୨ ପରବର୍ତ୍ତୀ ବର୍ଷର ସଂଶୋଧିତ ଜିଡିପି ଆକଳନ କରାଗଲାବେଳେ ୨୦୦୪-୦୫ରୁ ୨୦୧୦-୧୧ ପର୍ଯ୍ୟନ୍ତ ଏହା ସଂଶୋଧନ କରାଯାଇ ନ ଥିଲା। ଫଳରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସମ୍ଭବ ନ ଥିଲା। ଏଣୁ ୨୦୦୪-୦୫ରୁ ୨୦୧୧-୧୨ ପର୍ଯ୍ୟନ୍ତ ଯେଉଁ ସଂଶୋଧିତ ଜିଡିପି ଆକଳନ କରାଯାଇଛି, ତାହାକୁ ପିଛିଲା ଡାଟା କୁହାଯାଏ। କିନ୍ତୁ ଏହି ଆକଳନରେ ତ୍ରୁଟି ରହିଛି ଏବଂ ଜାଣିଶୁଣି ଉପା ସରକାର ଅମଳରେ କମ୍ ଅଭିବୃଦ୍ଧି ଦର୍ଶାଯାଇଛି ବୋଲି ଅଭିଯୋଗ ହୋଇଛି।

ପ୍ରଥମ କଥା ସର୍ବଦା ଜିଡିପି ତଥ୍ୟ ସିଏସ୍‌ଓ ପ୍ରଦାନ କରିଥାଏ। ଏଥର କିନ୍ତୁ ନୀତି ଆୟୋଗର ଉପାଧ୍ୟକ୍ଷ ଏବଂ ସିଏସ୍‌ଓର ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରବୀଣ ଶ୍ରୀବାସ୍ତବ ମିଳିତ ଭାବେ ତଥ୍ୟ ପ୍ରଦାନ କରିଛନ୍ତି। ଏହାର ଅର୍ଥ ସରକାର ନୀତି ଆୟୋଗ ମାଧ୍ୟମରେ ସିଏସ୍‌ଓ କାର୍ଯ୍ୟ ଉପରେ ହସ୍ତକ୍ଷେପ କରିଛନ୍ତି। ଏହି ପିଛିଲା ତଥ୍ୟ ଅନୁଯାୟୀ ଉପା ସରକାର ଅମଳରେ (୧୦ ବର୍ଷରେ) ହାରାହାରି ଅଭିବୃଦ୍ଧି ପୂର୍ବ ଆକଳନ ଅନୁଯାୟୀ ୭.୭୫% (ଉପା-୧ରେ ୮.୧% ଏବଂ ଉପା-୨ରେ ୭.୪୬%) ନ ହୋଇ ୬.୭% ହୋଇଛି, ଯାହା ବର୍ତ୍ତମାନର ଏନ୍‌ଡିଏ-୨ ସରକାରଙ୍କ ଶେଷ ୪ବର୍ଷର ହାରାହାରି ଅଭିବୃଦ୍ଧି ହାର ୭.୩%ଠାରୁ କମ୍। ୨୦୦୫ରୁ ୨୦୧୧-୧୨ ମଧ୍ୟରେ ଉପା ସରକାରଙ୍କ ପ୍ରତ୍ୟେକ ବର୍ଷର ଅଭିବୃଦ୍ଧିକୁ କମ୍ କରି ଦର୍ଶାଯାଇଛି। ଏପରିକି ୨୦୧୦-୧୧ରେ ଯେଉଁ ୧୦.୩% ହୋଇଥିଲା ତାହାକୁ ୮.୫%କୁ ଖସାଇ ଦିଆଯାଇଛି। ଏହି ଆକଳନକୁ ନେଇ ଅନେକ ବାଦବିବାଦ ଦେଖାଦେଇଛି। ଅନେକ ଅର୍ଥନୀତିଜ୍ଞ ଏହାକୁ ସମାଲୋଚନା କରିଛନ୍ତି। ନିଜକୁ ଉଚ୍ଚା କରି ଦେଖାଇବା ପାଇଁ ସରକାର ହସ୍ତକ୍ଷେପ କରି ଏପରି ତଥ୍ୟ ପ୍ରଦାନ କରିଛନ୍ତି ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଅଗଷ୍ଟ ୨୦୧୮ରେ ଜାତୀୟ ପରିସଂଖ୍ୟାନ ଆୟୋଗ (ଡ. ସୁଦୀପ୍ତ ମଣ୍ଡଳଙ୍କ ଅଧ୍ୟକ୍ଷତାରେ) ଦ୍ୱାରା ପ୍ରକାଶିତ ବ୍ୟାକ୍ ସିରିଜ ଡାଟା ଅନୁସାରେ ଏନ୍‌ଡିଏ-୧ ସରକାର ଅମଳରେ ହାରାହାରି ୫.୬୮%, ଏନ୍‌ଡିଏ-୨ରେ ଚାରିବର୍ଷରେ ହାରାହାରି ୭.୩% ଅଭିବୃଦ୍ଧି ହୋଇଥିଲାବେଳେ ଉପା ସରକାର-୧ ସମୟରେ ହାରାହାରି ୮.୩୭% ଏବଂ ଉପା ସରକାର-୨ ଅମଳରେ ହାରାହାରି ୭.୬୮% ହୋଇଛି। ସବୁଠାରୁ ବଡ଼କଥା ହେଉଛି ଉପା ସରକାର ଅମଳରେ ୪ ଥର ଅଭିବୃଦ୍ଧି ହାର ୯% ଅତିକ୍ରାନ୍ତ କରିଥିଲା ଏବଂ ୨୦୧୦-୧୧ରେ ୧୦.୭୦% ହୋଇଥିଲା, ଯାହା ସର୍ବକାଳୀନ ରେକର୍ଡ। କିନ୍ତୁ ଏନ୍‌ଡିଏ-୨ ସରକାରକୁ ଏହି ତଥ୍ୟ ଗ୍ରହଣୀୟ ନ ଥିଲା, ଯାହାଫଳରେ ପୁନଃ ନୂତନ ତଥ୍ୟ ପ୍ରଦାନ କରାଯାଇଛି।

ସଦ୍ୟ ପ୍ରକାଶିତ ବ୍ୟାକ୍ ସିରିଜ୍ ଡାଟାକୁ ସରକାର ସମର୍ଥନ କରିବା ସହିତ ଏହାର ଆକଳନ ଅନ୍ତର୍ଜାତୀୟ ସ୍ତରରେ ବ୍ୟବହୃତ ପଦ୍ଧତି ଦ୍ୱାରା ହୋଇଛି ବୋଲି କହିଛନ୍ତି। ବିଭିନ୍ନ ଦ୍ରବ୍ୟ ଓ ସେବା ଉପରେ ଗୁରୁତ୍ୱ ଦେବାରେ ଭିନ୍ନତା ଉପା ସରକାର ଅମଳର ଜିଡିପି କମ୍ ହେବାର ଏକ କାରଣ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅଶୋକ ଭି. ଦେଶାଇଙ୍କ କହିବା ଅନୁଯାୟୀ ଅନେକ ବର୍ଷ ପୂର୍ବର ଏପରିକି ୧୮୦୦ ମସିହାର ଜିଡିପି ବର୍ତ୍ତମାନ ବେସ୍ ଇୟର (୨୦୧୧-୧୨) ଅନୁସାରେ ଆକଳନ କରାଯାଇପାରିବ। କିନ୍ତୁ ସମସ୍ୟା ହେଉଛି ସେତେବେଳର ବ୍ୟବହୃତ ଦ୍ରବ୍ୟ ଓ ସେବା ମଧ୍ୟରୁ କିଛି ସେତେବେଳେ ଆଦୌ ନ ଥିବ। ଏଣୁ ଏପରି ଆକଳନରେ ତ୍ରୁଟି ରହିଥାଏ। ପୁନଶ୍ଚ ରିଜର୍ଭ ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ବିଭାଗକୁ ଏବଂ ଷ୍ଟକ୍ ବ୍ରୋକିଙ୍ଗ୍‌କୁ ବର୍ତ୍ତମାନ ଜିଡିପି ଆକଳନରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଭୁଲ କାରଣ ଏହା କୌଣସି ବ୍ୟବସାୟ କରେ ନାହିଁ। ସେହିପରି ପୁରୁଣା ସିରିଜ୍‌ରେ ଟେଲିକମ୍ ସେକ୍ଟରରେ କେତେଜଣ ଉପଭୋକ୍ତା ତାହାକୁ ନେଇ ଆକଳନ କରାଯାଉଥିଲା ବେଳେ ବର୍ତ୍ତମାନ କେତେ ସମୟ ବ୍ୟବହାର କରୁଛନ୍ତି ବା କଥାବାର୍ତ୍ତା ହେଉଛନ୍ତି ତାହାକୁ ନେଇ ଜିଡିପି ଆକଳନ କରାଯାଉଛି। ଏହା କିନ୍ତୁ ଭୁଲ କାରଣ ବର୍ତ୍ତମାନ କଲ୍ କରିବା ଶସ୍ତା ହୋଇଛି। ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ଦେଇ ଜଣେ ଅନିର୍ଦ୍ଦିଷ୍ଟ ସମୟ ପାଇଁ କଥା ହୋଇପାରିବ। ଏହି ସୁବିଧା ଆଗରୁ ନ ଥିଲା। ଗ୍ରାହକ ବା ଉପଭୋକ୍ତା ସଂଖ୍ୟା ବୃଦ୍ଧି ଜିଡିପିରେ ପ୍ରତିଫଳନ ହେବା ଆବଶ୍ୟକ। ଜିଡିପି ହାର ପାର୍ଥକ୍ୟର ଏକ ପ୍ରମୁଖ କାରଣ ହେଲା ସ୍ଲାଇସିଂ ବା ମର୍ଜର ବା ଡାଟାର ମିଶ୍ରଣ। ଏହା କେବେ ଠିକ୍‌ଭାବେ କରିହୁଏ ନାହିଁ। ଉଦାହରଣ ସ୍ୱରୂପ କର୍ପୋରେଟ ସେକ୍ଟର ଅଭିବୃଦ୍ଧି ଆଦି ଆକଳନ ପାଇଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କର କମ୍ପାନୀ ମନ୍ତ୍ରଣାଳୟର ତଥ୍ୟ ବ୍ୟବହାର କରାଯାଉଛି। କିନ୍ତୁ ୨୦୧୦-୧୧ ପୂର୍ବରୁ ଏହି ତଥ୍ୟ ଠିକ୍‌ଭାବେ ସଂଗୃହୀତ ହୋଇ ନ ଥିଲା। ଏପରିକି ୨୦୦୬-୦୭ ପୂର୍ବରୁ ଏହା ଆଦୌ ନ ଥିଲା। ଏ ପରିପ୍ରେକ୍ଷୀରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମିର ତଥ୍ୟ ବ୍ୟବହାର କରାଯାଇଛି, ଯାହାଦ୍ୱାରା ଉପା ସରକାର ଅମଳରେ ଅଭିବୃଦ୍ଧି କମ୍ ହୋଇଛି। ଏହିପରି ତ୍ରୁଟିପୂର୍ଣ୍ଣ ପଦ୍ଧତିରେ ନିର୍ମାଣ କ୍ଷେତ୍ରର ସମ୍ପୂର୍ଣ୍ଣ ତଥ୍ୟ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କିଛି ଅଂଶ ଗ୍ୟାସ, ବାଣିଜ୍ୟ, ମରାମତି, ହୋଟେଲ, ରେଷ୍ଟୁରାଣ୍ଟ, ରିୟଲ ଇଷ୍ଟେଟ୍, ଲୋକ ପ୍ରଶାସକ, ପ୍ରତିରକ୍ଷା ଆଦିର କିଛି ତଥ୍ୟ ବ୍ୟାକ୍ ସିରିଜ୍ କ୍ଷେତ୍ରରେ ଠିକ୍‌ଭାବେ ଉପଲବ୍ଧ ନ ଥିବାରୁ ଆନୁମାନିକ ଭାବେ ନିଆଯାଇଛି, ଯାହାକୁ ଉପା ସରକାରର କମ୍ ଅଭିବୃଦ୍ଧି ଦେଖାଇବା ପାଇଁ ମାଧ୍ୟମ ଭାବେ ବ୍ୟବହାର କରାଯାଇଛି।

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ଉପା ସରକାର ତୁଳନାରେ ବର୍ତ୍ତମାନ ଏନ୍‌ଡିଏ ସରକାର ଅମଳରେ ଅଧିକ ଅଭିବୃଦ୍ଧି ହୋଇଛି ତେବେ ବିଭିନ୍ନ ସୂଚକାଙ୍କରେ ଉପା ସରକାରଠାରୁ ବର୍ତ୍ତମାନ ସରକାର ମଧ୍ୟ ଉନ୍ନତ ସ୍ଥିତିରେ ରହିବା କଥା। କିନ୍ତୁ ବାସ୍ତବରେ ପ୍ରାୟ ସବୁ କ୍ଷେତ୍ରରେ ସୂଚକାଙ୍କରେ ଉପା ସରକାରଠାରୁ ଏନ୍‌ଡିଏ ସରକାର ପଛରେ ଅଛି। ଉଦାହରଣସ୍ୱରୂପ ଉପା ଅମଳରେ ୨୦୦୬-୦୭ରୁ ୨୦୧୧-୧୨ରେ ବ୍ୟାଙ୍କଋଣ ବୃଦ୍ଧିହାର ହାରାହାରି ୨୦.୩% ଥିଲାବେଳେ ବର୍ତ୍ତମାନ ଏନ୍‌ଡିଏ ସରକାର ଅମଳରେ ଏହା ୧୨.୩% ହୋଇଛି। ୨୦୧୪ରେ ରପ୍ତାନି ପରିମାଣ ୩୧୫ ବିଲିୟନ ଡଲାର ଥିଲା, କିନ୍ତୁ ବର୍ତ୍ତମାନ ଏହା କମ୍ ଅଛି। ଅଣତୈଳଦ୍ରବ୍ୟ ରପ୍ତାନି ବୃଦ୍ଧିହାର ୨୦୦୪-୦୫ରୁ ୨୦୧୩-୧୪ରେ ୧୪.୧% ହୋଇଥିଲାବେଳେ ଗତ ୪ ବର୍ଷରେ ଏହା ୧.୪% ହୋଇଛି। ସେହିପରି ଉପା ଅମଳରେ ଟିକସ ଆଦାୟ ହାର ଅଧିକ ହୋଇଛି। ୨୦୦୬-୦୭ରୁ ୨୦୧୨-୧୩ ମଧ୍ୟରେ ଟିକସ ବୃଦ୍ଧିହାର ୧୬.୫% ହୋଇଥିଲାବେଳେ ୨୦୧୨-୧୩ ପରେ ଏହା ୧୩.୮% ହୋଇଛି। ନିବେଶ ହାର ୨୦୧୦-୧୧ର ୩୯.୮% ଥିଲାବେଳେ ୨୦୧୭-୧୮ରେ ଏହା ୩୦. ୬%କୁ ହ୍ରାସ ପାଇଛି। ସେହିପରି ମୋଟ ଆଭ୍ୟନ୍ତରୀଣ ସଞ୍ଚୟ ହାର ସେହି ଅବଧିରେ ୩୬.୨%ରୁ ୨୯.୬%କୁ ହ୍ରାସ ପାଇଛି। କମ୍ପାନୀମାନଙ୍କ ଆୟ ହ୍ରାସ ପାଇଛି। ସେନ୍‌ସେକ୍ସ ୨୦୦୪-୦୫ରୁ ୨୦୧୩-୧୪ ମଧ୍ୟରେ ୧୪.୭% ବୃଦ୍ଧି ପାଇଥିଲା ବେଳେ ଗତ ୪ ବର୍ଷରେ ୧୦.୨% ବୃଦ୍ଧିପାଇଛି। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତର ସ୍ଥିତି ନିମ୍ନଗାମୀ ହୋଇଛି। ଭାରତୀୟଙ୍କ ଆୟବୃଦ୍ଧି ମନ୍ଥର ହୋଇଛି। ଏଣୁ ଅଭିବୃଦ୍ଧି ସମ୍ପର୍କିତ ତଥ୍ୟକୁ ବିକୃତ କରି ଦେଖାଯାଇଛି ଯାହା ଏକ ନକାରାତ୍ମକ ରାଜନୀତି।

ମୋ-୯୪୩୭୨୦୮୭୬୨

# ପୁଅ ଯଦି ଅଯୋଗ୍ୟ ହୁଏ



ଅଲେଖ ଚନ୍ଦ୍ର ମିଶ୍ର

୨୦୦୬ ମସିହାର କଥା। ଝାଡ଼ଖଣ୍ଡର ଷଢ଼େଇକଳା ଖରସୁଆଁ ଜିଲାରେ ବାସ କରୁଥିଲେ ସତ୍ୟନାଥ ମଣ୍ଡଳ ନାମକ ବୃଦ୍ଧ। ତାଙ୍କର ଜମିବାଡ଼ିରୁ ଯାହା ଆୟ ହେଉଥିଲା, ସେଥିରେ ପରିବାର ପ୍ରତିପୋଷଣ କରି ପୁଅ ଦୁର୍ଗାଚରଣକୁ ଉଚ୍ଚଶିକ୍ଷିତ କରାଇଥିଲେ। ପୁଅ ବି ରୋଜଗାର କରୁଥିଲା। ସବୁ ସୁରୁଖୁରୁରେ ଚାଲିଥିଲା ବେଳେ ହଠାତ୍ ଦିନେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଘର ଉପରେ ଚଢ଼ାଉ କଲେ। ଏପରି ଅପ୍ରତ୍ୟାଶିତ ଘଟଣା ପାଇଁ ସତ୍ୟନାଥ ଯେତିକି ଆଶ୍ଚର୍ଯ୍ୟ ହେଲେ ତା'ଠାରୁ ବେଶି ବ୍ୟଥିତ ହୋଇପଡିଲେ, ଯେତେବେଳେ ଜାଣିବାକୁ ପାଇଲେ ପୁଅ ଦୁର୍ଗାଚରଣ ତାଙ୍କୁ (ସତ୍ୟନାଥଙ୍କୁ) ମୃତ ଘୋଷଣା କରି ପୈତୃକ ସମ୍ପତ୍ତିକୁ ବନ୍ଧକ ରଖି ବ୍ୟାଙ୍କରୁ ଋଣ ଆଣିଥିଲା, ଯାହା ବର୍ଷ ବର୍ଷ ଧରି ଅପରିଶୋଧ ରହିଥିଲା। ବକେୟା ଋଣ ପରିଶୋଧ ପାଇଁ ଘର ଓ ଜମି ଉପରେ କବ୍‌ଜା କରିବାକୁ ସେମାନେ ଆସିଥିଲେ। ଏହା ଶୁଣି ସତ୍ୟନାଥ ମୂର୍ଚ୍ଛା ହୋଇଗଲେ। ପୁଅ ଫେରାର ହୋଇଗଲା।

ମାତ୍ର ଦୁଇବର୍ଷ ତଳେ କେନ୍ଦ୍ରାପଡାରେ ଘଟିଥିବା ଘଟଣାଟିଏ। ନିଜର ସବୁ ସମ୍ପତ୍ତି ବିକି କଠୋର ପରିଶ୍ରମ ଓ ଅନେକ କଷ୍ଟ କରି ପୁଅକୁ ଉଚ୍ଚଶିକ୍ଷିତ କରେଇଥିଲେ ମା'ବାପା। ପୁଅ ହେଲା ଈଶ୍ୱରକଣିକା ବିଜ୍ଞାନୀ। ରାଜ୍ୟ ବାହାରେ ଉଚ୍ଚ ଚାକିରି, ଧନୀ ଘରର ଜ୍ୱାଇଁ, ଶେଷରେ ଗାଁରେ ବୋହୂ ନାମରେ ଥିବା ଘରେ ରହୁଥିବା ମା'ବାପାଙ୍କୁ ଘରୁ ତଡିଦେଇ ପୁଅବୋହୂ ଘରେ ଚାବି ପକେଇ କର୍ମଭୂମିକୁ ଚାଲିଗଲେ। ମା'ବାପା ରାସ୍ତାକଡ଼ରେ ଆଶ୍ରୟ ନେଲେ। ଇଏ ତ ଏବକାର କଥା। ଊନବିଂଶ ଶତାବ୍ଦୀରେ ବି ଡାକ ପିଅନ ହରି ସିଂ ଏଇଭଳି ଦୁର୍ଭାଗ୍ୟର ଶିକାର ହୋଇଥିଲା, ଯାହାର ସାକ୍ଷୀ ହୋଇ ରହିଯାଇଛି ବ୍ୟାସକବିଙ୍କର ଅମର କୃତି 'ଡାକମୁନ୍‌ସୀ' ଗଳ୍ପ।

ଯୁଗ ଯୁଗ ଧରି ଗଡି ଆସିଛି ଏହିଭଳି ଘଟଣାବଳୀର ଅସରନ୍ତି କାହାଣୀ। ଯାହାର ମର୍ମ ହେଲା- ପୁଅ ଯେତେ ଯୋଗ୍ୟ ହେଲେ ବି ମାତାପିତାଙ୍କର ଭାଗ୍ୟ ଯେଉଁ ପଥର ତଳେକୁ ସେଇ ପଥର ତଳେ ରହିଯାଏ। ଆମର ଦୈନନ୍ଦିନ ଜୀବନରେ ଏଇଭଳି ମାନସିକତାର ପ୍ରତିଫଳନ ପ୍ରାୟ ଦେଖିବାକୁ ମିଳୁଛି। ଉଚ୍ଚଶିକ୍ଷା ପାଇଁ ହେଉ ବା ଚାକିରି ଲାଗି ବିଦେଶକୁ ଯାଉଥିବା ପିଲାମାନେ ଅଧିକାଂଶ ସମୟରେ ସେଠାରେ ବିବାହ କରି ସବୁଦିନ ପାଇଁ ରହିଯାଉଛନ୍ତି। ଜନ୍ମମାଟିରେ ପଡିରହେ ଘରଦ୍ୱାର, ଜମିବାଡି ଆଦି ବହୁ ମୂଲ୍ୟବାନ ସମ୍ପତ୍ତି, ଯାହାକୁ ସେମାନେ ଭ୍ରୂକ୍ଷେପ କରନ୍ତିନି। ତାଙ୍କୁ ଆଶ୍ରା କରି ପଡିରହିଥିବା ମାତାପିତା କେତେ ଦୁଃଖରେ ବଞ୍ଚନ୍ତି ଏବଂ ମରନ୍ତି ତାହା ଜାଣିବାକୁ ସେମାନେ ଆଦୌ ଇଚ୍ଛା କରନ୍ତିନି। ଦେଶ ମାଟିରେ ବି ଉଚ୍ଚପଦରେ ଅଧିଷ୍ଠିତ ପୁଅ ନିହାତି ଆବଶ୍ୟକ ନ ପଡିଲେ ବାପା କିମ୍ବା ମା'କୁ ପାଖରେ ରଖନ୍ତିନି। ପୁଅବୋହୂ ଉଭୟେ ଯଦି ଚାକିରିଆ ହୋଇଥିବେ, ତେବେ ତାଙ୍କର ଦୁଃଖ ଦ୍ୱିଗୁଣିତ ହୋଇଥାଏ। ନାତିନାତୁଣୀଙ୍କର ସ୍କୁଲ ଯିବା ଆସିବା ଦାୟିତ୍ୱଠାରୁ ହାଟ ବଜାର, ସଉଦାପତ୍ର, ଇଲେକ୍ଟ୍ରିକ୍ ବିଲ୍, ଟେଲିଫୋନ ବିଲ୍, ମେଡିସିନ କିଣା, ମୋଚି ପାଖରେ ଜୋତା ଓ ପର୍ସ ସିଲେଇ କରେଇବା ଯାଏ ସମସ୍ତ କାମ ବାପାଙ୍କର। ରୋଷେଇବାସ, ବାସନମଜା, ଲୁଗାସଫା, ଘରଓଲା ଏସବୁ କାମ ମା'ଙ୍କର। ତଥାପି ସହକର୍ମୀ ମହଲରେ ପିତାଙ୍କର ଓ ସାଇପଡିଶାରେ ମା'ଙ୍କର ପରିଚୟ ଦେବାକୁ ପସନ୍ଦ କରନ୍ତିନି ସେମାନେ। ପରିସ୍ଥିତି ଦୁର୍ବିସହ ହୋଇପଡ଼େ, ଯେତେବେଳେ ପୁଅ କଥାରେ ପଡ଼ି ମା'ବାପା ପୈତୃକ ଘର ଓ ଜମିବାଡି ସବୁ ବିକ୍ରି କରି ତା' ପାଖକୁ ଚାଲିଯାଆନ୍ତି। ମାତ୍ର କେଇଦିନର ରହଣି ପରେ ଅତିଷ୍ଠ ହୋଇପଡି ଯେତେବେଳେ ଫେରିବାକୁ ଚାହାନ୍ତି, ସବୁ ବାଟ ବନ୍ଦ ହୋଇଯାଇଥାଏ। ଶେଷରେ ଜରାନିବାସ ହିଁ ଭରସା ହୁଏ। ଯେଉଁ କ୍ଷେତ୍ରରେ ମାତାପିତା ଉଚ୍ଚଶିକ୍ଷିତ, ମୋଟା ଅଙ୍କର ପେନ୍‌ସନ ପାଉଥିବେ ଏବଂ ପୁଅ ଉପରେ ନିର୍ଭର କରୁ ନ ଥିବେ ସେଠାରେ ବି ଅବସ୍ଥା ତଦ୍ରୂପ। କେହି କେହି ଜେନେରେଶନ ଗ୍ୟାପ୍‌ର ଶିକାର ହୁଅନ୍ତି। ପୁଅବୋହୂଙ୍କ ସହିତ ଯେଉଁଠି ସରଳ ମାତାପିତା ସବୁପ୍ରକାରର ବୁଝାମଣା କରିବାକୁ ପ୍ରସ୍ତୁତ ଥା'ନ୍ତି ଏବଂ କେବେ ବି ମୁହଁ ଖୋଲନ୍ତିନି ସେଠାରେ ବି ପ୍ରାଇଭେସିରେ ଆଞ୍ଚ୍ ଆସିବା ଆଳରେ ସେମାନଙ୍କର ଉପସ୍ଥିତି ଅଡୁଆ ଲାଗେ। ଯେଉଁଠି ଅଣୁ ପରିବାରର ମୋହ ଆଧୁନିକ ଯୁବସମାଜକୁ ଗ୍ରାସିଛି, ସେଠାରେ ମାତାପିତା, ଜ୍ଞାତିକୁଟୁମ୍ବ, ବନ୍ଧୁ ପରିଜନ, ସାହିପଡିଶା ସବୁ ବୋଝ ସଦୃଶ। ଏପରି ବିଷବଳୟରୁ ଆଉ ମୁକ୍ତି ନାହିଁ। ପୁଅର ଭବିଷ୍ୟତ ପାଇଁ ଧନ ସଞ୍ଚିବା ଏବେ ବୃଥା ପ୍ରୟାସର ରୂପ ନେଉଛି। ସେଥିପାଇଁ ତ ବହୁ ପୂର୍ବରୁ କୁହାଯାଇଛି- 'ପୁଅ ଯଦି ଯୋଗ୍ୟ ହୁଏ ଧନ କାହିଁ ପାଇଁ ସଞ୍ଚୁ, ପୁଅ ଯଦି ଅଯୋଗ୍ୟ ହୁଏ ଧନ କାହିଁ ପାଇଁ ସଞ୍ଚୁ।'

ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

କେତେକେ ଖୁବ୍ କମ୍ ବୟସରେ ନିଜର କଳାକୃତିରେ ଚମତ୍କାରିତା ଦେଖାଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ସେପରି ଜଣେ ବାଳକ ହେଉଛନ୍ତି ତାମିଲନାଡୁ ରାଜ୍ୟ ଡିଣ୍ଡିଗୁଲ ଜିଲାର ୧୨ବର୍ଷୀୟ ଛାତ୍ର ଏନ୍. ଥେନମୁକିଲାନ୍। ତାଙ୍କ ଦ୍ୱାରା ଅଙ୍କିତ ଚିତ୍ର ନାସାର ୨୦୧୯ କମର୍ସିଆଲ କ୍ରିଉ କ୍ୟାଲେଣ୍ଡରରେ ସ୍ଥାନ ପାଇବା ସହିତ ଏହାକୁ ସ୍ପେସ୍ ଷ୍ଟେଶନକୁ ପଠାଯିବ। ଏଥିପାଇଁ ବିଶ୍ୱର ବିଭିନ୍ନ ଦେଶରୁ ଲକ୍ଷାଧିକ ଛାତ୍ର ସେମାନଙ୍କ ଦ୍ୱାରା ଅଙ୍କିତ ପେଣ୍ଟିଙ୍ଗ୍ ନାସା କ୍ୟାଲେଣ୍ଡର ଏଣ୍ଟ୍ରି ପାଇଁ ପଠାଇଥିଲେ। ଏନ୍. ଥେନମୁକିଲାନ୍ ନାସାକୁ ଯେଉଁ ଚିତ୍ର ପଠାଇଥିଲେ ତାହାର ଥିମ୍ ଥିଲା 'ସ୍ପେସ୍ ଫୁଡ୍'। ମହାକାଶଚାରୀମାନେ ମହାକାଶରେ ସବୁଜ ପନିପରିବା ଫଳାଇବା ପାଇଁ ଉକ୍ତ ପେଣ୍ଟିଂରେ ପ୍ରସ୍ତାବ ଦିଆଯାଇଛି। ଜଣେ ସରକାରୀ ସ୍କୁଲ୍ ଶିକ୍ଷକଙ୍କ ପୁତ୍ର ଥେନମୁକିଲାନ୍ ହେଉଛନ୍ତି ତାଙ୍କ ସ୍କୁଲର ଦ୍ୱିତୀୟ ଛାତ୍ର, ଯାହାଙ୍କ ଚିତ୍ରକୁ ନାସାର ବାର୍ଷିକ କ୍ୟାଲେଣ୍ଡର ପାଇଁ ଚୟନ କରାଯାଇଛି। ବାସ୍ତବରେ ଏହି ବାଳକଙ୍କ ଚିତ୍ର ଚମତ୍କାରିତା ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ନିଶ୍ଚୟ।

## ଚିରନ୍ତନୀ

ହୋଇଛି ଶୀତଳ ପୂତ ବିରଚି ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ ସଞ୍ଚିତ ଅଭିଳାଷ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଡିସେମ୍ବର ୧୯୯୩

- ଦକ୍ଷିଣ ଆଫ୍ରିକାର ଗୋରା ଶାସନର ଅବସାନ ସମ୍ପର୍କରେ ଗଠିତ ଏକ ନୂଆ ସମ୍ବିଧାନ ଦେଶର ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି।
- ଗୃହଯୁଦ୍ଧ ବିଧ୍ୱସ୍ତ ବୋସନିଆ ହେର୍ଜେଗୋଭିନାରେ ଥିବା ବ୍ରିଟେନ ସେନା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି।

## ସୁ-ଡୋ-କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | | | D | A | | 5 | | 8 | | |
| 9 | | 2 | | A | | E | | | | 6 | | | 7 | |
| 6 | | 3 | | | | 5 | 7 | | B | A | | 1 | 2 | |
| | | 1 | | | | | | 0 | | | | | | E |
| 7 | E | | | | 2 | | 1 | B | | | 3 | | 9 | |
| | | | | D | | | | | 4 | | 5 | 6 | | |
| | 6 | C | | 9 | | | | | D | 3 | | E | | |
| | | | | C | 3 | | B | | 2 | 7 | 1 | 0 | | |
| 3 | | 7 | | | 6 | C | 0 | | | | A | | | B |
| | 1 | D | | | 8 | | 9 | | | | | 2 | 3 | |
| | 7 | | | 3 | | | A | | | | 8 | | 1 | |
| | | 8 | | | | 1 | C | | | | 0 | | | |
| A | 9 | | | B | D | | 8 | | 5 | | | | | |
| | | | | | | | | | E | | 4 | 5 | | |
| C | 0 | | | 5 | 8 | 2 | | | A | 9 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | B | 8 | 7 | A | E | 5 | 9 | 3 | C | 2 | 4 | 6 | 0 |
| 8 | C | 3 | 9 | 5 | 4 | D | 6 | 2 | 7 | 1 | 0 | E | A | B |
| 0 | 9 | 2 | E | 6 | B | 8 | 1 | 3 | 5 | A | 4 | C | 7 | D |
| 7 | E | 4 | 0 | 1 | D | B | A | C | 8 | 9 | 6 | 5 | 3 | 2 |
| 6 | 5 | A | C | 3 | 2 | 4 | 0 | 7 | D | B | E | 9 | 1 | 8 |
| 9 | 6 | 0 | A | 8 | E | C | 3 | 4 | B | D | 7 | 1 | 2 | 5 |
| A | D | C | 2 | 0 | 3 | 7 | 8 | E | 1 | 4 | 5 | B | 9 | 6 |
| 2 | 7 | 5 | 1 | B | C | 9 | D | A | E | 6 | 8 | 3 | 0 | 4 |
| 4 | B | 8 | 6 | 9 | 5 | 1 | 2 | 0 | A | 3 | C | D | E | 7 |
| 1 | 3 | E | D | 4 | 7 | 6 | B | 5 | 2 | 0 | 9 | A | 8 | C |
| B | 2 | 9 | 7 | E | 8 | 0 | C | 1 | 4 | 5 | A | 6 | D | 3 |
| 5 | 8 | 7 | 4 | A | 0 | 3 | 9 | D | 6 | E | B | 2 | C | 1 |
| C | 0 | 1 | 3 | 2 | 6 | 5 | E | B | 9 | 8 | D | 7 | 4 | A |
| 3 | 4 | D | 5 | C | 9 | A | 7 | 6 | 0 | 2 | 1 | 8 | B | E |
| E | A | 6 | B | D | 1 | 2 | 4 | 8 | C | 7 | 3 | 0 | 5 | 9 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ପାର୍କର ଯତ୍ନ ନିଆଯାଉ

ମହାଶୟ,

ଜଟଣୀ ପୌରପରିଷଦ ଅନ୍ତର୍ଗତ ମହତାବ ନଗରଠାରେ ବିଡିଏ ଦ୍ୱାରା ୧୫ ଲକ୍ଷ ଟଙ୍କା ବ୍ୟୟରେ ଜବାହରଲାଲ ନେହେରୁ ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା। ବିଡିଏ ଏହାକୁ ଜଟଣୀ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିଥିଲା। କିନ୍ତୁ ଦୁଃଖର କଥା ବର୍ଷେ ନ ପୂରୁଣୁ ପାର୍କର ଅବସ୍ଥା ଖରାପ ହୋଇଗଲାଣି। ପାର୍କରେ ଫୁଲଗଛ ଓ ଘାସର ଯତ୍ନ ନିମନ୍ତେ ପାଣିର ବନ୍ଦୋବସ୍ତ ନ ଥିବାରୁ ସେସବୁ ମରିଗଲାଣି। ପାର୍କର ମାଳିଙ୍କୁ ୮ ମାସ ହେବ ଦରମା ମିଳିନି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାର୍କଟି କିପରି ସୁରକ୍ଷିତ ରହିବ ସେଥିପ୍ରତି ଦୃଷ୍ଟି ଦିଆଯାଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### କିଏ କହିବ

ଖୋର୍ଦ୍ଧାରୁ ଭୁବନେଶ୍ୱର ଆସିଲା ବେଳେ ୫ ନମ୍ବର ଜାତୀୟ ରାଜପଥର ବାମ ପାର୍ଶ୍ୱରେ ହ୍ୟୁଣ୍ଡାଇ ଶୋ' ରୁମ୍। ସେଠାରେ ଏତେ ଗାଡି ରହିଛି ଯେ ରାସ୍ତାର ପାଏ ଜାଗାକୁ ମାଡି ବସିଛି। ରାସ୍ତାର କିଛି ଅଂଶକୁ ହ୍ୟୁଣ୍ଡାଇ ଗାଡିଗୁଡିକ ମାଡି ବସିବା ଫଳରେ ସତର୍କତାର ସହିତ ଏଠାରେ ଗାଡି ଚଳାଇବା ନିହାତି ଜରୁରୀ। ଏହି ରାସ୍ତା ଦେଇ ଅନେକ ନେତା, ଅଫିସର ଏବଂ ସର୍ବସାଧାରଣ ଆତଯାତ ହୋଇଥାନ୍ତି। ଏହି ସ୍ଥାନର ପଛକୁ ରହିଛି ଯାଆଁଳା ଫାଣ୍ଡି ଏବଂ ଆଗକୁ ରହିଛି ତମାଣ୍ଡୋ ପୋଲିସ ଷ୍ଟେଶନ। ତଥାପି କେହି ମୁହଁ ଖୋଲୁ ନାହାନ୍ତି। କର୍ତ୍ତୃପକ୍ଷ ଦୁର୍ଘଟଣାକୁ ଏଡାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ନିହାତି ଜରୁରୀ।

ବାସନ୍ତୀ ପଟ୍ଟନାୟକ, ଝୁମୁରୀ, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

- ଡିସେମ୍ବର ୧୬– ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ବେଲଜିୟମ ଚାମ୍ପିୟନ ହୋଇଛି।
- ୧୭– ୧୯୮୪ ଶିଖ୍-ବିରୋଧୀ ଦଙ୍ଗା ମାମଲାରେ ବରିଷ୍ଠ କଂଗ୍ରେସନେତାସଜ୍ଜନକୁମାରଙ୍କୁଦିଲ୍ଲୀହାଇକୋର୍ଟଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡାଦେଶ ଦେଇଛନ୍ତି।
- ୧୮– ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ଉକ୍ତ ତଦନ୍ତକାରୀ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।
- ୧୯– ଭାରତର ଅତ୍ୟାଧୁନିକ ଜିସାଟ୍-୭ଏକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି।
- ୨୦– ବରିଷ୍ଠ କୂଟନୀତିଜ୍ଞ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ।
- ୨୧– କୃଷି କ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାଣ୍ଟ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ୍ ଇନ୍‌କମ୍ ଅଗ୍‌ମେଣ୍ଟେଶନ) ନାମରେ ଏକ ନୂତନ ଯୋଜନା ପ୍ରଣୟନ କରିଛନ୍ତି।

■ ଜାନୁୟାରୀ ଶେଷ ସୁଦ୍ଧା ନୂଆ ଦଳ

# ମୋଦିଙ୍କୁ କଡ଼ା ସମାଲୋଚନା କଲେ ତୋଗାଡ଼ିଆ

ଭଦ୍ରକ ଅଫିସ, ୨୩।୧୨

ଭଦ୍ରକ ଜିଲା ବନ୍ତ ଛକସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅପରାହ୍ଣରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଭଦ୍ରକ ଜିଲା କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପ୍ରତିଷ୍ଠାତା ଅଧକ୍ଷ ପ୍ରବୀଣଭାଇ ତୋଗାଡିଆ ଯୋଗଦେଇ ଭାରତବର୍ଷକୁ ଏକ ଶୃଙ୍ଖଳିତ ହିନ୍ଦୁ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ଲାଗି ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ଏକ ନୂତନ ଦଳ ଗଠନ ହେବ। ଯେଉଁ ଆଶା ଭରସା ନେଇ ଲୋକେ ଭାଜପାକୁ ଆଦରି ନେଇଥିଲେ ତାହା ଏବେ ଧୂଳିସାତ୍ ହେବାରେ ଲାଗିଛି। ସାଢ଼େ ୪ ବର୍ଷ ମଧ୍ୟରେ ବେକାରୀ ସମସ୍ୟା ହେଉ କି ରାମ ମନ୍ଦିର ପ୍ରତିଷ୍ଠା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ବିଫଳ ହୋଇଛନ୍ତି। ତାଙ୍କ ଶାସନ କାଳରେ ବାଂଲାଦେଶୀ ଭାରତରେ ଅବାଧ ପ୍ରବେଶ କରିଛନ୍ତି। ଯୁବଗୋଷ୍ଠୀ ଏକ ହେଲେ ନୂତନ ହିନ୍ଦୁ ସରକାର ଗଠନ କରାଯିବ। ମୋଦି ଶାସନ କାଳ ସମୟରେ ୧୯ ଥର ବିଦେଶ ଗସ୍ତ କରିଥିଲେ ମଧ୍ୟ ଥରେ ମଧ୍ୟ ଅଯୋଧ୍ୟା ନ ଆସିବା ପରିତାପର ବିଷୟ। ଏଣୁ ମୋଦି ସରକାର ସବୁ କ୍ଷେତ୍ରରେ ବିଫଳ ବୋଲି କହି ସମାଲୋଚନା କରିଥିଲେ ତୋଗାଡ଼ିଆ।

ଅନ୍ୟମାନଙ୍କ ମଧ୍ୟରେ ବଦ୍ରି ପଟ୍ଟନାୟକ, ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଅରୁଣ ଉପାଧ୍ୟାୟ, ହିନ୍ଦୁ ପରିଷଦର ଜିଲା ସଭାପତି ଦେବରାଜ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ହୃଷୀକେଶ ଗୋସ୍ୱାମୀ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜ୍ୟ ସମ୍ପାଦକ ବିଜୟ ଦାଶ, ରାଷ୍ଟ୍ରୀୟ ଛାତ୍ର ପରିଷଦର ରାଜ୍ୟ ସଭାପତି ସୁବାସ ମିଶ୍ର, ଜିଲା ସହସମ୍ପାଦକ ଶଶୀକାନ୍ତ ପଣ୍ଡା ଓ ଉପସଭାପତି ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବସନ୍ତ ଖିଲାର, ରାଷ୍ଟ୍ରୀୟ ଛାତ୍ର ପରିଷଦର ଜିଲା ସଭାପତି ଜ୍ୟୋତିପ୍ରକାଶ ଦାସ, ରାଷ୍ଟ୍ରୀୟ ବଜରଙ୍ଗ ଦଳର କେନ୍ଦ୍ରୀୟ ସମ୍ପାଦକ ମନୋଜ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ହିନ୍ଦୁ ପରିଷଦର ଅନ୍ତଃରାଷ୍ଟ୍ରୀୟ ଅଧକ୍ଷ ପ୍ରବୀଣଭାଇ ତୋଗାଡ଼ିଆଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

■ ବୋର୍ଡ ଅଫିସ ପୋଡ଼ିଦେବା ଘଟଣା

# କଟକରୁ ୩ ଜଣିଆ ଟିମ୍ ପହଞ୍ଚି ତଦନ୍ତ କଲେ

ସମ୍ବଲପୁର, ୨୩।୧୨(ବ୍ୟୁରୋ)

ସମ୍ବଲପୁର ସହରର ଧନୁପାଲି ଥାନା ଜେଲ ଛକ ନିକଟସ୍ଥ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ(ବୋର୍ଡ ଅଫିସ)ରେ ପୋଡାଜଳା ଘଟଣାରେ ବିଭାଗୀୟ ତଦନ୍ତ ହୋଇଛି । କଟକ ବୋର୍ଡ ଅଫିସରୁ ରବିବାର ୩ ଜଣିଆ ଟିମ୍ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଘଟଣାର ତଦନ୍ତ କରିଛନ୍ତି। ଏହି ଟିମରେ ଯୁଗ୍ମ ସଚିବ ବଳରାମ ହୋତା, ଯୁଗ୍ମ ସଚିବ ଅମର ବେହେରା ଓ ଜୁନିୟର ଇଞ୍ଜିନିୟର ପ୍ରିୟ ରଞ୍ଜନ ବେହେରା ରହିଥିଲେ। ପୋଲିସ ଉପସ୍ଥିତିରେ ଅଫିସ ଖୋଲା ଯାଇଥିଲା। ପ୍ରଥମେ କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସୁରକ୍ଷିତ ଥିବା ଅଫିସ ପକ୍ଷରୁ କୁହାଯାଇଛି। ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା, ଫୋନ, ଆଦି ୫୩ ଟି ସାମଗ୍ରୀ ନଷ୍ଟ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ରିପୋର୍ଟ ଦାଖଲ କଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଖୁବ୍ ଶୀଘ୍ର ଅଫିସ ମରାମତି କରାଯାଇ କାମ ଆରମ୍ଭ କରାଯିବ। ପିଲାଙ୍କ ପରୀକ୍ଷା ପାଇଁ କୌଣସି ସମସ୍ୟା ହେବ ନାହିଁ। ଆପରାଧିକ ମାମଲା ଉପରେ ପୋଲିସ ତଦନ୍ତ କରୁଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଯୁଗ୍ମ ସଚିବ ହୋତା କହିଛନ୍ତି। ତଦନ୍ତ ସମୟରେ ସମ୍ବଲପୁର ବୋର୍ଡ ଅଫିସ ଯୁଗ୍ମ ସଚିବ ସୂର୍ଯ୍ୟମଣି ମାଝିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ସୁରକ୍ଷା ଦୃଷ୍ଟିରୁ ପୋଲିସ ମଧ୍ୟ ମୁତୟନ କରାଯାଇଥିଲା।

## ଆଗ୍ରହର ପରିପ୍ରକାଶ (ଇଓଆଇ)

ଦୁର୍ଲଗା, ଝାରସୁଗୁଡ଼ାଠାରେ ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ୬୫ ମିଟର ଉଚ୍ଚ ଚିମ୍ନିକୁ ଭାଙ୍ଗିବା ପାଇଁ ଇଓଆଇ ଆମନ୍ତ୍ରଣ କରାଯାଉଛି। ବିବରଣୀ ପାଇଁ ଆଗ୍ରହୀ ପାର୍ଟିମାନେ ନିମ୍ନ ଅନୁଯାୟୀ ଋଣଦାତାଙ୍କ ସମ୍ପୃକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:–

**www.hudco.org, www.indianbank.in, www.pnbindia.in, www.edelweissarc.in**

# ଭାଜପାର ମିଶ୍ରଣ ପର୍ବ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଅଞ୍ଚଳର ଲୋକମାନେ ଭାଜପାରେ ସାମିଲ ହୋଇଛନ୍ତି। ଗଞ୍ଜାମ ଜିଲାର ସୁବାସ ଚନ୍ଦ୍ର ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଜାମୁଲା ଶେଷଗିରି ରାଓ, ସମାଜସେବୀ ପୁଣ୍ୟଶ୍ଳୋକା ମହାନ୍ତି ଓ ଶୁଭକାନ୍ତ ନନ୍ଦ, ପ୍ରଫେସର ସନମୟ ରଥ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ସେହିପରି ଭୁବନେଶ୍ୱରର ଅବସରପ୍ରାପ୍ତ ସିବିଆଇ ସ୍ପେଶାଲ ଜଜ୍ ହୃଦୟ ବଲ୍ଲଭ ଦାସ ଓ ତାଙ୍କ ସ୍ତ୍ରୀ ପ୍ରଭାତ ନଳିନୀ ମହାନ୍ତି, ଏନ୍‌ଆଇସି ଓଡିଶାର ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ମଧ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟପଟେ ରାୟଗଡା ଜିଲା ଗୁଣୁପୁର ନିର୍ବାଚନମଣ୍ଡଳୀର ଯୁବ ଆଦିବାସୀ ନେତା ରବି ଗମାଙ୍ଗ ଓ ବିଏସ୍‌ପି ବିଧାୟକ ପ୍ରାର୍ଥୀ ଭଗବାନ ଗମାଙ୍ଗ, ଗୁଣୁପୁର ନିର୍ବାଚନମଣ୍ଡଳୀର ପୂର୍ବତନ ଚେୟାରମ୍ୟାନ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଶତାଧିକ କର୍ମୀ ବିଜେଡି, କଂଗ୍ରେସ ଏବଂ ବିଏସ୍‌ପି ଛାଡି ବିଧିବଦ୍ଧଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଏବଂ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ସମସ୍ତଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି । ଏହି ଅବସରରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଦଳରେ ସାମିଲ ହୋଇଥିବା ମତ ରଖିଛନ୍ତି।

# ବିଜେଡିରେ ମିଶିଲେ ଧାମନଗରର ନେତା, କର୍ମୀ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁ ପ୍ରମୁଖ ବ୍ୟକ୍ତି ଏବଂ ସାଧାରଣ କର୍ମୀ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳୀୟ କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ନୂତନ ଭାବେ ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ମଧ୍ୟରେ ବାଲେଶ୍ୱର କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧ୍ୟକ୍ଷ ମନ୍ମଥ କୁମାର ବିଶ୍ୱାଳ, ଜୟନ୍ତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ରାମଚନ୍ଦ୍ର ଜେନା, ସ୍ୱପ୍ନାରାଣୀ ପଣ୍ଡା, ରମାକାନ୍ତ ସାହୁ, ରବି ପାଣିଗ୍ରାହୀ ଏବଂ ନଟବର ବାରିକ ପ୍ରମୁଖ। ଏତଦ୍ ବ୍ୟତୀତ ଧାମନଗର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ଏବଂ ତିହିଡ଼ି ବ୍ଲକର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସହ ହଜାରେରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ଭଦ୍ରକ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଦଳୀୟ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ସ୍ୱାଗତ। ରବିବାର ଭାଜପା ଓ କଂଗ୍ରେସର ପଞ୍ଚାୟତ ପ୍ରତିନିଧି ଓ କର୍ମୀମାନେ ଦଳରେ ଯୋଗଦେଇଥିବାରୁ ସେ ବହୁତ ଖୁସୀ। ଉକ୍ତ ଯୋଗଦାନ ଧାମନଗର ନିର୍ବାଚନ ମଣ୍ଡଳୀ ସହ ଭଦ୍ରକ ଜିଲାରେ ବିଜେଡିର ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ନବୀନ କହିଛନ୍ତି। ଧାମନଗର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ମଣ୍ଡଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଛନ୍ତି ଯେ, ଯାଜପୁର ଜିଲାକୁ ସଂଯୋଗ କରିବା ପାଇଁ ବୈତରଣୀ ନଦୀ ଉପରେ ୩ଟି ବିଜୁ ସେତୁ ନିର୍ମାଣ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ଟି ସ୍ଥାନରେ ଯାତ୍ରୀ ସୁବିଧା କେନ୍ଦ୍ର, ଲୁଣା ପଞ୍ଚାୟତରେ ପାନୀୟ ଜଳ ବ୍ୟବସ୍ଥା, ୩୭୪ କୋଟି ଟଙ୍କା ବ୍ୟୟରେ କୋଚିଲା ବ୍ୟାରେଜ୍ ନିର୍ମାଣର ଅର୍ଥ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ।


ଦଳୀୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିବା ଭାଜପା ଓ କଂଗ୍ରେସ କର୍ମୀ।




# ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡ (ହୁଡ୍‌କୋ)

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ରିଜିଓନାଲ ଅଫିସ: ୩ୟ ମହଲା, ଦୀନ୍‌ଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର – ୭୫୧୦୦୯

## ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ -୨୦୦୨ର ନିୟମ ୬ (୨) ଓ ୮ (୬) ଅଧୀନରେ

## ଇ-ନିଲାମ ମାଧ୍ୟମରେ ଜମି ଓ ବିଲ୍ଡିଂ ତଥା ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି। ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀଙ୍କ ନିକଟରେ ଇଏମ୍‌ଡି ଓ କାଗଜପତ୍ର ଦାଖଲ (ଅନ୍‌ଲାଇନ୍)ର ଶେଷ ତାରିଖ ଓ ସମୟ ୨୮ ଜାନୁୟାରୀ, ୨୦୧୯ ଅପରାହ୍ଣ ୪.୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ।**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେସି ଆକ୍ଟ), ୨୦୦୨ (ନଂ.୫୪ ଅଫ୍ ୨୦୦୨) ଅଧୀନରେ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ନିକଟରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତି/ଗୁଡ଼ିକର ବିକ୍ରୟ:– ଯେହେତୁ, ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ କ୍ଷମତାପ୍ରାପ୍ତ ପଦାଧିକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୨) ଅଧୀନରେ ଜାରି ନୋଟିସ୍ ଅଧୀନରେ ନିମ୍ନଲିଖିତ ଋଣ ଖାତାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା) ଧାର୍ଯ୍ୟରାଶି ତଥା ସୁଧ ଆଦାୟ ପାଇଁ "ଯେପରି ଅଛି ଯାହା ଯେମିତି ଅଛି ଭିତ୍ତିରେ" ବିକ୍ରୟ କରିବାର ଅଧିକାର ସହିତ ତା୩୦।୧୦।୨୦୧୩ରିଖ ଦିନ ପ୍ରତୀକାତ୍ମକ ଦଖଲ ଏବଂ ତା୧୭।୦୩।୨୦୧୫ରିଖ ଦିନ ପ୍ରକୃତ ଦଖଲକୁ ନେଇଛନ୍ତି ଏବଂ ଯେହେତୁ ପରିଣାମସ୍ୱରୂପ ନିମ୍ନଲିଖିତ ଋଣ ଖିଲାପକାରୀମାନେ ବାକିରାଶି ପୈଠ କରିବାରେ ବିଫଳ ହେବାରୁ ଏହି ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାବଳରେ କ୍ଷମତାପ୍ରାପ୍ତ ପଦାଧିକାରୀ/ନିମ୍ନସ୍ୱାକ୍ଷରକାରୀ ଏହି ସମ୍ପତ୍ତି/ଗୁଡ଼ିକୁ ବିକ୍ରୟ କରି ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ, ଇଡେଲୱିସ ଏବଂ ପିଏନ୍‌ବି (ମିଳିତ ଋଣଦାତା)ଙ୍କ ଧାର୍ଯ୍ୟରାଶି ଓ ସୁଧ ଆଦାୟ କରିବାକୁ ପ୍ରସ୍ତାବ କରିଛନ୍ତି। ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଏହି ବିକ୍ରୟ ୱେବ୍‌ପୋର୍ଟାଲ୍ (https://hudcoauction.auctiontiger.net)ରେ ଦିଆଯାଇଥିବା ଇ–ନିଲାମ ପ୍ଲାଟଫର୍ମ ଜରିଆରେ ସଞ୍ଚାଳନ କରାଯିବ।

| ଶାଖାର ନାମ ଓ ଖାତା/ବନ୍ଧକତା/ ଋଣଗ୍ରହୀତାଙ୍କ ନାମ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟ.) ଇଏମ୍‌ଡି ବିଡ୍ ବୃଦ୍ଧି ପରିମାଣ (ଟ. ଲକ୍ଷରେ) | ବକେୟା ରାଶି ଏବଂ ଡିମାଣ୍ଡ ନୋଟିସ୍ ତାରିଖ ତା୦୫।୦୭।୨୦୧୩ରିଖ | ଇ-ନିଲାମର ତାରିଖ, ସମୟ/ ଇ-ନିଲାମ ପୋର୍ଟାଲ୍ |
|---|---|---|---|---|
| (୧) ହୁଡ୍‌କୋ ରିଜିଓନାଲ ଅଫିସ, ୩ୟ ମହଲା, ଦୀନଦୟାଲ ଭବନ, ଅଶୋକ ନଗର, ଜନପଥ, ଭୁବନେଶ୍ୱର । ସ୍କିମ୍ ନଂ.୧୮୮୯୫<br>(୨) ଇଣ୍ଡିଆନ୍ ବ୍ୟାଙ୍କ, ମୁଖ୍ୟ ଶାଖା, ଅଶୋକ ନଗର, ଭୁବନେଶ୍ୱର । ଋଣ ଖାତା ନଂ. ୭୧୭୧୨ଏସ୍୨୮୯<br>(୩) ବିଓଆଇ, ଭୁବନେଶ୍ୱର, ଋଣ ଖାତା ନଂ. ଏସ୍‌ଏସ୍‌ଏସ୍୦୩୦୧୧୦୦୦୦୦୪୬ (ଆସାଇନର୍ ଇଡେଲୱିସ (ଏଆର୍‌ସି), ଇଡେଲୱିସ୍ ହାଉସ୍ ଅଫ୍ ସିଏସ୍‌ଟି ରୋଡ୍, କାଲିନା, ମୁମ୍ବାଇ ।<br>(୪) ପିଏନ୍‌ବି ଝାରସୁଗୁଡ଼ା ଶାଖା, ଝାରସୁଗୁଡ଼ା । ଋଣ ଖାତା ସଂ. ୨୨୧୮୦୦୧ସି୦୦୦୦୦୦୧୨<br>**ବନ୍ଧକଦାତା/ ଋଣଗ୍ରହୀତାଙ୍କ ନାମ ଓ ଠିକଣା**<br>ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍, ଏହାର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ମନୋଜ କୁମାର ଜୈନ, ୩୯, ସେକ୍ସପିୟର୍ ସରଣୀ, ପ୍ରେମଲତା, ୫ମ ମହଲା, କୋଲକାତା–୭୦୦୦୧୭ଙ୍କ ଜରିଆରେ | ପ୍ଲଟ୍ ନଂ. ୧୩୫୯ ଏ.୯.୨୦, ଖାତା ନଂ.୧୫୩/୩୦୨, ପ୍ଲଟ୍ ନଂ. ୧୪୬୫ ଏ.୦.୨୫, ଖାତା ନଂ. ୫୪, ପ୍ଲଟ୍ ନଂ. ୧୩୬୬ ଏ.୮.୭୨, ପ୍ଲଟ୍ ନଂ. ୧୪୬୬ ଏ.୧.୭୨ , ଖାତା ନଂ. ୧୫୩/ ୩୦୩, ପ୍ଲଟ୍ ନଂ. ୧୩୯୪ ଏ.୦.୬୮, ୧୩୯୬ ଏ.୦.୮୦, ୧୩୯୯ ଏ.୧.୨୮, ୧୪୭୦ ଏ.୦.୫୪, ୧୪୧୬ ଏ.୦.୪୮, ଖାତା ନଂ. ୧୫୩/ ୩୦୭,ପ୍ଲଟ୍ ନଂ. ୧୪୭୪ ଏ.୦.୧୧, ଖାତା ନଂ. ୧୫୩/ ୩୨୫, ପ୍ଲଟ୍ ନଂ. . ୧୩୮୫ ଏ.୧.୧୦, ୧୩୮୬ ଏ.୩.୪୨, ଖାତା ନଂ. ୧୫୩/ ୩୦୬, ପ୍ଲଟ୍ ନଂ. ୧୩୯୨ ଏ.୦.୭୩, ୧୩୯୩ ଏ.୬.୫୮, ୧୩୯୫ ଏ.୦.୩୪, ଖାତା ନଂ. ୧୫୩/ ୩୦୫, ପ୍ଲଟ୍ ନଂ. ୧୪୪୯ ଏ.୦.୬୫, ୧୪୫୧ ଏ.୦.୩୦, ୧୪୫୨ ଏ.୦.୫୪, ୧୪୫୩ ଏ.୦.୧୬, ୧୪୫୪ ଏ.୦.୨୨, ୧୪୫୫ ଏ.୦.୮୩, ୧୪୫୬ ଏ.୦.୨୪, ୧୪୫୭ ଏ.୦.୨୨, ଖାତା ନଂ. ୧୫୩/ ୩୦୯, ପ୍ଲଟ୍ ନଂ. ୧୪୧୭/ ୨୬୩୧ ଏ.୦.୦୫, ଖାତା ନଂ. ୧୫୩/୩୧୩, ପ୍ଲଟ୍ ନଂ. ୧୪୧୭ ଏ.୦.୪୩, ୧୪୧୮ ଏ.୦.୧୦, ୧୪୬୯ ଏ.୧.୦୩, ଖାତା ନଂ. ୧୫୩/ ୩୧୦ ମୌଜା ଦୁର୍ଲଗା, ପ୍ଲଟ୍ ନଂ. ୮୨୬ ଏ.୦.୨୪, ୮୨୭ ଏ.୦.୪୮, ୮୨୮ ଏ.୦.୬୦, ୮୨୯ ଏ.୦.୫୩, ୮୩୦ ଏ.୦.୬୦, ୮୩୧ ଏ.୦.୧୧, ଖାତା ନଂ. ୧୦୩/ ୫୮ ମୌଜା ସାଲେଟିକ୍ରା, ପ୍ଲଟ୍ ନଂ. ୧୪୬୧ ଏ.୦.୩୯, ୧୪୬୨ ଏ.୦.୨୬, ଖାତା ନଂ. ୧୫୩/ ୩୧୧, ପ୍ଲଟ୍ ନଂ. ୧୪୫୧/ ୨୬୫୨ ଏ.୦.୩୦, ୧୪୫୫/୨୬୫୩ ଏ.୦.୦୯, ଖାତା ନଂ. ୧୫୩/ ୩୧୪, ପ୍ଲଟ୍ ନଂ. ୧୪୧୯ ଏ.୦.୪୨, ୧୪୬୩ ଏ.୦.୪୪, ୧୩୮୮ ଏ.୩.୦୫, ୧୩୯୧ ଏ.୦.୨୦, ୧୩୯୭ ଏ.୦.୪୩, ୧୩୯୮ ଏ.୦.୩୯, ୧୩୮୯ ଏ.୦.୩୭, ୧୩୯୦ ଏ.୦.୧୨, ଖାତା ନଂ. ୧୫୩/ ୩୦୮,ପ୍ଲଟ୍ ନଂ. ୧୩୮୩ ଏ.୧.୨୨, ୧୩୮୭ ଏ.୦.୬୪, ୧୪୨୧ ଏ.୦.୪୨, ୧୪୨୮ ଏ.୦.୮୮, ୧୩୮୭/ ୨୩୦୨ ଏ.୦.୬୮, ୧୪୨୧/ ୨୦୬୩ ଏ.୦.୧୭, ୧୪୫୧/ ୨୦୬୯ ଏ.୦.୧୩, ଖାତା ନଂ. ୧୫୩/ ୩୧୨ ମୌଜା ଦୁର୍ଲଗା ଏବଂ ପ୍ଲଟ୍ ନଂ. ୩୮୯୬ ଏ.୦.୮୯, ଖାତା ନଂ. ୮୬୧/୪୬୩ ମୌଜା: ପଞ୍ଚପଡ଼ା, ଝାରସୁଗୁଡ଼ା ଜିଲ୍ଲା ଏବଂ ଏସ୍‌ଆର୍‌ଓ ଝାରସୁଗୁଡ଼ା, ରାଜ୍ୟ– ଓଡ଼ିଶାରେ ଅବସ୍ଥିତ ଜମି ଓ ବିଲ୍ଡିଂ ସମ୍ବଳିତ ସ୍ଥାବର ସମ୍ପତ୍ତିଗୁଡ଼ିକର ସମସ୍ତ ଭାଗ ଓ ଅଂଶବିଶେଷ। ମୋଟ ଜମିର ପରିମାପ ଏ.୫୪.୮୭ ଓ ଏହା ସହିତ ତାହା ଉପରେ ନିର୍ମିତ ବିଲ୍ଡିଂ। ଚୌହଦି: ଉତ୍ତରରେ – ସଡ଼କ ଏବଂ ଘରୋଇ ଖାଲି ଜମି, ଦକ୍ଷିଣରେ– ନାଳ ଓ ଖାଲି ଜମି, ପୂର୍ବରେ – ସଡ଼କ ଓ ଖାଲି ଜମି, ପଶ୍ଚିମରେ– ଖାଲି ଜମି। | ଜମି ଓ ବିଲ୍ଡିଂ (ସ୍ଥାବର ସମ୍ପତ୍ତି)<br>ସଂରକ୍ଷିତ ମୂଲ୍ୟ ଟ.୩୨୪୨.୮୪ ଲକ୍ଷ (ବତିଶ କୋଟି ବୟାଳିଶ ଲକ୍ଷ ଚଉରାଅଶି ହଜାର ଟଙ୍କା ମାତ୍ର) ।<br>ଇଏମ୍‌ଡି ରାଶି ଟ.୩୨୪.୨୮ ଲକ୍ଷ (ତିନି କୋଟି ଚବିଶ ଲକ୍ଷ ଅଠେଇଶ ହଜାର ଟଙ୍କା ମାତ୍ର)<br>ବିଡ୍ ବୃଦ୍ଧି ପରିମାଣ ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ ଟଙ୍କା ମାତ୍ର) କିମ୍ବା ତାହାର ଗୁଣିତକ। | ସମ୍ପୃକ୍ତ ଋଣଦାତାମାନଙ୍କର ଡିମାଣ୍ଡ ନୋଟିସ୍ ତାରିଖ ୦୫।୦୭।୨୦୧୩ ଅନୁଯାୟୀ ଟ.୪୨,୬୦,୪୫,୦୪୭.୧୪ (ବୟାଳିଶ କୋଟି ଷାଠିଏ ଲକ୍ଷ ପଇଁଚାଳିଶ ହଜାର ସତଚାଳିଶ ଟଙ୍କା ଚଉଦ ପଇସା ମାତ୍ର) ତଥା ଚୂଡ଼ାନ୍ତ ପୈଠ ତାରିଖ ପର୍ଯ୍ୟନ୍ତ ସୁଧ, କମ୍ପାଉଣ୍ଡ ଓ ଜରିମାନାମୂଳକ ସୁଧ ଏବଂ ଅତିରିକ୍ତ ଆନୁଷଙ୍ଗିକ ଖର୍ଚ୍ଚ ଇତ୍ୟାଦି। | ତା।୨୯।୦୧।୨୦୧୯ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରୁ ଅପରାହ୍ଣ ୦୧.୩୦ ଘଟିକା https://hudcoauction.auctiontiger.netରେ ଏବଂ ଯଦି କୌଣସି କ୍ଷେତ୍ରରେ ଇ–ନିଲାମ ବନ୍ଦ ହେବା ସମୟର ଶେଷ ପାଞ୍ଚ ମିନିଟ୍‌ରେ କୌଣସି ବିଡ୍ ଦାଖଲ ହୁଏ ତେବେ ସମାପ୍ତି ସମୟ ସ୍ୱଚାଳିତ ଭାବେ ୫ ମିନିଟ୍ ବୃଦ୍ଧି ହୋଇଯିବ (ଇ–ନିଲାମ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତିଥର), ଅନ୍ୟଥା ଏହା ସ୍ୱଚାଳିତ ଭାବେ ବନ୍ଦ ହୋଇଯିବ। |

**ନିୟମ ଓ ସର୍ତ୍ତାବଳୀ:**

ଇ–ନିଲାମ ଯେଉଁଠାରେ 'ଯେପରି ଅଛି' ଓ ଯାହା 'ଯେମିତି ଅଛି' ଭିତ୍ତିରେ ନିଲାମ କରାଯିବ।

ଯଦି ବିକ୍ରୟ ତାରିଖ ପୂର୍ବରୁ ଧାର୍ଯ୍ୟ ଟଙ୍କା ସମ୍ପୂର୍ଣ୍ଣ ଦିଆ ନ ଯାଏ ତେବେ ଉପରୋକ୍ତ ତାରିଖରେ ଏହି ସମ୍ପତ୍ତିର ବିକ୍ରୟ/ନିଲାମ କରିବା ସମ୍ପର୍କରେ ଉପରୋକ୍ତ ଋଣୀ/ଗ୍ୟାରେଣ୍ଟର / ଆଇନତଃ ଉତ୍ତରାଧିକାରୀଙ୍କ ପାଇଁ ଏହା ମଧ୍ୟ ନୋଟିସ ଅଟେ । ଏତଦ୍ୱାରା ଋଣୀ/ ଗ୍ୟାରେଣ୍ଟରଙ୍କୁ ଇ–ନିଲାମ ତାରିଖ ପୂର୍ବରୁ ବର୍ତ୍ତମାନର ସୁଧ ଓ ଆନୁଷଙ୍ଗିକ ଖର୍ଚ୍ଚ ସହ ଉପରୋକ୍ତ ରାଶିକୁ ପୈଠକରିବା ପାଇଁ ଜଣାଇ ଦିଆଯାଉଛି ନଚେତ ସମ୍ପତ୍ତିକୁ ନିଲାମ/ବିକ୍ରି କରିଦିଆଯିବ ଓ ବାକି ଦେଣା (ଯଦି ଅନ୍ୟ କିଛି ଥାଏ) ତେବେ ତାକୁ ସୁଧ ମୂଳ ଇତ୍ୟାଦି ସହ ଆଦାୟ କରାଯିବ। ନିଲାମର ସର୍ତ୍ତାବଳୀ ଏବଂ ନିଲାମର ଆବଶ୍ୟକୀୟ କାଗଜପତ୍ର ସମ୍ପର୍କରେ ଜାଣିବାକୁ ହେଲେ ଦୟାକରି ଋଣଦାତାଙ୍କ ୱେବ୍‌ସାଇଟ୍ www.hudco.org, www.indianbank.in, pnbindia.biz/ pnbindia.in, http://www.edelweissarc.com ଏବଂ www.tenders.gov.in ର ଲିଙ୍କ୍ 'ଇ–ନିଲାମ' (ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର୍ ଲିଃ ଖାତା) ପରିଦର୍ଶନ କରନ୍ତୁ/ଦେଖନ୍ତୁ। ସଫଳ ବିଡର୍/କ୍ରେତା ସ୍ଥାବର ସମ୍ପତ୍ତି ପାଇଁ ଆୟକର ଅଧିନିୟମ, ୧୯୬୧ର ଧାରା ୧୯୪ଆଇଏ ଅନୁଯାୟୀ ବିକ୍ରି ମୂଲ୍ୟର @୧% ହାରରେ ଟିଡିଏସ୍ କାଟିବେ ଏବଂ ଫର୍ମ ୨୬କ୍ୟୁବିରେ ଚାଲାଣ ମାଧ୍ୟମରେ ତାହାକୁ ଜମା କରିବେ ତଥା ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦକୁ ଋଣଦାତାଙ୍କ ନିକଟରେ ଦାଖଲ କରିବେ।

ଆଗ୍ରହୀ ବିଡର୍‌ମାନେ ମିଳିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ଶ୍ରୀ ମଧୁକର ଉଗେମୁଗେ, ଏଜିଏମ୍ (ପ୍ରକଳ୍ପ), ହୁଡ୍‌କୋ, ଦୀନଦୟାଲ ଭବନ, ଅଶୋକ ନଗର, ଭୁବନେଶ୍ୱର–୭୫୧୦୦୯, ଓଡ଼ିଶାଙ୍କ ସହ କାର୍ଯ୍ୟାଳୟ ନିର୍ଘଣ୍ଟରେ ମୋବାଇଲ ନଂ. ୬୩୭୨୮୦୪୮୯୯, ଫୋନ୍ ନଂ.–୦୬୭୪–୨୫୩୬୨୮୭ ଏବଂ ଇମେଲ୍ ଆଇଡି– hudconiwasbbsr@gmail.com ରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୨୪ ଡିସେମ୍ବର, ୨୦୧୮
ସ୍ଥାନ: ଭୁବନେଶ୍ୱର

ହୁଡ୍‌କୋ, ଇଣ୍ଡିଆନ୍ ବ୍ୟାଙ୍କ,
ଇଡେଲୱିସ୍ (ଏଆର୍‌ସି) ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ (ମିଳିତ ଋଣଦାତା)

ଧରିତ୍ରୀ
DHARITRI
ସୋମବାର, ୨୪ ଡିସେମ୍ବର, ୨୦୧୮



## ଆଜି କଣ କେଉଁଠି?

**ସିମୁଳିଆ**

- ଏନ୍‌ଏସ୍‌ଏସ୍ କ୍ୟାମ୍ପର ସ୍ୱତନ୍ତ୍ର ଶିବିର। ସ୍ଥାନ- ଗାଁ ମାର୍କୋଣା, ସମୟ- ଅପରାହ୍ନ ୨ଟା ୩୦ମିନିଟ୍।

## ୩ ଚୋରା ମଦ ବେପାରୀ ଗିରଫ

**ବସ୍ତା, ୨୩।୧୨(ସ୍ୱ.ପ୍ର.):** ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୦ ଲିଟର ମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି। ଗିରଫ ବେପାରୀମାନେ ନଳବାହାର ଗ୍ରାମର ଅମ୍ବିକା ମାଝି, ବିଂଝ ଗ୍ରାମର ମିନତୀ ପୃଷ୍ଟି ଏବଂ ଚକର୍ଜୁନି ଗ୍ରାମର ଦିବାକର ମୁର୍ମୁ। ଅଭିଯୁକ୍ତଙ୍କ ବିରୋଧରେ ମାମଲା(ନଂ.୭୩/୧୮, ୭୪/୧୮ ଏବଂ ୭୫/୧୮) ରୁଜୁ କରାଯାଇଛି।

## ରେଳ ସାମଗ୍ରୀ ଲୁଟ୍ ଅଭିଯୋଗ, ଜଣେ ଗିରଫ

**ବସ୍ତା, ୨୩।୧୨(ସ୍ୱ.ପ୍ର.):** ବସ୍ତା ବ୍ଲକ ଅନ୍ତର୍ଗତ ରାଜଘାଟ ଅଞ୍ଚଳରୁ ରେଳ ସାମଗ୍ରୀ ଲୁଟ ଅଭିଯୋଗରେ ରେଳବାଇ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଉଛନ୍ତି ଅଶୋକ ବାସ୍କେ।

## ଧାନଗଦା ଜଳିଗଲା

**ବସ୍ତା, ୨୩।୧୨(ସ୍ୱ.ପ୍ର.):** ବସ୍ତା ବ୍ଲକ ଅନ୍ତର୍ଗତ ମସଡା ଗାଁରେ ଅଗ୍ନିକାଣ୍ଡ ଘଟି ଗ୍ରାମର ସୁବଳ ମହାନ୍ତିଙ୍କର ଧାନଗଦା ଜଳିଯାଇଛି। ବସ୍ତା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ପାଉଁଶ ଗଦାରୁ ନିଆଁ ଲାଗି ଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଅଗ୍ନିକାଣ୍ଡ ଯୋଗୁ ସୁବଳ ମହାନ୍ତିଙ୍କର ବ୍ୟାପକ କ୍ଷତି ହୋଇଥିବା ଜଣାପଡିଛି।

## ରେମୁଣା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ରେମୁଣା, ୨୩।୧୨(ଡି.ଏନ.ଏ.):** ରେମୁଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବି ତଥା ଗବେଷକ ଡ. କୁଞ୍ଜ ବିହାରୀ ଧଳ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ପୂର୍ବୋତ୍ତର ସମ୍ଭାଗ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ବକ୍ତବ୍ୟ ଦେଇ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷଣ ପଦ୍ଧତିର ପ୍ରଶଂସା କରିବା ସହିତ ଉଚ୍ଚତର ଲକ୍ଷ୍ୟ ନେଇ ଶିକ୍ଷା ହାସଲ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ମନ୍ଦିର ସଭାପତି ସନ୍ତୋଷ ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ ଅତିଥିଙ୍କ ପରିଚୟ ଦେଇଥିବା ବେଳେ ଗୁରୁଜୀ ରବିନାରାୟଣ ପାଣିଆ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ସମୟର ସୁଅ' ପରିବେଷିତ ହୋଇଥିଲା।

## 'ଜେଜେମା' ଜେଜେବାପା ସମ୍ମିଳନୀ

**ବାଲିଆପାଳ, ୨୩।୧୨(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଜେଜେମା' ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ ଶିକ୍ଷାଧିକାରୀ ଭାଗିରଥି ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ମନ୍ଦିରର ବିକଳ୍ପ ଅନ୍ୟ ବିଦ୍ୟାଳୟ ପୂରଣ କରିପାରିବେ ନାହିଁ ବୋଲି କହିଥିଲେ। ଜାମଶୂଳୀ କଲେଜର ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିଶୁ ମନ୍ଦିର ଗଠନ ପୃଷ୍ଠଭୂମି ଓ ବୈଦ୍ଧିକ ଶିକ୍ଷା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ସେଠୀ, ବିଦ୍ୟାଧର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଦୀନକୃଷ୍ଣ ଦାସ ଅତିଥି ପରିଚୟ, ଗୁରୁମା ଅଞ୍ଜନା ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଶିଶୁମନ୍ଦିର ପ୍ରତିଷ୍ଠାତା ତଥା ସେନାଧିକାରୀ ମାନସ ରଞ୍ଜନ ବେହେରା ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ମିଳନୀରେ ଶିଶୁ ମନ୍ଦିରର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜଳଧର ଦେ, ନିର୍ମଳ ଧଳ, ରାଜେଶ ଦେ, ଝୁନାରାଣୀ ଦାସ, ରଶ୍ମିରେଖା ରଣା, ମିତାଞ୍ଜଳୀ ଗିରି, ସସ୍ମିତା ନାୟକ, ଚିନ୍ମୟ କର,ମମତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## କୁଳଡ଼ିହାରେ ହାତୀ ଉପଦ୍ରବ

# ଭାଙ୍ଗିଲେ ୨ ଘର, ୫ ଆହତ

**ସଜନାଗଡ଼, ୨୩।୧୨(ଡି.ଏନ.ଏ.)**




ହାତୀ ଦ୍ୱାରା ନଷ୍ଟ ହୋଇଥିବା ବାସଗୃହ।

ବାଲେଶ୍ୱର ଜିଲା ନୀଳଗିରି କୁଳଡ଼ିହା ଅଭୟାରଣ୍ୟ ତଳେ ଥିବା ଶିଆଡ଼ିମାଳ ପଞ୍ଚାୟତର ସିନ୍ଧୁରିଆ ଗାଁରେ ଶନିବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଅଭୟାରଣ୍ୟରୁ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଗ୍ରାମର ରାଜୁ ସିଂ ଓ ଉଜ୍ୱଳ ସିଂଙ୍କ ଘର ଭାଙ୍ଗି ଦେଇଛନ୍ତି। ହାତୀ ପଲ ଘର ଭାଙ୍ଗିଲା ବେଳେ ଘର ଭିତରେ ଥିବା ଉଭୟ ପରିବାରର ୫ ଜଣ ଆହତ ହୋଇଛନ୍ତି। ଏନେଇ ବନ ବିଭାଗ ଫରେଷ୍ଟର ଉମାକାନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ନୀଳଗିରି ବନାଞ୍ଚଳବାସୀ ହାତୀ ଭୟରେ କାଳାତିପାତ କରୁଛନ୍ତି। କେତେବେଳେ ଝାଡ଼ଖଣ୍ଡ ହାତୀ ତ ଆଉ କେତେବେଳେ କୁଳଡ଼ିହା ହାତୀଙ୍କ ଦ୍ୱାରା ଚାଷଜମି ନଚେତ୍ ବାସଗୃହର କ୍ଷୟକ୍ଷତି ଲାଗି ରହିଛି। ଶନିବାର ବିଳମ୍ବିତ ରାତିରେ କୁଳଡ଼ିହା ଅଭୟାରଣ୍ୟର ଗୋଟିଏ ହାତୀ ଖାଦ୍ୟ ଅନ୍ୱେଷଣରେ କୁଳଡ଼ିହା ପାଦଦେଶକୁ ଲାଗି ରହିଥିବା ଗ୍ରାମାଞ୍ଚଳ ମୁହାଁ ହୋଇଥିଲା। ଶିଆଡ଼ିମାଳ ପଞ୍ଚାୟତ ସିନ୍ଧୁରିଆ ଗ୍ରାମରେ ପଶି ଆତଙ୍କ ଖେଳାଇଥିଲା। ଲୋକମାନେ ଶୋଇଥିବା ବେଳେ ଗ୍ରାମରେ ରାଜୁ ସିଂ ଓ ଉଜ୍ୱଳ ସିଂଙ୍କ ଘର ପାଖାପାଖି ହୋଇଥିବାରୁ ଦୁଇଜଣଙ୍କ ଘରକୁ ଭାଙ୍ଗିବା ସହ ଘରେ ଥିବା ଆସବାବପତ୍ରକୁ ମଧ୍ୟ ନଷ୍ଟ କରିଥିଲା। ପରିବାର ଲୋକେ ହାତୀ ଘର ଭାଙ୍ଗୁଥିବାର ଦେଖି ଜୀବନ ବଞ୍ଚାଇବା ପାଇଁ ପଳାଉଥିବା ବେଳେ ଦୁଇ ପରିବାରର ମୁଗୀ ସିଂ, ଗୁରୀ ସିଂ, ବବୁଲ ସିଂ, ଗୋପୀନାଥ ସିଂ, ଭୂରି ସିଂ ଆହତ ହୋଇଛନ୍ତି। ଏଥିସହ ହାତୀଟି ଉଜ୍ୱଳ ସିଂଙ୍କ ଘରବାଡ଼ିରେ ଥିବା କଳେଇ ପୁଞ୍ଜିକୁ ମଧ୍ୟ ନଷ୍ଟ କରିଥିଲା। ପାହାଡ଼ ପାର୍ଶ୍ୱରେ ସର୍ବନିମ୍ନ ତାପମାତ୍ରା ଖସି ଆସିଥିବାରୁ ଶୀତର ଲହରୀରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡିଛି। ଦୁଇ ପରିବାରର ଲୋକମାନଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଛପରଟିଏ ନାହିଁ। କ୍ଷତିଗ୍ରସ୍ତ ଦୁଇ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ କୁଳଡ଼ିହା ବନବିଭାଗ ଫରେଷ୍ଟର ଉମାକାନ୍ତ ଜେନାଙ୍କୁ ପଚାରିବାରୁ ସେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ରେଞ୍ଜରଙ୍କ ସହ ଆଲୋଚନା କରି ଉକ୍ତ ପରିବାରଙ୍କୁ ଥଇଥାନ କରାଯିବ ବୋଲି କହିଛନ୍ତି।

## ଲକ୍ଷ୍ୟପଥରୁ ନ ହଟିବାକୁ ପରାମର୍ଶ



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

**ଖଇରା, ୨୩।୧୨(ଡି.ଏନ.ଏ.)**

ଖଇରା ବ୍ଲକ ଅଧିନ କୁପାରୀ ସରକାରୀ ହାଇସ୍କୁଲରେ ୨୦ତାରିଖରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ପାଳିଆବିନ୍ଧା କଲେଜର ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ବାରିକ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧ୍ୟକ୍ଷ ଜୟନ୍ତ ରାଉତ, ଏବିଇଓ ସୁଦର୍ଶନ ରାଉତ, ପୂର୍ବତନ ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ, ସିଆରସିସି ପବିତ୍ର ମୋହନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପେଡା, ତ୍ରିଶଳପୁର ପ୍ରାଇମେରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ଦାସମହାପାତ୍ର, ପୂର୍ବତନ ପିଟିଏ ସଭାପତି ରମାକାନ୍ତ ମହାପାତ୍ର, କୁପାରୀ ହାଇସ୍କୁଲ ଏସଏସସି ସଭାପତି ଧର୍ମେନ୍ଦ୍ର ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯେତେ ପ୍ରତିବନ୍ଧକ ଆସିଲେ ମଧ୍ୟ ଲକ୍ଷ୍ୟପଥରୁ ନ ହଟିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦୧୪ରେ ରାଜ୍ୟରେ ବୋର୍ଡ ପରୀକ୍ଷାରେ ପ୍ରଥମ ହୋଇଥିବା ସନୌଜା ପଣ୍ଡା ଏବଂ ଚଳିତବର୍ଷ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ମୋନାଲିସା ନାୟକ, ଅକ୍ଷୟ କୁମାର ମହାନ୍ତି, ଜ୍ୟୋତିପ୍ରକାଶ ବେହେରା, ମୋନାଲିସା ମୁଖିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଦିବ୍ୟାଙ୍ଗ ଶିଶୁ କ୍ରୀଡ଼ା, ସାଂସ୍କୃତିକ ଉତ୍ସବରେ ୧୪୫ ଛାତ୍ରୀଛାତ୍ର

**ସିମୁଳିଆ, ୨୩।୧୨ (ଡି.ଏନ.ଏ.):** ଭିନ୍ନକ୍ଷମ ଶିଶୁମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଉଦ୍ଦେଶ୍ୟରେ ବୁଧବାର ମାର୍କୋଣା ରଘୁନାରାୟଣ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଶିଶୁ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ସଂଯୋଜକ ବିଶ୍ୱମ୍ଭର ପଣ୍ଡା ଓ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକର ବିଭିନ୍ନ ୧୬ଟି କ୍ଲଷ୍ଟରରୁ ୧୪୫ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜୁନିୟର ଓ ସିନିୟର ବିଭାଗରେ ଆଳୁ ଦୌଡ଼, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ମ୍ୟୁଜିକ୍‌ଚେୟାର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ମୋଟ ୧୮ଜଣ କୃତୀମାନଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ଖିଲାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ୱୋଦର ସିଂ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସିମାନେ ସହଯୋଗୀ ଥିଲେ।

## ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ଲାଗି ସଚେତନତା

**ବାହାନଗା, ୨୩।୧୨ (ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯାଇଥିଲା। ଏଥିରେ ପ୍ଲାଷ୍ଟିକ୍‌ମୁକ୍ତ ଓଡିଶା ଗଠନ ଓ ସ୍ୱଚ୍ଛ ଭାରତ ଅଭିଯାନ ନିମନ୍ତେ ଲୋକମାନଙ୍କୁ ଛାତ୍ରୀଛାତ୍ରମାନେ ସଚେତନ କରିଥିଲେ। ଏହାପରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଜନା ବୋର୍ଡର ସଦସ୍ୟ ଗିରିଶ ଚନ୍ଦ୍ର ଦାଶ ଯୋଗଦେଇ ଛାତ୍ରୀଛାତ୍ର ପାଠ ପଢା ସହିତ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବାର ସମୟ ଏବେ ଆସିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖଇରା ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଭଗବାନ ଚନ୍ଦ୍ର ଦାସ, ସମିତିସଭ୍ୟା ତୁଷାରକାନ୍ତି ମହାପାତ୍ର, ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭିରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଖେଳ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଦଳିତ ସମ୍ମାନ ସମାବେଶରେ ନିରଞ୍ଜନ

## କ୍ଷମତାକୁ ଆସିଲେ ୨ବର୍ଷ ମଧ୍ୟରେ ଯୋଗାଇ ଦିଆଯିବ ଘରଡିହ, ବାସଗୃହ



କଂଗ୍ରେସର ଦଳିତ ସମ୍ମାନ ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦଳିତ ସମ୍ମାନ ସମାବେଶ ରବିବାର ଆୟୋଜିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ତାମୁଲିଆ ଫାଟକଠାରୁ ଏକ ଶୋଭାଯାତ୍ରାରେ ସଭାମଞ୍ଚ ନିକଟକୁ ଅଣାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳରୁ ଶତାଧିକ କର୍ମୀ ଓ ନେତା କଂଗ୍ରେସରେ ଯୋଗଦେଇଥିଲେ।

ପୂର୍ବତନ ଏମ୍‌ପି ତଥା ରାଜ୍ୟ ଦଳିତ ସେଲ୍ ଅଧ୍ୟକ୍ଷ ବିଭୂ ପ୍ରସାଦ ତରାଇଙ୍କ ଆବାହକତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ପଟ୍ଟନାୟକ ଯୋଗଦେଇ ରାଜ୍ୟରେ ୧୭ ପ୍ରତିଶତ ଦଳିତ ଏବଂ ୨୩ ପ୍ରତିଶତ ଆଦିବାସୀ ବସବାସ କରୁଥିଲା ବେଳେ ୧୯ବର୍ଷ ଧରି ନବୀନ ସରକାର ସେମାନଙ୍କ ଆର୍ଥିକ ବିକାଶ ପାଇଁ କିଛି ହେଲେ କରିନାହାନ୍ତି। କେବଳ ଚିଟ୍‌ଫଣ୍ଡ ମାଲିକ ଏବଂ ବଡ଼ ବଡ଼ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରି ଓଡ଼ିଶାର ଗରିବ ଲୋକ ଏବଂ ପ୍ରାକୃତିକ ସମ୍ପଦକୁ ଲୁଟ୍ କରିବାକୁ ପଦକ୍ଷେପ ନେଇଛନ୍ତି। ସେହିପରି ଭାଜପା ଗାଁ ଗହଳିରେ ହନୁମାନ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା କରି ପ୍ରଭୁ ହନୁମାନଙ୍କୁ ଗାଁ ଚୌକିଦାର ବନାଇବାରେ ବ୍ୟସ୍ତ। ୭ମାସ ପୂର୍ବରୁ ପ୍ରଦେଶ କଂଗ୍ରେସ କୃଷକଙ୍କ ଋଣ ଛାଡ଼ କରିବାକୁ ପରାମର୍ଶ ଦେଇଥିବା ବେଳେ ନିର୍ବାଚନର କେତେଦିନ ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କ ପାଇଁ ଲୋକ ଦେଖାଣିଆ ପ୍ରକଳ୍ପ ଆଣିଥିବା ବେଳେ ଭାଜପା ଚାଷୀଙ୍କ ଅଭିଶାପରୁ ୩ଟି ରାଜ୍ୟରେ ଶାସନ ହରାଇଥିବା ପ୍ରକାଶ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ୨ବର୍ଷ ମଧ୍ୟରେ ସମସ୍ତ ଦଳିତ, ଭୂମିହୀନ ଓ ଆଦିବାସୀ ଗରିବ ଲୋକଙ୍କୁ ଘରଡିହ ଓ ବାସଗୃହ ଯୋଗାଇ ଦିଆଯିବ ବୋଲି ପିସିସି ସଭାପତି ପଟ୍ଟନାୟକ ଘୋଷଣା କରିଥିଲେ। ବିଜୁ ଯୁବ ବାହିନୀ ଆଳରେ ସରକାର ହଜାର ହଜାର କୋଟି ଟଙ୍କା ବରବାଦ୍ କରୁଛନ୍ତି ବୋଲି ପିସିସିର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ପ୍ରକାଶ କରିଛନ୍ତି। ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ପିସିସି ଇସ୍ତାହାର କମିଟି ସଭାପତି ଗଣେଶ୍ୱର ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ କଂଗ୍ରେସ ଏକଜୁଟ୍ ରହିଲେ ବିଜେଡ଼ିକୁ କ୍ଷମତାରୁ ବାହାର କରିବା ସମ୍ଭବ ହେବ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଦେବୀ ପ୍ରସନ୍ନ ଚଣ୍ଡ, ଅକ୍ଷୟ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, କୁମାର ଚିରଞ୍ଜୀବ, ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପିସିସି ସମ୍ପାଦକ ସତ୍ୟଶିବ ଦାସ, ଜିଲା କଂଗ୍ରେସ କମିଟି ସଭାପତି ଶରତ ରାଜ୍, ଜିଲା କଂଗ୍ରେସ ଉପସଭାପତି କୃଷ୍ଣ ଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ସଦର ନିର୍ବାଚନ ମଣ୍ଡଳୀର ଯୁବନେତା ବିକ୍ରମ ପଣ୍ଡା, ଅର୍ଚ୍ଚନା ନନ୍ଦୀ, ସଦର ବ୍ଲକ ଦଳିତ ସେଲ୍‌ର ସଭାପତି ଲକ୍ଷ୍ମୀଧର ସେଣ, ଜିଲା ସମ୍ପାଦକ ଅରୁଣ ଜେନା, ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, ଟାଉନ୍ ସଭାପତି ପଦ୍ମଲୋଚନ ଲେଙ୍କା, ତୁଷାର କାନ୍ତି ତପସ୍ୱୀ, ପ୍ରତୀମା ପଣ୍ଡା, ପ୍ରଜ୍ଞା ମହାନ୍ତି, ରାଜ୍ୟ ଅନୁସୂଚିତ ଜାତି ଉପାଧ୍ୟକ୍ଷା ମମତାଞ୍ଜଳୀ ବେହେରା ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ସାଧନା



@ କାହ୍ନା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଆନ୍ତଃ ଜିଲା ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ

# ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ସୋର, ୨୩।୧୨(ଡି.ଏନ.ଏ.):** ସୋର ସ୍ପୋର୍ଟସ ଆସୋସିଏଶନ୍ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱର୍ଗତ ସରସ୍ୱତୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଟି – ୨୦ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ ୨ୟ ଦିନରେ କଟକ ରାଇଜିଂ ଷ୍ଟୁଡେଣ୍ଟ ସହ ଭଦ୍ରକ ସିଏସ୍‌ଏ ଟିମ୍‌ର ମୁକାବିଲା ହୋଇଥିଲା। ଏହି ଟୁର୍ନାମେଣ୍ଟର ୨ୟ ଦିନରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଟିମ୍ ଭଦ୍ରକ ସିଏସ୍‌ଏ ଟିମ୍‌କୁ ଭେଟିଥିଲା। ପ୍ରଥମେ ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭଦ୍ରକ ଟିମ୍ ନିର୍ଦ୍ଧାରିତ ୨୫ ଓଭରରୁ ୧୫.୪ ଓଭରରେ ୫୦ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିବା ବେଳେ ରାଇଜିଂ ଷ୍ଟୁଡେଣ୍ଟ ୭.୫ ଓଭରରେ ଗୋଟିଏ ଉଇକେଟ୍ ହରାଇ ୫୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ତନ୍ମୟୀ ବେହେରା ୪ ଓଭର ବୋଲିଂ କରି ୧ ଓଭର ହାଟ୍ରିକ୍ ଓ ୨ ଓଭର ମେଡେନ୍ ସହ ୬ ରନ୍ ବ୍ୟୟ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ବିଜୁ ଜନତା ଦଳ ନୂତନ କାର୍ଯ୍ୟକର୍ତ୍ତା

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱରର ଏକ ଘରୋଇ ହୋଟେଲ ପରିସରରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଜିଲା ଟାଉନ ବିଜୁ ଜନତା ଦଳର ନୂତନ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ବିଜୁ ଜନତା ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଦଳର ଜିଲାସଭାପତି ତଥା ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅନୁମୋଦନ କ୍ରମେ ଟାଉନ ସଭାପତି ସ୍ୱରୂପ କୁମାର ଦାସ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି।

ଉପଦେଷ୍ଟା ଭାବେ ୮ଜଣ, ଉପସଭାପତି ଭାବେ ୭ନ୍‌ଜଣ, ସାଧାରଣ ସମ୍ପାଦକ ଭାବେ ୫ଜଣ ଓ ସମ୍ପାଦକ ଭାବେ ୧୫ଜଣଙ୍କ ନାମ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଆଗାମୀ ଦିନରେ ସହରରେ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚାଇବା ଏହି କମିଟିର ମୂଳ ଲକ୍ଷ୍ୟ ବୋଲି ଟାଉନ୍ ସଭାପତି ଦାସ କହିଛନ୍ତି। ଉପଦେଷ୍ଟା ମନୋଜ କୁମାର ରାଉତ, କୈଳାସ ଚନ୍ଦ୍ର ସେଠୀ, ଚନ୍ଦ୍ର ଶେଖର ପାତ୍ର, ଛାତ୍ର ଜନତା ଜିଲାସଭାପତି ସିମନ ଦାସ ମହପାତ୍ର, ଟାଉନ ଯୁବ ସଭାପତି ସଞ୍ଜୀବ ଦାସ ଓ ଟାଉନ ଛାତ୍ର ସଭାପତି ବ୍ରଜକିଶୋର ପ୍ରଧାନ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

## ସଂକ୍ଷେପରେ

### ୨ ଟ୍ରକ ଧକ୍କା: ଜଣେ ମୃତ

**ଭଦ୍ରକ ଅଫିସ, ୨୩।୧୨:** ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ବନ୍ତ ଛକ ପୋଲ ଉପରେ ରବିବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ଅଟକି ଥିବା ଏକ ଚିପ୍ସ ବୋଝେଇ ଟ୍ରକକୁ ପଛରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଅଟକି ରହିଥିବା ଟ୍ରକର ପଛପାଖ ଡାଲାରେ ପିଟିହୋଇ ଟ୍ରକର ଆଗ ଭାଗ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପିଟି ହୋଇଥିବା ଟ୍ରକର ହେଲ୍‌ପର ପୂର୍ଣ୍ଣ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ପୂର୍ଣ୍ଣ କେନ୍ଦୁଝର ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିଲା।

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ତିହିଡ଼ି, ୨୩।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ ଦେଉଳା ବଜାରରେ ଥିବା ତପନ ପଣ୍ଡାଙ୍କ ଭେରାଇଟି ଷ୍ଟୋର ଦୋକାନକୁ ଶନିବାର ରାତିରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ତପନ ଏ ସମ୍ପର୍କରେ ରବିବାର ଅଭିଯୋଗ କରିବା ପରେ ତିହିଡ଼ି ପୋଲିସ ଏକ ମାମଲା (ନଂ. ୪୧୨/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତପନ ଦୋକାନ ବନ୍ଦ କରି ଘରକୁ ଯିବା ପରେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା।

### ୨ ଛାତ୍ରଙ୍କ କୃତିତ୍ୱ

**ପଦ୍ମପୁର, ୨୩।୧୨ (ଡି.ଏନ.ଏ.):** ଭଦ୍ରକ ବ୍ଲକ ଅଧୀନ ଲାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରେମ କିସନ ଧଳ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ଏବଂ ସୌମ୍ୟରଞ୍ଜନ ପାଣିଗ୍ରାହୀ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍‌ରେ କୃତିତ୍ୱ ହାସଲ କରିଛନ୍ତି। ଏହି ଦୁଇ ଛାତ୍ର ଭଦ୍ରକ ଜିଲା ପାଇଁ ଗୌରବ ଆଣିଛନ୍ତି। ୯ମ ଶ୍ରେଣୀ ଛାତ୍ର ପ୍ରେମ କିସନ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ କେନ୍ଦ୍ରସ୍ତରରେ ପ୍ରଥମ ହୋଇ ଶନିବାର ଭୁବନେଶ୍ୱରରେ ଶିକ୍ଷା ବିଭାଗ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେ ହରିପୁର ଗ୍ରାମର ରଞ୍ଜନ କୁମାର ଧଳଙ୍କ ପୁଅ। ସେହିପରି ୯ମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଜିଲାସ୍ତରୀୟ ବିଜ୍ଞାନ କୁଇଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଧାନଶିକ୍ଷକ ବାଦଲ କିଶୋର ମହାପାତ୍ର ଛାତ୍ରଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହେବ ବୋଲି ପ୍ରତିକ୍ରିୟାରେ କହିଥିଲେ।

### ୬ଶହରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ବାସୁଦେବପୁର, ୨୩।୧୨ (ଡି.ଏନ.ଏ.):** ବାସୁଦେବପୁର ଏବି ହାଇସ୍କୁଲଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଚୀ-ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ବାସୁଦେବପୁର ପୌରପାଳିକା ଅଞ୍ଚଳର ୬ଶହରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଏସ୍‌ଟି କମିଶନର ବିଜୟ କୁମାର ମଲିକ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ସାମାଜିକ କର୍ମୀ ମାନସ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏବି ହାଇସ୍କୁଲ ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢ଼ୀ, ଯୁବନେତା ଦେବେନ୍ଦ୍ର ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଲାଇଫ ଲାଇନ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୪ ବଖରା ଜଳିଗଲା

**ବାସୁଦେବପୁର, ୨୩।୧୨ (ଡି.ଏନ.ଏ.):** ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ମଦନମୋହନ ସେଠୀଙ୍କ ୪ ବଖରା ଘର ଜଳିଯାଇଛି। ମଦନଙ୍କ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସମେତ ଘରୋଇ ଉପକରଣ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରବିବାର ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ, ଯୁବ ବିଜେଡି ସଭାପତି ଅସିତ ଦାଶ, ଜିଲା ଉପସଭାପତି ଦେବଦର୍ଶନ ଦାଶ, ସରପଞ୍ଚ ଜଗବନ୍ଧୁ ବଳ, ସମିତିସଭ୍ୟ ସୁଶାନ୍ତ ଦାସ ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଭାଜପାର ଯୁବନେତା ଉଦୟ ନାରାୟଣ ମଲିକ ମଧ ଅଗ୍ନିବିପନ୍ନ ପରିବାରକୁ ଭେଟିଥିଲେ।

# ମାଷ୍ଟରପ୍ଲାନରେ ସୀମିତ ବିକାଶ

**ଆରଡ଼ି, ୨୩।୧୨ (ଡି.ଏନ.ଏ.)**


ଆଖଣ୍ଡଳମଣି ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀର ନିର୍ମାଣ କାର୍ଯ୍ୟ ଚାଲୁରହିଛି।

**ବାବା ଆଖଣ୍ଡଳମଣିଙ୍କ ପୀଠ**
- ୨ ବର୍ଷ ହେଲା ଚାଲିଛି ପୋଖରୀ କାମ
- ପଥର ଯୋଡେଇରେ ଅଟକିଛି ପଶ୍ଚିମ ପାର୍ଶ୍ୱ ପ୍ରାଚୀର
- ନିଆଯାଉନି ଉପଯୁକ୍ତ ପଦକ୍ଷେପ

ଓଡ଼ିଶା ଓ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ ଜମୁଛି। ସୋମବାର ଓ ବିଭିନ୍ନ ପର୍ବପର୍ବାଣୀରେ ଭକ୍ତଙ୍କ ସଂଖ୍ୟା ଲକ୍ଷ୍ୟକୁ ଟପିଯାଏ। ହେଲେ ଏହି ପୁରାତନ ଶୈବପୀଠର ବିକାଶ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଭକ୍ତ, ସେବାୟତ ଓ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୀଠର ବିକାଶ ପାଇଁ ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଜିଲା ପ୍ରଶାସନର ନିରବତା ପୀଠର ବିକାଶରେ ପ୍ରତିବନ୍ଧକ ବୋଲି କୁହାଯାଉଛି।

ବେଢ଼ା ସମ୍ପ୍ରସାରଣ ପାଇଁ ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ୧୩ରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନକୁ ଭାଙ୍ଗି ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାଚୀର ନିର୍ମାଣ କେବଳ ପଥର ଯୋଡେଇରେ ସରିଛି। ବେଢ଼ାର ଗୋଟିଏ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ ହୋଇଥିଲେ ବି ଅନ୍ୟ ୩ ପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଲାଗି ପଦକ୍ଷେପ ନିଆଯାଇ ନାହିଁ। ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବଗଙ୍ଗା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ୨ ବର୍ଷ ଧରି ଚାଲୁ ରହିଛି। ଦୂରଦୂରାନ୍ତରୁ ବୁଡ଼ ପକାଇବା ଲାଗି ମାନସିକ ରଖି ଆସୁଥିବା ଶ୍ରଦ୍ଧାଳୁ ଏହି ପୁଷ୍କରିଣୀରେ ନିଜର ପିଲାଙ୍କୁ ସ୍ନାନ କରାଇପାରୁ ନାହାନ୍ତି। ପୀଠର ଚତୁଃପାର୍ଶ୍ୱରେ ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ପଡ଼ି ରହିଥିଲେ ବି ଏହାକୁ ସ୍ଥାନାନ୍ତର କରାଯାଉ ନାହିଁ। କେବଳ ସେତିକି ନୁହେଁ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଶୌଚ ହେବା ପାଇଁ ନୂତନ ଶୌଚାଳୟ ବ୍ୟବସ୍ଥା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରି ନାହିଁ। ପୀଠରେ ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବା ନେଇ ଗତବର୍ଷ ଡିସେମ୍ବର ମାସରେ ଜିଲାପାଳ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ, ପୁଷ୍ପ ଉଦ୍ୟାନ ପ୍ରତିଷ୍ଠା, ନୂତନ ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିଲାଗି ୫୦ କୋଟିରୁ ଅଧିକ ଅର୍ଥରାଶି ବ୍ୟୟବରାଦ ହୋଇଥିବା ସୂଚନା ଦିଆଯାଇଥିଲା। ଏହି ସମୀକ୍ଷା ବୈଠକକୁ ବର୍ଷେ ପୁରିଗଲାଣି। କୌଣସି ଗୋଟିଏ ପ୍ରକଳ୍ପ ବି କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ବତନ ଟ୍ରଷ୍ଟବୋର୍ଡ ସଭ୍ୟ ମିହିର କୁମାର ନାୟକ କହିଛନ୍ତି, ପୀଠର ବିକାଶ ଅପରିହାର୍ଯ୍ୟ ହୋଇଥିବା ବେଳେ ପ୍ରଶାସନିକ ସ୍ଥାଣୁତା ଅତ୍ୟନ୍ତ ନିନ୍ଦନୀୟ। ବାବା ଆଖଣ୍ଡଳମଣିଙ୍କ ପୀଠର ବିକାଶ ଲାଗି ସବୁସ୍ତରରୁ ଉଦ୍ୟମ ଆବଶ୍ୟକ ବୋଲି ସେବାୟତ ଜୀବନାନନ୍ଦ ପାଢ଼ୀ ମତ ପ୍ରକାଶ କରିଛନ୍ତି। ଏଥିସହ ପୀଠର ବିକାଶ ଲାଗି ମାଷ୍ଟରପ୍ଲାନ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ସେ କହିଛନ୍ତି। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, ପୀଠରେ ବିକାଶ ମୂଳକ କାର୍ଯ୍ୟ ଚାଲୁ ରହିଛି। ଆସନ୍ତାବର୍ଷ ପୀଠର ବିକାଶ ପାଇଁ ଅଧିକ ଅର୍ଥରାଶି ବ୍ୟୟବରାଦ ହେବାର ସୂଚନା ମିଳିଛି।

## ■ ଚାଷୀ ଆତ୍ମହତ୍ୟା ଉଦ୍ୟମ ଘଟଣା
# ନିଲମ୍ବନ ହେଲେ ସମବାୟ ସମ୍ପାଦକ

**ଭଦ୍ରକ ଅଫିସ, ୨୩।୧୨**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ସମବାୟ ସମିତି ପରିସରରେ ଚାଷୀ ହରମୋହନ ବାରିକଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର ସମବାୟ ସମ୍ପାଦକ ଚକ୍ରଧର ନାୟକଙ୍କୁ ନିଲମ୍ବନ କରିଛନ୍ତି। ସେ କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

ଆର୍ଦ୍ରତା ଥିବା ଦର୍ଶାଇ ମିଲର ଧାନ ଫେରାଇ ଦେବାରୁ ହରମୋହନ ଶୁକ୍ରବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ରବିବାର ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ଘଟଣାରେ ପ୍ରଶାସନିକ ତଦନ୍ତ ପାଇଁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଉପଜିଲାପାଳ ସୁଚାରୁ ବଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ବଳଙ୍କ ସମେତ ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ ସାବରଙ୍ଗ ସମବାୟ ସମିତିକୁ ଯାଇ ତଦନ୍ତ କରିଥିଲେ। ସମ୍ପାଦକ ନାୟକ ଚାଷୀଙ୍କୁ ସିଧା ମିଲ୍‌କୁ ଯିବା ପାଇଁ ପରାମର୍ଶ ଦେଉଥିବା ସମବାୟ ସମିତିର କେତେକ ବୋର୍ଡ ମେମ୍ବର ତଦନ୍ତ ବେଳେ ଅଭିଯୋଗ କରିଥିଲେ। ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲାପାଳ ସମ୍ପାଦକ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଥାଉ କି, ରବିବାର ପୂର୍ବାହ୍ନରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଉମାକାନ୍ତ ରାଉତ, ଜିଲା ନେତା ତ୍ରିଲୋଚନ ପଣ୍ଡା, ସତ୍ୟରଞ୍ଜନ ନାୟକ ପ୍ରମୁଖ ଚାଷୀ ହରମୋହନଙ୍କୁ ଭେଟିଥିଲେ। ସରକାରଙ୍କ ଚାଷୀମାରଣ ନୀତିକୁ ସେମାନେ ନିନ୍ଦା କରିବା ସହ ଚାଷୀଙ୍କ ବିଭିନ୍ନ ଦାବି ସରକାର ତୁରନ୍ତ ପୂରଣ କରିବାକୁ ଗଣମାଧ୍ୟମ ଆଗରେ ଦାବି ରଖିଥିଲେ।

# ତୂଳୀରେ ସ୍ୱଚ୍ଛତାର ବାର୍ତ୍ତା


ପ୍ରତିଯୋଗୀମାନେ ଚିତ୍ରାଙ୍କନ କରୁଛନ୍ତି।

**ଭଦ୍ରକ ଅଫିସ, ୨୩।୧୨**

ଭଦ୍ରକ ଜିଲା ଟାଉନ ଥାନା ସମ୍ମୁଖ କର୍ମଚାରୀ ଭବନ ପରିସରରେ ରବିବାର ନେତାଜୀ ସୁଭାଷ ବାହିନୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବିଡିଓ ହରିଶ୍ଚନ୍ଦ୍ର ଜେନା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପାଠପଢ଼ା ସହ ଚିତ୍ରାଙ୍କନ ପ୍ରତି ମନୋନିବେଶ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। 'ସ୍ୱଚ୍ଛ ଭାରତ' ବିଷୟକୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୩୦ ସ୍କୁଲରୁ ୬୫ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ସେମାନଙ୍କ ତୂଳୀରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ୪୨ଟି ସ୍କୁଲରୁ ୮୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ଜାନୁୟାରୀ ୨୩ ତାରିଖ ନେତାଜୀ ଜୟନ୍ତୀ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ନେତାଜୀ ସୁଭାଷ ବାହିନୀର ସଭାପତି ବିକାଶ ଶ୍ରେଷ୍ଠା, ଉପସଭାପତି ଯୋଗେଶ ଶର୍ମା, ସମ୍ପାଦକ ଅମ୍ୟାଂଶୁ ସାହାଣି, ସହସମ୍ପାଦକ ସତ୍ୟସାଇ ପରିଡାଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ପୁରୁଷୋତ୍ତମ ଥିଲେ ବହୁମୁଖୀ ପ୍ରତିଭା'

**ଭଦ୍ରକ ଅଫିସ, ୨୩।୧୨**

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ନିମାପଡା କପାଳିକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା, ବିଭିନ୍ନ ବୈଦିକ ଧର୍ମଗ୍ରନ୍ଥ ଓ ପ୍ରାଚୀନ ଆୟୁର୍ବେଦ ଶାସ୍ତ୍ରର ଓଡ଼ିଆ ଟୀକାକାର, ଜ୍ୟୋତିର୍ବିଦ୍, ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଜିଲା ସଙ୍ଗଠକ, ସଂସ୍କୃତ ପଣ୍ଡିତ ସ୍ୱର୍ଗତ ପୁରୁଷୋତ୍ତମ କର ଶର୍ମାଙ୍କ ୮୪ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପୁରୁଷୋତ୍ତମ ଏକାଧାରରେ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି କପାଳିକ୍ଷେତ୍ର ପୂଜ୍ୟପୂଜା ପରିଷଦ ପକ୍ଷରୁ ଟାଉନ ହଲ୍ ପରିସରରେ ଆୟୋଜିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଲୋକଭାଷା ପ୍ରଚାର ସମିତିର ରାଜ୍ୟ ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ବିକାଶ ଶୁକ୍ଳା, କୃଷ୍ଣଚନ୍ଦ୍ର ସାବତ୍, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଶିକ୍ଷାବିତ୍ ଡ. ଗୋଲକ ବିହାରୀ ସାହୁ, ଡ. ଶୁଭେନ୍ଦୁ ମିଶ୍ର, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଜ୍ୟୋତିର୍ବିଦ୍, ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବରଦା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଜୟନ୍ତୀ କର ଶର୍ମାଙ୍କ ରଚିତ ଭଜନ ପୁସ୍ତକ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଓ ଅଡିଓ ଭଜନ 'କୈବଲ୍ୟ'ର ଲୋକାର୍ପଣ କରାଯାଇଥିଲା। ବନ୍ତ ମହତାବ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ଯେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜ୍ୟପୂଜା ପରିଷଦ ସଭାପତି ଶିକ୍ଷାବିତ୍ ଗଣେଶ ପ୍ରସାଦ କର ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ପୁରୁଷୋତ୍ତମ ସ୍ମୃତି ସଂସଦ ସମ୍ପାଦକ ଖବରଦାତା ପତଞ୍ଜଳୀ କରଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ନଦୀବନ୍ଧ ଧସିବା ସ୍ଥାନ ବୁଲି ଦେଖିଲେ



**ଆରଡ଼ି, ୨୩।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମୁଆଁଠାରେ ବୈତରଣୀ ନଦୀବନ୍ଧରେ ପଥରପ୍ୟାକିଂ କାମ ଚାଲୁଥିବା ବେଳେ ଶନିବାର ସକାଳେ ପ୍ରାୟ ୫୦ଫୁଟ ଲମ୍ବର ମାଟି ଅତଡ଼ା ଖସିପଡ଼ିଥିଲା। ଏଥିସହ ନିର୍ମାଣାଧୀନ ପଥରପ୍ୟାକିଂ ନଦୀଗର୍ଭକୁ ଚାଲି ଯାଇଥିଲା। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅଜୟ ନାୟକ ରବିବାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଠିକାଦାର ନଦୀବନ୍ଧ ଉପରେ ପଥର ପକାଇ ନିମ୍ନମାନର କାମ କରୁଥିବା ଗ୍ରାମବାସୀ ତାଙ୍କୁ କହିଥିଲେ। ଏକଥା ଶୁଣି ରାଜ୍ୟ ପରିଷଦ ସଦସ୍ୟ ନାୟକ କ୍ଷୁବ୍ଧ ହେବା ସହ ନଦୀଶଯ୍ୟାରେ ପଥରପ୍ୟାକିଂ କରାଯିବା ପାଇଁ ଜଳସେଚନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳର ଅରୁଣ ଦାସ, ପହଲି ଦାସ, ଗଣେଶ ବାରିକ, ଗେଡୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ■ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ବୈଠକ
# ଦାବି ପୂରଣ ପାଇଁ ଆନ୍ଦୋଳନ ଡାକରା

**ଚାନ୍ଦବାଲି, ୨୩।୧୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ରବିବାର ମତୋ ରଘୁନାଥ ରାୟ ମଇ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନବଘନ ସାମଲ ଏଥିରେ ଅଧକ୍ଷତା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିକ୍ଷକ ଓ କର୍ମଚାରୀ ଏକଜୁଟ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ଦିବଂଗତ ଶିକ୍ଷକଙ୍କ ସ୍ମୃତିଚାରଣ କରାଯାଇଥିଲା। ସଂଘ ସମ୍ପାଦକ ପ୍ରମୋଦ ତ୍ରିପାଠୀ ଶିକ୍ଷକ ଓ କର୍ମଚାରୀଙ୍କ କେତେକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଚିକିତ୍ସା ଭତ୍ତା ପ୍ରଦାନ, ୧୯୯୨ରୁ ୨୦୧୬ ପର୍ଯ୍ୟନ୍ତ ହୋଇଥିବା ପେନ୍‌ସନରେ ବ୍ୟତିକ୍ରମ ଓ ଅସଙ୍ଗତି ଦୂର କରିବା, ପେନ୍‌ସନ ଗ୍ରହଣ ବେଳେ ବ୍ୟାଙ୍କ ଓ ଟ୍ରେଜେରିରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯିବା ଭଳି କେତେକ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାବି ପୂରଣ ସକାଶେ ସଂଘ ପକ୍ଷରୁ ନବବର୍ଷରେ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଆସନ୍ତାବର୍ଷଠାରୁ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ପ୍ରଦାନ, ମୁଖପତ୍ର ପ୍ରକାଶନ ଓ ଶିକ୍ଷାର ବିକାଶ ଦିଗରେ କାମ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗଜେନ୍ଦ୍ର ପାତ୍ର, ଗୟାଧର ସାହୁ, କୈଳାସ ପ୍ରଧାନ, ଅତୁଲ ଚନ୍ଦ୍ର ପରିଡ଼ା, କମଳାକାନ୍ତ ମହାନ୍ତି, କମଳାକାନ୍ତ ପତି, ଉମେଶ ଚନ୍ଦ୍ର ସାହୁ, ସାଧୁଚରଣ ନାୟକ, ପୂର୍ଣ୍ଣଚନ୍ଦ୍ର ନନ୍ଦ, ମଦନ ସୁନ୍ଦର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

# ଜେଲ୍ ଅନ୍ତେବାସୀଙ୍କୁ ଯୋଗ ପ୍ରଶିକ୍ଷଣ

**ଭଦ୍ରକ ଅଫିସ, ୨୩।୧୨**

ଭଦ୍ରକ ସ୍ୱତନ୍ତ୍ର ଉପକାରାଗାର ପରିସରରେ ଆର୍ଟ ଅଫ୍ ଲିଭିଙ୍ଗ ସଂସ୍ଥା ପରିଚାଳନାରେ ଚାଲିଥିବା ୮ ଦିନ ବ୍ୟାପୀ ଯୋଗ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂସ୍ଥା ପକ୍ଷରୁ ପ୍ରଫେସର କୌଶିକ ସାହୁ, ଯୋଗ ଶିକ୍ଷୟିତ୍ରୀ ଗୀତା ମହାନ୍ତି, ପରିଚାଳକ ଡ. ଶୋଭାନ ସେଠୀ ପ୍ରମୁଖ ଅନ୍ତେବାସୀଙ୍କୁ ପ୍ରତ୍ୟହ ସକାଳ ସାଢ଼େ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଯୋଗ ଶିକ୍ଷା ଦେଉଥିଲେ। ୭୦ ଅନ୍ତେବାସୀ ଏଥିରେ ଭାଗ ନେଇଥିଲେ। ଅନ୍ତେବାସୀଙ୍କୁ ଯୋଗ ମାଧ୍ୟମରେ ନିରୋଗ ରଖିବା ଓ ଶୃଙ୍ଖଳିତ କରିବାର ପ୍ରୟାସ ଜେଲ୍ ସଂସ୍କାରର ଏକ ପ୍ରମୁଖ ଅଙ୍ଗ ବୋଲି ଜେଲର କୁଅଁର ମାରାଣ୍ଡି କହିଥିଲେ। ଉପ କାରାରକ୍ଷୀ ପ୍ରକାଶ କୁମାର ରଣା, ସହକାରୀ କାରାରକ୍ଷୀ ସନାତନ ସାହୁ, ଫାର୍ମାସିଷ୍ଟ ଜନ୍ମେଜୟ ମହାନ୍ତି, ମୁଖ୍ୟ କାରାରକ୍ଷୀ ଶ୍ୟାମସୁନ୍ଦର ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଜୀବନ ବନ୍ଦୀ ଚନ୍ଦ୍ରଶେଖର ପଣ୍ଡା, ସୋମନାଥ ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

### ହେଲ୍‌ମେଟ ଚେକିଂ: ଜରିମାନା ଆଦାୟ

**ଧାମନଗର, ୨୩।୧୨ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ଥାନା ପୋଲିସ ପକ୍ଷରୁ ରବିବାର ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାରେ ହେଲ୍‌ମେଟ ଚେକିଂ ହୋଇ ୧୫ଟି ବାଇକ୍‌ରୁ ୧୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ରାସ୍ତାରେ ଅଧିକାଂଶ ବାଇକ୍ ଦୁର୍ଘଟଣା ହେଲ୍‌ମେଟ ଏବଂ ବେପରୁଆ ଗାଡ଼ି ଚାଳନା ଯୋଗୁ ଘଟୁଛି। ଆଇଆଇସି ପ୍ରଫୁଲ୍ଲ କୁମାର ସିଂଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଗୟାଧର ବେହେରା, କନଷ୍ଟେବଳ ଖଗେନ ମହାଲିକ ସଦଳବଳ ପୋଖରୀଆଡି ଛକ ନିକଟରେ ହେଲ୍‌ମେଟ, ଗାଡ଼ି କାଗଜପତ୍ର ଯାଞ୍ଚ କରିଥିଲେ।

# ଡାକ୍ତରଖାନାରେ ମା' ଓ ଶିଶୁକନ୍ୟା ମୃତ୍ୟୁ

**ବାସୁଦେବପୁର, ୨୩।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ଗ୍ରାମର ବୈଦ୍ୟନାଥ ଦାସଙ୍କ ସ୍ତ୍ରୀ ବିରାଜିନୀ ଦାସ ବାସୁଦେବପୁର ଡାକ୍ତରଖାନାରେ ରବିବାର ସକାଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହାର କିଛି ସମୟ ପରେ ଉଭୟ ମା' ଓ ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ପ୍ରସବ ଲାଗି ବିରାଜିନୀଙ୍କୁ ଶନିବାର ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିରାଜିନୀ ହୃଦ୍‌ରୋଗରେ ପୂର୍ବରୁ ପୀଡ଼ିତ ଥିବାରୁ ପ୍ରସବ ପରେ ଏଭଳି ଘଟଣା ଘଟିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ମଧ୍ୟ ହୋଇ ନ ଥିବା ଜାଣିବାକୁ ମିଳିଛି।

# ତିହିଡ଼ିରେ ଚାଷୀ ସମାବେଶ

**ତିହିଡ଼ି, ୨୩।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକର ବୋଡ଼କ କଲ୍ୟାଣ ମଣ୍ଡପରେ ରବିବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜୟପ୍ରକାଶ ମଲିକ ପୌରୋହିତ୍ୟ କରିଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ମୁଖ୍ୟଅତିଥି ଏବଂ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହସଂଯୋଜକ ଉମାକାନ୍ତ ରାଉତ, ବ୍ଲକ ସଭାପତି ବଳରାମ ମଲିକ, ପୂର୍ବତନ ସରପଞ୍ଚ ଗୋଲକ ସାମଲ, ଅକ୍ଷୟ ମଲିକ, ଗଗନ ଚନ୍ଦ୍ର ପାଗଳ, ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ନୀଳମାଧବ ସେନାପତି, ଅନିଲ ଦାସ, ଚୌଧୁରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀଙ୍କୁ ଉଚିତ ସମ୍ମାନ ଓ ପେନ୍‌ସନ, ଶୀତଳ ଭଣ୍ଡାର ସ୍ଥାପନ, ଭାଗଚାଷୀଙ୍କୁ ଚାଷୀ ମାନ୍ୟତା, ଚାଷୀଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ ଆଦି ଦାବି କରାଯାଇଥିଲା।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମାବେଶ

**ଭଣ୍ଡାରିପୋଖରୀ/ବାସୁଦେବପୁର/ବନ୍ତ, ୨୩।୧୨ (ଡି.ଏନ.ଏ.)**


ବାସୁଦେବପୁରରେ ବିଜେଡି କର୍ମୀ ସମ୍ମିଳନୀରେ ଅତିଥିବୃନ୍ଦ।

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ, ବାସୁଦେବପୁର ଓ ବନ୍ତ ବ୍ଲକରେ ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ଆଖୁଆପଦାସ୍ଥିତ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ୨୨ନମ୍ବର ଜୋନ୍‌ସ୍ତରୀୟ କର୍ମୀ ସମାବେଶରେ ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସରକାର କୃଷକ, ମହିଳା ଓ ସବୁ ବର୍ଗର ଲୋକଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ୨୨ ନମ୍ବର ଜିଲା ପରିଷଦ ସଦସ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ଶରତ ଜେନା, ବିଜେଡି ଯୁବ ଜିଲା ଉପସଭାପତି ପ୍ରଣିତକାନ୍ତ ସାମଲ, ବ୍ଲକ ମହିଳା ସଭାନେତ୍ରୀ ରଶ୍ମିତା ପାଢ଼ୀ, ନେରଡା ସରପଞ୍ଚ ବଦ୍ରିନାରାୟଣ ରାଉତ, ତେସିଙ୍ଗା ସରପଞ୍ଚ ସଙ୍ଗୀତା ଖଣ୍ଡାୟୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନକୃଷ୍ଣପୁର ପଞ୍ଚାୟତ ପାରାପୋଖରୀଠାରେ ବିଜେଡିର ୨୦ ନମ୍ବର ଜିଲା ପରିଷଦ ଜୋନ୍‌ର କର୍ମୀ ସମ୍ମିଳନୀ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେଡିର ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ଅଡୁଆଁ ସରପଞ୍ଚ ଗିରୀଶ ଚନ୍ଦ୍ର ସାମଲ, ସାନକୃଷ୍ଣପୁର ସରପଞ୍ଚ ଗଦାଧର ନାୟକ, ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଯୁବ ବିଜେଡି ସଭାପତି ଅସିତ ଦାଶ, ଜିଲା ଉପସଭାପତି ଦେବଦର୍ଶନ ଦାଶ, ପୂର୍ବତନ ସରପଞ୍ଚ ଅଗଣୀ ଜେନା, ସମିତିସଭ୍ୟ ରତିକାନ୍ତ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମନୋରଞ୍ଜନ ରାଉତ ସଭାରେ ପୌରୋହିତ୍ୟ କରିଥିଲେ। ଅଡୁଆଁ, ଚୂଡାମଣି, ଶାଶୁଭୁଆଶୁଣୀ, ସାନକୃଷ୍ଣପୁର, କିଷ୍ମତକୃଷ୍ଣପୁର, ବିଦେଇପୁର, ବିନୋବାଭାବେ ନଗର, ଗୋପବନ୍ଧୁ ନଗର ପଞ୍ଚାୟତର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ବନ୍ତରେ ୧୫ ନମ୍ବର ଜୋନ୍‌ସ୍ତରୀୟ କର୍ମୀ ସମାବେଶ ଟିଲୋ ଗ୍ରେନଗୋଲା ଛକଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ ଅଧକ୍ଷତା କରିଥିଲେ। ମନ୍ତ୍ରୀ ସାମଲ, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ସରପଞ୍ଚ ନିହାରିକା ରାଉତ, ରଞ୍ଜନ କୁମାର ସାହୁ, କୃପାସିନ୍ଧୁ ସେଠୀ, ବିଜୟ ବିଶ୍ୱାଳ, କିଶୋର କିଙ୍କର ପଡ଼ିଆରୀ, ଭାଗୀରଥି ସେଠୀ, ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ, ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝା, ଆଇନଜୀବୀ ମାଧବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାଳିଆ ଯୋଜନା ମାଧ୍ୟମରେ ନାମମାତ୍ର ଓ ଭାଗଚାଷୀ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା। ପ୍ରବୀର ରାଉତ, ବିପିନ ରାଉତ, ପ୍ରଣବ କିଶୋର ଲେଙ୍କା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସଂକ୍ଷେପରେ

### ବାପୁଜୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ବଡ଼ସାହି,୨୩।୧୨(ସ୍ୱ.ପ୍ର)**-ବଡ଼ସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତ, ତେନ୍ତୁଳିଗାଁ ଠାରେ ଥିବା ବାପୁଜୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମିତିସଭ୍ୟ ଶତ୍ରୁଘ୍ନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ପୃଥକ ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମାଣିକ ଟୁଡୁ, ପରିଚାଳନା କମିଟିରି ନୂତନ ସଭାପତି କଳ୍ପତରୁ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ବିଶୋଇ,୨୩।୧୨(ଡି.ଏନ.ଏ.)**-ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବିଶୋଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶୋଇ ବ୍ଲକ ତହସିଲଦାର ସୁଶ୍ରୀ ମନୀଷା ମଧୁଲିକା ହେମ୍ବ୍ରମ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାନ୍ତ ଯୋଗଦେଇଥିଲେ। ସେହିପରି ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି, ବସ୍ତା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଦେହୁରୀ, ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରାଜେନ୍ଦ୍ର ମହାନ୍ତ ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମୁରଲୀଧର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ।

■ ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ନେଇ ରାଜନୀତି ସରଗରମ

# କଳାପତାକା ଦେଖାଇ ପ୍ରତିବାଦ କରିବ ଜେଏମ୍‌ଏମ୍

**ବାରିପଦା ଅଫିସ,୨୩।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୫ରେ ବାରିପଦା ଗସ୍ତରେ ଆସିବେ। ଏନେଇ ରାଜନୀତି ସରଗରମ ହୋଇଉଠିଛି। ବାରିପଦାସ୍ଥିତ ଛଉ ପଡିଆରେ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହି ଅବସରରେ ମୋଦି କେତେକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ। ସେପଟେ ମୋଦିଙ୍କ କାର୍ଯ୍ୟକ୍ରମକୁ ବିରୋଧ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ସଜବାଜ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ପକ୍ଷରୁ ବିରୋଧ କରାଯିବ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିବା ବେଳେ ବିଜେଡି ଏ ନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା କହିଛି । ସେହିପରି କଂଗ୍ରେସ ମଧ୍ୟ ବିରୋଧ ପାଇଁ ଅନୁରୂପ କାର୍ଯ୍ୟପନ୍ଥା ସ୍ଥିର କରୁଥିବା ଜଣାପଡ଼ିଛି ।

## ଜିଲ୍ଲାର ବିକାଶରେ କେନ୍ଦ୍ର ସରକାରଙ୍କ ଅଣଦେଖା

ସୂଚନା ମୁତାବକ ମୟୂରଭଞ୍ଜ ଜିଲାବାସୀଙ୍କ ରହିଥିବା ବିଭିନ୍ନ ଦାବିକୁ ନେଇ ଜେଏମ୍‌ଏମ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଓଡ଼ିଶାର ସର୍ବବୃହତ ଆଦିବାସୀ ବହୁଳ ଏହି ଜିଲା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଅଦ୍ୟାବଧି ଦୂର ହୋଇନାହିଁ। ଏଣୁ ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ଜେଏମ୍‌ଏମ୍ ପକ୍ଷରୁ କଳାପତାକା ଦେଖାଇ ପ୍ରତିବାଦ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଏବଂ ଦଳର ଜିଲା ସଭାପତି ଫାଗୁ ହାଁସଦା ମିଳିତ ଭାବେ ରବିବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବାଙ୍ଗିରିପୋଷୀ, ଗୋରୁମହିଷାଣୀ, ବୁଢ଼ାମରା ଚାକୁଲିଆ, ବାଦାମପାହାଡ, କେନ୍ଦୁଝର ଓ ବାରିପଦା ନୀଳଗିରି ଭାୟା କପ୍ତିପଦା ନୂତନ ରେଳପଥ ନିର୍ମାଣ ପାଇଁ ଅର୍ଥ ବ୍ୟୟ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଓଡ଼ିଶାର ଦ୍ୱିତୀୟ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଜେଏମ୍‌ଏମ୍ ଦାବି କରିଛି। ଶିମିଳିପାଳ ଓ ଏହାର ଚତୁଃପାର୍ଶ୍ୱରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିକଶିତ କରି ଗମନାଗମନ ଉପଯୋଗୀ କରିବା ସହିତ ସମଗ୍ର ଉତ୍ତର ଓଡ଼ିଶାରେ ଏକ ପର୍ଯ୍ୟଟନ ବଳୟ ସୃଷ୍ଟି କରିବା ସକାଶେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଏସିଆର ଦ୍ୱିତୀୟ ସର୍ବବୃହତ ଅମର୍ଦ୍ଦା ଏୟାରଷ୍ଟ୍ରିପକୁ ପୁନଃକାର୍ଯ୍ୟକ୍ଷମ କରିବା ସହିତ ବାମନଘାଟି ସବ୍‌ଡିଭିଜନର ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ ପୁନରୁଦ୍ଧାର କରିବାପାଇଁ ଜେଏମ୍‌ଏମ୍ ଦାବି କରିଛି । ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ପୂର୍ବରୁ ଉପରୋକ୍ତ ଦାବିଗୁଡ଼ିକୁ ପୂରଣ କରିବାପାଇଁ ସରକାରୀ ସ୍ତରରେ ବିଧିବଦ୍ଧ ଭାବେ ଘୋଷଣା କରା ନ ଗଲେ ପ୍ରଧାନମନ୍ତ୍ରୀଙ୍କୁ କଳାପତାକା ଦେଖାଇ ପ୍ରତିବାଦ କରାଯିବ ବୋଲି ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବିଜେଡି ଏ ନେଇ କିଛି ନିଷ୍ପତ୍ତି ନେଇ ନ ଥିବା ବାରିପଦା ବିଧାୟକ ତଥା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି କହିଛନ୍ତି। କଂଗ୍ରେସ ଜିଲା ସଭାପତି ହେମନ୍ତ ଦାସ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ବୋଲି ଶନିବାର ଜଣାପଡିଛି। ତେଣୁ ଦଳୀୟ ନେତୃବୃନ୍ଦଙ୍କ ସହିତ ସେ ଆଲୋଚନା କରିଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯିବ ବୋଲି ମଧ୍ୟ ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଚୂଡାନ୍ତ ହେବା ପରେ ଜିଲା ରାଜନୀତିରେ ଉଷ୍ମତା ସୃଷ୍ଟି ହୋଇଛି।

■ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା

# ଶହୀଦ ମେମୋରିଆଲ ଜୁନିୟର କଲେଜ ଚାମ୍ପିୟନ



ଚାମ୍ପିୟନ ଟିମର ଖେଳାଳି ବୃନ୍ଦ।

**ବାରିପଦା ଅଫିସ,୨୩।୧୨**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବାରିପଦା ମହାବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା ମହାବିଦ୍ୟାଳୟର ଇନଡୋର ଷ୍ଟାଡିୟମ ପରିସରରେ ଦୁଇ ଦିନିଆ ଆନ୍ତଃ ମହାବିଦ୍ୟାଳୟ ଜୋନାଲ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାରିପଦା ମହାବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ମହାନ୍ତି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୟୂରଭଞ୍ଜ,ବାଲେଶ୍ୱର ଓ ଭଦ୍ରକ ଜିଲାର ୧୪ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମାଣିଦାର ସହୀଦ ମେମୋରିଆଲ ଜୁନିୟର କଲେଜ ୨-୦ ସେଟରେ ବାଲେଶ୍ୱରର ବ୍ରଜମୋହନ ଜୁନିୟର ମହାବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଥିଲା। ତେବେ ଏହି ଦଳ ସମ୍ବଲଠାରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ଜୋନରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଖେଳକୁ ମନୋରଞ୍ଜନ ଜୀଉ ଓ ମୃତ୍ୟୁଞ୍ଜୟ ବାରିକ ପରିଚାଳନା କରିଥିଲେ। ଏଥିରେ ପ୍ରାଧ୍ୟାପକ ତରୁଣ କୁମାର ଓଝା, ଅଧ୍ୟାପକ ବିପ୍ଳବ ରଞ୍ଜନ ବିନ୍ଧାଣୀ, ପ୍ରଦୀପ କୁମାର ନାଥ, ଶରତ ରଣା, ଗଗନ କୁମାର ସୋରେନ ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର

**ବାଙ୍ଗିରିପୋଷି, ୨୩।୧୨(ଡି.ଏନ.ଏ.)**

ସ୍ଥାନୀୟ ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ର ଜାତୀୟ ସେବା ଯୋଜନା ଅଧିକାରୀ ଡ.ବୀରେନ୍ଦ୍ର ନାଥ ମହାନ୍ତିଙ୍କ ଅଧକ୍ଷତାରେ ସରାସପୋଷି ପ୍ରାଥମିକ ବିଦ୍ୟାଳୟ ଠାରେ ୭ ଦିନିଆ ଶୀତ କାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପାରାଣୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ମହତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ପବିତ୍ର ମୋହନ ଦାଶ ଓ ରାଜନୀତି ବିଭାଗର ମୁଖ୍ୟ ଅଧ୍ୟାପକ ରତିକାନ୍ତ ବେହେରା ସେଚ୍ଛାସେବୀ ମାନଙ୍କୁ ଉତ୍ସାହିତ ଦେବା ସହିତ ନିଜକୁ ମାନବ ସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ଗ୍ରାମର ୱାର୍ଡ ମେମ୍ବର ବୀଣା ନାଏକ,ସରାସପୋଷି ସ୍କୁଲର ଚେୟାରମ୍ୟାନ ସୁଜିତ କୁମାର ନାଏକ ଉପସ୍ଥିତ ରହିଥିଲେ। ଏହି ଶିବିରରେ ୨୭ ଜଣ ଶିବିରାର୍ଥୀ ଉପସ୍ଥିତ ଥିଲେ। ଶେଷରେ ସୁକୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ୱାର୍ଡ ସଭ୍ୟାସଭ୍ୟଙ୍କ ବୈଠକ

**ବଡ଼ସାହି,୨୩।୧୨(ସ୍ୱ.ପ୍ର.)**

ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ୨୪ନମ୍ବର ଜୋନ ମାଣତ୍ରୀଠାରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପ୍ରକାଶ କୁମାର ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ଯୁବ ସଭାପତି ନୀହାର ରଞ୍ଜନ ମହାପାତ୍ର, ପର୍ଯ୍ୟବେକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତ, ସାଂସଦ ପ୍ରତିନିଧି ରାକେଶ ମହାପାତ୍ର, ସଂଯୋଜକ ସୁଧାଂଶୁ ଶେଖର ପ୍ରଧାନ, ଜ୍ଞାନ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । କୃଷକମାନଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଘୋଷିତ କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଜୋନର ଶାଳଗାଁ, ମାନଗୋବିନ୍ଦପୁର, ଭୀମଦା, ପଟିସାରୀ, ମାଣତ୍ରୀ, ଚନ୍ଦନପୁର, ଦୁର୍ଗାପୁର, କେନ୍ଦୁଡିହା ଓ ଦେଉଳିଆ ଆଦି ପଞ୍ଚାୟତରୁ ୧୧୭ଟି ୱାର୍ଡ କମିଟିର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ଦଳୀୟ ସଙ୍ଗଠନକୁ କିପରି ମଜଭୁତ କରାଯିବ ସେ ସମ୍ପର୍କରେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା।

## ଶହୀଦ ରତିକାନ୍ତ କୁଳଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଡିଆରକେ ଚାମ୍ପିୟନ



ଅତିଥିମାନେ ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି।

**ବାରିପଦା ଅଫିସ,୨୩।୧୨**

ବାରିପଦା ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାରିଦିନଧରି ଅନୁଷ୍ଠିତ ହୋଇଆସୁଥିବା ଶହୀଦ ରତିକାନ୍ତ କୁଳଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡିଆରକେ ଦଳ ଉଦଳା କ୍ରିକେଟ ଟିମକୁ ସାତ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । ପ୍ରଥମେ ଉଦଳା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ମୋଟ ୭୭ ରନ କରିଥିଲେ । ଏହାର ଜବାବରେ ଡିଆରକେ ଦଳ ବ୍ୟାଟିଂ କରି ସାତ ଉଇକେଟରେ ବିଜୟ ହାସଲ କରିଥିଲା । ମ୍ୟାନ ଅଫ ଦ ସିରିଜ ଭାବେ ହରିଶଙ୍କର ଘୋଷ ଏବଂ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଆଦିତ୍ୟ ବସାଙ୍କୁ ପୁରସ୍କୃତ କରାଯାଇଥିଲା । ବିଜୁ ଜନତା ଦଳର ଉତ୍ତର ଓଡିଶା ଜୋନ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାରାଣ୍ଡି, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି, ବାରିପଦା ପୌରପରିଷଦର ବିଜେଡି ପର୍ଯ୍ୟବେକ୍ଷକ ମାନସ ମଲିକ, କାଉନସିଲର ନିରୋଜ ଦାସ ପ୍ରମୁଖ ଯୋଗଦେଇ ବିଜୟ ଦଳ କୁ ଚାମ୍ପିୟନ ଟ୍ରଫି ସହ ନଗଦ ରାଶି ଏବଂ ରନର୍ସ ଅପ୍ ଦଳକୁ ମଧ୍ୟ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ।

# 'ସାନ୍ତାଳି ଭାଷାର ବିକାଶ ନ କଲେ ଭୋଟ ବର୍ଜନ'

**ବାରିପଦା ଅଫିସ,୨୩।୧୨**

ମୟୂରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟ ଆସୋସିଏସନ (ମାସା) ପକ୍ଷରୁ ଶନିବାର ସାନ୍ତାଳୀ ଭାଷା ବିଜୟ ଦିବସ ପାଳିତ ହୋଇଯାଇଛି। ୨୦୦୩ ମସିହା ଡିସେମ୍ବର ୨୨ରେ ଭାରତ ସରକାର ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିବାରୁ ଏହି ଦିନକୁ ପ୍ରତି ବର୍ଷ ଭାଷା ବିଜୟ ଦିବସ ଭାବେ ପାଳନ କରାଯାଏ। ମାସାର ଜିଲା ସଭାପତି ମୁକେଶ ମାରାଣ୍ଡିଙ୍କ ପୌରୋହିତ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ଏହା ପରେ ରାଜ୍ୟ ଅଧକ୍ଷ ଶୁକଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୫ ଦଫା ସମ୍ବଳିତ ଦାବି ପତ୍ର ପ୍ରେରିତ କରିଛି। ସାନ୍ତାଳି ଭାଷାକୁ ରାଜ୍ୟର ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ପିଏଚଡି, ଏମଫିଲ ଖୋଲାଯିବା ସହିତ ଡିଡିସିଇ କୋର୍ଷରେ ପିଜି ପାଠ୍ୟକ୍ରମ ଖୋଲାଯିବ, ପ୍ରତ୍ୟେକ ମହାବିଦ୍ୟାଳୟରେ ସାନ୍ତାଳୀ ବିଷୟରେ ଅନର୍ସ ଓ ଇଲେକ୍ଟିଭ ପାଠ୍ୟକ୍ରମ ଆଦି ୫ଟି ଦାବି ମାସା ଉପସ୍ଥାପନ କରିଛି। ଏହି ଦାବି ଗୁଡିକ ସମ୍ପର୍କରେ ବିଚାର କରି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପୂରଣ କରିବାକୁ ଦାବି କରିଛି। ନ ହେଲେ ୨୦୧୯ ନିର୍ବାଚନୋର ସାନ୍ତାଳୀ ସମ୍ପ୍ରଦାୟ ରାଜ୍ୟ ସରକାରଙ୍କୁ ସମର୍ଥନ ଦେବ ନାହିଁ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ସେହିପରି ସାନ୍ତାଳୀ ଭାଷାକୁ ବିକାଶ ନକଲେ ଭୋଟ ବର୍ଜନ କରିବେ ବୋଲି ଗଣମାଧ୍ୟମକୁ ରାଜ୍ୟ ଅଧକ୍ଷ ଶୁକଲାଲ ମୁର୍ମୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ଲାଲୁ ଟୁଡୁ, କାରୁ ହେମ୍ବ୍ରମ, କାରାନ ସୋରେନ, ଭଜ ମୁର୍ମୁ, ଦୁର୍ଗା ମୁର୍ମୁ, ଚୈତନ୍ୟ ସୋରେନ, ଜିତେନ୍ଦ୍ର ମାରାଣ୍ଡି, ମଦନ ହାଁସଦା ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।


ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.- ୭୩, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ ନଂ. | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଜୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦତ୍ତ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/ ୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ମୋଟ | | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0050/1819



ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.- ୨୫, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ ନଂ. | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | - | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଶାସନ ପଧାନ, ପି.- ଅଭିମନ୍ୟୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/ ୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/ ୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଳିକ, ପି.- ବାସୁ ମଳିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| ମୋଟ | | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0053/1819



ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

# ସରିଲା ଉଦଳା ମହୋତ୍ସବ ଧୁମୁସା

**ଉଦଳା, ୨୩।୧୧(ଡି.ଏନ.ଏ.)**

ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଉପଖଣ୍ଡର କଳା, ସଂସ୍କୃତି, ଐତିହ୍ୟ, ଭାଷା, ସାହିତ୍ୟ, ଲୋକକଳା, ସଂସ୍କୃତିକ ଭାବଧାରାକୁ ଉଜ୍ଜୀବିତ କରୁଥିବା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ ଧୁମୁସା – ୨୦୧୮ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୨୧ ତାରିଖ ଠାରୁ ତିନି ଦିନ ଧରି ଆୟୋଜିତ ହୋଇଥିବା ଏହି ମହୋତ୍ସବର ରବିବାର ଉଦଯାପନୀ ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁନଗର ବ୍ଲକ ବିଡିଓ ମନୋଜ କୁମାର ବେହେରା, ବିଶିଷ୍ଟ ବକ୍ତା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଥମେ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କଳାକାର ହରିମୋହନ ଦାସ(ବୁଟା ଭାଇ)ଙ୍କୁ ସମ୍ମାନିତ କରାଯାଇଥିଲା ।

■ ସାର ଡନ୍ ବ୍ରାଡମ୍ୟାନ କ୍ରିକେଟ ଟୁର୍ନାମେଣ୍ଟ

# ଏମକେସିସି, ବାଲେଶ୍ୱର ଟିମ୍ ଚାମ୍ପିୟନ

**ବାରିପଦା ଅଫିସ,୨୩।୧୨**

ବାରିପଦା ତକତପୁର ରାଣୀବନ୍ଧ ଠାରେ ୧୫ତମ ସାର ଡନ ବ୍ରାଡମ୍ୟାନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ରାମଚନ୍ଦ୍ର ହାସଁଦା ଏବଂ କାଉନସିଲର ଦେବାଶିଷ ଦାସ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ଟି ନନା–୧୧ ଏବଂ ଏମକେସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମକେସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୨୭୭ରନ କରିଥିଲା। ଜବାବରେ ନନା–୧୧ ସମସ୍ତ ୱିକେଟ ହରାଇ ୯୭ରନ କରିଥିଲା। ଏହି ମ୍ୟାଚରେ ଏମକେସିସି ଦଳର ଶୁଭାଶିଷ ଦେ ୪୫ବଲରେ ୧୨୨ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚଟି ବାଲେଶ୍ୱର ସହଦେବଖୁଣ୍ଟା ଏବଂ ଗ୍ରୀନଇନ ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରୀନଇନ ଦଳ ପ୍ରଥମେ ବ୍ୟାଟିଂ କରି ୧୯.୩ଓଭରରେ ୧୮୮ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଲେଶ୍ୱର ଟିମ ୧୯.୧ଓଭରରେ ୧୮୯ରନ କରି ବିଜୟୀ ହୋଇଥିଲା। ଏଥିରେ ଅନୀଲ ଲେଙ୍କା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଗୀତାଜ୍ଞାନ ମହାଯଜ୍ଞ

**ପଦ୍ମପୁର, ୨୩।୧୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ପଦ୍ମପୁରଠାରେ ୩୬ତମ ଗୀତାଜ୍ଞାନ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ପୂଜକ ଜଗବନ୍ଧୁ ଧୂପାଳ, ହରିଶ୍ଚନ୍ଦ୍ର ଧୂପାଳ, ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ବିଭିନ୍ନ ପୂଜା ସହ ରୁଦ୍ରାଭିଷେକ କରାଯାଇଥିଲା। ପୂଜା କମିଟି ସଭାପତି କୃପାସିନ୍ଧୁ ନାୟକ, ସମ୍ପାଦକ ରତ୍ନାକର ନାୟକ, ସଭ୍ୟ ସୁବାସ ଚନ୍ଦ୍ର ନାୟକ, ଯୋଗେନ୍ଦ୍ର ନାୟକ, ଲକ୍ଷ୍ମୀନାରାୟଣ ବଳ, ପ୍ରଫୁଲ୍ଲ କୁମାର ନାୟକ, ଗିରିଧାରୀ ମହାରଣା, କୁସୁମ ନାୟକ, ହରେକୃଷ୍ଣ ନାୟକ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଗୀତା କୁଇଜ୍‌ରେ ସୁଗୋ ସତ୍ୟସାଇ ସେବା ସଙ୍ଗଠନର ରଶ୍ମିତା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମ୍ପାଦକ ନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ପ୍ରବଚକ ବଂଶୀଧର ଡାଙ୍ଗୁଆ ପ୍ରବଚନ ଦେଇଥିଲେ। ଶୁକ୍ରବାର ଓ ଶନିବାର ପଣ୍ଡିତ ଚାରଣ ରାମଦାସଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା।


## OFFICE OF THE MUNICIPAL COUNCIL, BELPAHAR

Phone: 250458, Email: nacbelpahar@gmail.com
No. 4577 / Dt. 20.12.2018

**QUOTATION CALL NOTICE**

Sealed quotations are hereby invited from the eligible intending Manufacturers / Companies / Authorised Dealers / Suppliers for supply of the following disinfectants and insecticides for the year 2018-19 for Belpahar Municipality so as to reach this office through Registered Post / Speed Post or in person on or before dt.28.12.2018 upto 11.00AM in the specified tender box and the same will be opened on 28.12.2018 at 4.00PM in the presence of the Municipal Authority and the quotationers or their authorized representatives. The quotations should be accompanied with attested true copies of valid GST registration certificate, ITCC/PAN card, TIN registration / license / dealership certificate, authorisation certificate of product, chemical license / D.I.C. registration failing which the quotation are liable for outright rejection. The quotationer will have to deposit a sum of Rs. 5,000/- (Rupees Five Thousand) only in shape of Cash / Demand Draft / Bankers cheque payable at Belpahar in favour of Executive Officer, Belpahar Municipality. The guarantee and service period, brand, make shall be clearly mentioned in the quotation. The rate should be inclusive of all taxes of the materials intended to supply, loading, unloading and destination of delivery is at Municipality Office, Belpahar.

The rate quoted should be valid for one year from the date of issue of supply order and supply order will be issued from time to time as per requirement to the successful quotationer.

The authority reserves the right to accept or reject any or all quotations without assigning any reasons thereof.

| Sl. No. | Name of the Materials | Rate per Unit |
|---|---|---|
| 1. | Malaria Oil | 200 Litres Drum |
| 2. | Phenyle | 200 Litres Drum |
| 3. | Bleaching Powder | 25 Kg. of Each Bag |

*Sd./- Executive Officer, Belpahar Municipality*

## ଜିଲ୍ଲା କାର୍ଯ୍ୟାଳୟ, ବାଲେଶ୍ୱର

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,

୧. ହାଲ ଖତିଆନ ମୂଳେ ଦଲିଲ କରିଥିବା ବ୍ୟକ୍ତିମାନେ ନାମଜାରି ଦରଖାସ୍ତ କରିନଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ପତ୍ରସଂଖ୍ୟା– ୪୫୦୭୫, ତା୧୫।୧୨।୨୦୧୮ ଅନୁଯାୟୀ ଆସନ୍ତା ତା୧୦।୦୧।୨୦୧୯ରିଖ ପର୍ଯ୍ୟନ୍ତ ଆବଶ୍ୟକ ନଥି ସମ୍ପୃକ୍ତ ତହସିଲରେ ଦେଇ ପଞ୍ଜୀକରଣ କଲେ ପଟ୍ଟା ଦେବାର ବ୍ୟବସ୍ଥା କରାଯିବ।
ଦରଖାସ୍ତ କରିବା ସମୟରେ ପ୍ରତ୍ୟେକ ଦରଖାସ୍ତକାରୀ ଏକ ସ୍ୱୀକାରୋକ୍ତି ଦାଖଲ କରିବେ ଯେ, ସେମାନେ ଏହିଭଳି ପୂର୍ବରୁ ଦରଖାସ୍ତ ଦେଇନାହାନ୍ତି କିମ୍ବା ପଟ୍ଟା ପାଇନାହାନ୍ତି।

୨. ହାତ ଲେଖା ପଟ୍ଟା ଥାଇ ଭୂଲେଖରେ ନଥିଲେ ତାହା ଭୂଲେଖରେ ଦରଜ ପାଇଁ ଉକ୍ତ ତାରିଖ ସୁଦ୍ଧା ମଧ୍ୟ ଆବେଦନ କରିପାରିବେ। (www.bhulekh.ori.nic.inରେ ଯାଞ୍ଚ କରିପାରିବେ)
ସମୟ ଅବଧି ପରେ କୌଣସି ଆବେଦନ/ଆପତ୍ତି ଗ୍ରହଣୀୟ ହେବ ନାହିଁ।

*ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର*

## OFFICE OF THE DISTRICT PROJECT COORDINATOR
### RTE-SSA, SUBARNAPUR

Email: dpcsonepurssa.opepa@nic.in
pedsonepurssa.opepa@nic.in
No. 2691

ଶିକ୍ଷା ଅଧିକାର

Ph.: 06654-220551
06654-220514 (FAX)
Date: 22.12.2018

**"SHORT TENDER CALL NOTICE FOR PRINTING OF QUESTION-CUM-BLANK ANSWER SHEETS FOR SUMMATIVE ASSESSMENT-II 2019"**

Sealed tenders are invited in prescribed format from the registered firms with offset printers having PAN, GST and IT clearance certificate for printing and supply of Question-cum-Blank Answer sheets for Summative Assessment-II, 2019 from Class-I to VIII of Subarnapur district. The tender paper will be submitted to District Project Coordinator, RTE-SSA, Subarnapur lastest by 16.01.2019 at 3.30PM. Details terms and conditions can be downloaded from the official website www.subarnapur.nic.in and http://www.opepa.in.

*By order of Collector and Chairman, RTE-SSA, Subarnapur*
***Sd./- District Project Coordinator, RTE-SSA, Subarnapur***

## GOVERNMENT OF ODISHA
### OFFICE OF THE EXECUTIVE ENGINEER
## TELENGIRI HEAD WORKS DIVISION
### AT/PO: AMBAGUDA, DIST: KORAPUT

1002-A

Phone & Fax: 916854-246769, e-mail Id: thwd.ambaguda@gmail.com

**e-Procurement Notice**

**Bid Identification No.-EE-THWD-15/2018-19 (I to II)**

1. No. of works : 2 (Two)
2. Approx. Estimated cost : (I) Rs. 48.60 Lac & (II) Rs. 10.20 Lac
3. Eligibility of the bidders : (i) 'B' or 'A' class contractors (Odisha P.W.D. or equivalent class of other licensing authority) for the work at Sl. No. I
   (ii) Registered & licenced security service agencies for Sl. No. II
4. Period of completion : 5 (five) calendar months each
5. Date & time of availability of bid document in the portal : 27.12.2018 (10:00AM) to 07.01.2019 (05:00PM)
6. Last date/time for receipt of bids in the portal : 07.01.2019 (05:00PM)
7. Date of opening of the bids on-line : 08.01.2019 (12:30PM)
8. Name & address of the O.I.T. : Executive Engineer, Telengiri Head Works Division, At/Po: Ambaguda, District: Koraput.

Further details can be seen from the e-procurement portal http://tendersodisha.gov.in

*Executive Engineer,*
*Telengiri Head Works Division, Ambaguda*

32164/11/0010/1819

## Government of Odisha "e" Procurement Notice

E-Mail ID - rwd.padampur@yahoo.co.in, Ph.No. 9437255440
**Bid Identification No: Online- 09-OF 2018-19**

**No. 1209-O:-**

1. Name of the work : Road Works- 1 No. (As per Annexure)
2. Amount put to Bid Excluding GST : Approximately Rs. 44.20 lakhs
3. Class of contractor : 'B' and 'A'
4. Cost of Tender paper : Rs. 10,000/- per set (payment should be made through online mode only)
5. Date & Time of availability of bid document in the portal : From Dt.26.12.2018 at 10.00AM
6. Last date & Time for receipt of bids in the portal : To Dt. 04.01.2019 upto 05:00PM
7. Date & Time of bid opening technical bid : Dt. 05.01.2019 at 11:00AM
8. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist- Bargarh

(1) Other details can be seen from DTCN available in website www.tendersorissa.gov.in
(2) Corrigendum if any shall only be published in the above website.

*Executive Engineer,*
*Rural Works Division, Padampur*

25069/11/0006/1819

See Career Appointment on every Wednesday & Saturday

ବିଜ୍ଞପ୍ତି ସଂଖ୍ୟା– ୨୧୯୯ | ତାରିଖ: ୨୧।୧୨।୨୦୧୮

## ତହସିଲ କାର୍ଯ୍ୟାଳୟ, ରସୁଲପୁର

**ଦୀର୍ଘମିଆଦୀ ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ରସୁଲପୁର ତହସିଲ କାର୍ଯ୍ୟାଳୟର ନିମ୍ନଲିଖିତ ଲଘୁ ଖଣିଜ ଖାଦାନଗୁଡ଼ିକର ୨୦୧୮–୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ବି.ଦ୍ର. ୫ (ପାଞ୍ଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲଦାର, ରସୁଲପୁରଙ୍କ ଦ୍ୱାରା କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules-2016ର Form-A ପୂରଣ କରି ଏହାର (୩) କିତା ନକଲ ସହ ନିମ୍ନଲିଖିତ ଦଲିଲ ଦସ୍ତାବିଜ୍ ଜଉମୁଦ ଖୋଳ (Seal Cover)ରେ ଆସନ୍ତା ତା୨୪।୧୨।୨୦୧୮ଠାରୁ ତା୦୮।୦୧।୨୦୧୯ରିଖ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ RP with A.D/ Speed Postରେ ପଠାଇବେ। ତା'ପରଦିନ ତା୦୯।୦୧।୨୦୧୯ରିଖ ଦିନ ଦିବା ୧୧.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ଯଦି ସଇରାତ ଉତ୍ସ ପାଇଁ ଆବେଦନ ପତ୍ର ଆଦୌ ମିଳିନଥିବ ତେବେ ଉକ୍ତ ସଇରାତ ଉତ୍ସ ୨ୟ ଓ ୩ୟ ଦଫାରେ ଲିଜ୍ ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତା୧୦।୦୧।୨୦୧୯ରିଖ ଏବଂ ତା୧୭।୦୧।୨୦୧୯ରିଖ ୧୨.୦୦ ଘଟିକା ଅଟେ। ୨ୟ ଓ ୩ୟ ଦଫାରେ ମିଳିଥିବା ସମସ୍ତ ଦରଖାସ୍ତକୁ ଲିଜ୍ ନିମନ୍ତେ ଯଥାକ୍ରମେ ତା୧୧।୦୧।୨୦୧୯ରିଖ ଏବଂ ତା୧୮।୦୧।୨୦୧୯ରିଖ ଦିବା ୧୨.୦୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ। କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ ବା ରଦ୍ଦ କରାଇବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

**ଦାଖଲ କରିବାକୁ ଥିବା ଦଲିଲ୍/ଦସ୍ତାବିଜ୍:**

୧. ଦରଖାସ୍ତ ମହାସୁଲ (Fee) ସକାଶେ ୧୦୦୦/– (ଏକହଜାର) ଟଙ୍କାର ଟ୍ରେଜେରୀ ଚାଲାଣ Head of Demand No-0853-Non-ferous mining and metallurgical Industries-102-Mineral Concession fee rent and Royaltyରେ କରିବେ (Non-Refundable)।
୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା।
୩. କୌଣସି Mining ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ (Affidavit)।
୪. ଆବେଦନକାରୀଙ୍କ Solvency ପ୍ରମାଣପତ୍ର, ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ।
୫. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି।
୬. VAT/GST Clearance Certificateର ନକଲ।

| କ୍ର. ନଂ. | କେସ୍ ନଂ. | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ସଇରାତ ଉତ୍ସର ନାମ – ଖାତା ନଂ. | ପ୍ଲଟ୍ ନଂ. | ରକବା (ହେକ୍ଟର) | କିସମ | ସର୍ବନିମ୍ନ ରୟାଲଟି ମୂଲ୍ୟ (per Cu.M) |
|---|---|---|---|---|---|---|---|---|
| ୧ | ୧/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ଭଗତପୁର | ୩୭୮ (ଆ.ଯୋ.ଅ.) | ୧୪୪୩ | ଏ.୧୫.୦୦ | ନଦୀ | ରୟାଲଟି– ଟ.୩୫.୦୦ ଓ ଅତିରିକ୍ତ ଦେୟ– ଟ.୨୫.୦୦ ତତ୍‌ସହିତ Surface Rent, Dead Rent, IT, DMF Fund, EM Fund. |
| ୨ | ୨/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ନୂଆହାଟ | ୪୦୦ (ଆ.ଯୋ.ଅ.) | ୮୮୪ | ଏ.୧୫.୦୦ | ନଦୀ | |
| ୩ | ୩/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ବ୍ରାହ୍ମଣବାଡ | ୩୩୬ (ଆ.ଯୋ.ଅ.) | ୧ | ଏ.୧୪.୦୦ | ନଦୀ | |
| ୪ | ୪/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ମାନପୁର | ୨୦୨ (ଆ.ଯୋ.ଅ.) | ୮୩୪ | ଏ.୧୦.୦୦ | ନଦୀ | |
| ୫ | ୫/୨୦୧୬–୧୭ | ଖରସ୍ରୋତା ନଦୀ ବାଲିଘାଟ | ସାନତ୍ରିଲୋଚନପୁର | ୩୨୯ (ଆ.ଯୋ.ଅ.) | ୯୪୨ | ଏ.୦୫.୦୦ | ନଦୀ | |
| ୬ | ୬/୨୦୧୬–୧୭ | ଖରସ୍ରୋତା ନଦୀ ବାଲିଘାଟ | ସରିଫାବାଦ | ୧୭୮ (ଆ.ଯୋ.ଅ.) | ୪୦୦ | ଏ.୦୭.୦୦ | ନଦୀ | |
| ୭ | ୭/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ଚାନ୍ଦପୁର | ୬୮୨ (ଆ.ଯୋ.ଅ.) | ୨ | ଏ.୧୦.୦୦ | ନଦୀ | |
| ୮ | ୮/୨୦୧୬–୧୭ | ବ୍ରାହ୍ମଣୀନଦୀ ବାଲିଘାଟ | ବ୍ରହ୍ମବରଦା | ୪୨୫ (ଆ.ଯୋ.ଅ.) | ୩୫୩୭ | ଏ.୦୪.୩୦ | ନଦୀ | |

ଉପରୋକ୍ତ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଯାଜପୁର ଜିଲ୍ଲାର Website (www.jajpur.nic.in)ରେ ଉପଲବ୍ଧ ଅଟେ।

**ସ୍ୱା./– ତହସିଲଦାର, ରସୁଲପୁର**

### OFFICE OF THE
## PANCHAYAT SAMITI, KHAJURIPADA

**No. 5429 / Dated 21.12.2018**

**TENDER CALL NOTICE**

The Block Development Officer, Panchayat Samiti, Khajuripada, District- Kandhamal invites sealed tenders on from the registered contractors of PWD/WR/RD/RW/CPWD/Railway for the following works to be eventually drawn in PWD F2 agreement on production of definite proof from appropriate authority.

| Sl. No. | Name of the work | Name of the GP | Name of Scheme | Approximate value of work in Lakhs | 1% EMD in Rs. | Cost of Tender Paper | Class of Cont-ractor | Time of Com-pletion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Const. of culvert on road from Danga to Sikada. | Bilabadi | BKGY-2012-13 | 1320106.93 | 1321.00 | 6000.00 | C&D | Six Months |
| 2 | Construction of Passenger rest shed at Khajuripada Bus stand | Khajuripada | BKGY-2017-18 | 869506.51 | 8695.00 | 4000.00 | C&D | Six Months |
| 3 | Improvement of Road with ghat cutting from Sudrukumpa to Janimini | Sudrukumpa | UPANTA 18-19 | 1773327.10 | 17724.00 | 6000.00 | C&D | Four Months |

- Place and date of Sale of Tender Paper : Block Office, Khajuripada from 26.12.2018 to 05.01.2019 (Time: 10.00 AM to 5.00PM)
- Bid documents received by this Agency through Registered Post / Speed Post only : Upto 5.00PM on date 14.01.2019
- Place and date of Opening of Tenders paper : Block Office, Khajuripada on 15.01.2019 at 11.00AM

1. The tenderer should pay the paper cost mentioned above in shape of Demand Draft (Non-Refundable) drawn in any Nationalized Bank in favour of the Block Development Officer, Khajuripada.
2. The detail Tender Call Notice can be seen at www.kandhamal.nic.in.
3. The tender papers shall have to be submitted in a sealed cover for each work separately through Registered Post / Speed Post in the addressed of Block Development Officer, Khajuripada and he should mention "TENDER PAPER FOR PANCHAYAT SAMITI WORK" only without mentioning the name of the work in the top of the cover.
4. The tender paper should accompany attested Xerox copies of valid Registered License, up-to-date income tax Clearance certificate, VAT clearance certificate in from VAT No. 612, PAN Card and also an affidavit mentioning the authenticity of the documents submitted.
5. SC/ST contractors should submit attested Xerox copy of Caste certificate and an undertaking in shape of affidavit that he has not availed the concession more than three times in the current financial year and he should produce the original caste certificate and original license for verification at the time of opening of tender paper.
6. The EMD to be deposited should be duly pledged in favour of the Block Development Officer, Khajuripada in shape of NSC/KVP/POTD or in shape of Bank Draft / Banker Cheque pledged in favour of the Block Development Officer, Khajuripada payable at Khajuripada along with the tender documents.
7. Engineer contractors seeking exemption of EMD should produce the Original contract license before the tender opening authority for verification and he should submit an affidavit to the effect that he has not been awarded with more than three works without EMD in the current financial year.
8. Transfer or adjustment of EMD / Differential amount / Initial Security Deposit (ISD) will not be entertained.
9. Additional performance security shall be deposited by the successful bidder when the bid amount is seriously unbalanced i.e. less than the tendered amount by more than 10%. In such an event the successful bidder will deposit the additional performance security to the extent of the differential cost of the bid amount and 90% of the tender amount in shape of Bank Draft / Banker Cheque drawn in favour of the Block Development Officer, Khajuripada payable at Khajuripada at the time of agreement.
10. The sealed tender paper can also be sent of the undersigned through Registered Post / Speed Post only.
11. The authority shall not be held responsible for any postal delay.
12. The authority reserves the right to reject any or all the tenders without assigning any reason thereof.

*Sd./- Block Development Officer, Khajuripada*

## ODISHA LIFT IRRIGATION CORPORATION LIMITED
### (A Government of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, NABARANGPUR**
**E-Mail: eeolicngpr22@gmail.com**
**Short Tender Call No. 3006 / 2018-19/ Dt. 22.12.2018**

The Executive Engineer, Lift Irrigation Division, Nabarangpur on behalf of ODISHA LIFT IRRIGATION CORPORATION LIMITED NABARANGPUR invites Percentage Rate bids in offline mode for execution of different works in L.I. Projects in Nabarangpur District by Contractors/Firms with valid license within the State issued by P.W.D./R.W.S.S./ P.H.E.D./Irrigation/M.I. Dept. having experience in execution of similar type of works earlier. The proof of registration & experience from the appropriate authority shall be enclosed along with the Bid. The Tenders must be accompanied with self attested copies of valid License, PAN Card,valid GST clearance certificate and E.M.D. in shape of TDR pledged in favour of Executive Engineer, Lift Irrigation Division, Nabarangpur payable at Nabarangpur or National Savings Certificate/Post Office Saving Bank Account/ Post Office Time Deposit Account/ Kissan Vikas Patra/ deposit receipt of Scheduled Bank payable at Nabarangpur only duly pledged in favour of Executive Engineer, L.I. Division, Nabarangpur. GST 12% on cost of tender paper will be deposited by the bidder directly to Commercial Tax Dept. and to produce the deposit slip along with the tender paper cost during bidding process.

| Pkg No. | Name of work | Tender value (In Rs.) | EMD to be deposited (in Rs.) | Cost of tender paper (in Rs.) | Class of Contractor | Completion period |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Revival of Sinapalli-II L.I.P. under Chandahandi Block of Nabarangpur District | 345779 | 3458 | 2000 | "D" Class and above | 60 days |
| 2 | Balance work Lakiguda & Anuliguma-IX under Tentulikhunti Block of Nabarangpur District | 191529 | 1915 | 600 | "D" Class and above | 60 days |
| 3 | Balance work Baragam-VI under Kosagumuda Block of Nabarangpur District | 292825 | 2928 | 2000 | "D" Class and above | 60 days |
| 4 | Balance work of Nabarangpur-VI, Bhatigam-V & VI, Bharanpur, Chilliguda-III, Garudaguda-III, Ekamba-III in different Block of Nabarangpur District. | 242397 | 2424 | 2000 | "D" Class and above | 60 days |
| 5 | Balance work of Nuagarh-IV, Dangariguda-I & II, Paikminiguda-IV, V, VI L.I.P. in different Block of Nabarangpur District. | 242397 | 2424 | 2000 | "D" Class and above | 60 days |
| 6 | Balance work of Dwadaspalli-III, Kusumi-III, Chancharaguda-I L.I.P. in different Block of Nabarangpur District. | 240915 | 2409 | 2000 | "D" Class and above | 60 days |
| 7 | Balance work Chancharaguda-II, Ekamba-V in different Block of Nabarangpur District. | 225479 | 2255 | 2000 | "D" Class and above | 60 days |
| 8 | Balance work of Kankadaguda-I & II, Sanamasigam-II, Anuliguma-IV & V L.I.P. in different Block of Nabarangpur District. | 348152 | 3482 | 2000 | "D" Class and above | 60 days |
| 9 | Balance work of Butiguda-II & III, Bairaguda-II, Baragm-II, Alama-II L.I.P. in different Block of Nabarangpur District. | 240113 | 2401 | 2000 | "D" Class and above | 60 days |
| 10 | Installation, energisation & commissioning of Bhatigam-VIi L.I.P. under Nabarangpur Block | 1108214 | 11082 | 6000 | "D" Class and above | 60 days |
| 11 | Installation, energisation & commissioning of Deula-IV L.I.P. under Nabarangpur Block. | 1093481 | 10935 | 6000 | "D" Class and above | 60 days |
| 12 | Lowering of submersible pump set for energisation of 12 Nos. of Bore well in different Blocks of Nabarangpur District. | 426432 | 4264 | 2000 | "D" Class and above | 60 days |
| 13 | Lowering of submersible pump set for energisatin of 13 Nos. of Bore well in different Blocks of Nabarangpur District. | 464698 | 4647 | 2000 | "D" Class and above | 60 days |

1. Date of selling of Tender paper in the office of the undersigned : From 29.12.18 to 04.01.19 during office hours.
2. Last date of dropping of tender in the office of the undersigned : Till 04.01.19 upto 11.00 AM
3. Opening of tender paper : On 4.01.19 at 11.30 AM

**Sd./- Executive Engineer**
**L.I. Division, Nabarangpur**

ଧରିତ୍ରୀ DHARITRI
ସୋମବାର, ୨୪ଡିସେମ୍ବର, ୨୦୧୮



ଉତ୍ତରପ୍ରଦେଶରେ କଂଗ୍ରେସକୁ ମହାମେଣ୍ଟରେ ସାମିଲ କରା ନ ଯିବା ଫଳରେ ଆଗକୁ ଜାତୀୟ ସ୍ତରରେ ଭାଜପା ବିରୋଧୀ ସାମ୍ମୁଖ୍ୟ ଦୁର୍ବଳ ହେବ।

-ସଲମାନ୍ ଖୁର୍ସିଦ୍, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ଇମ୍ରାନଙ୍କୁ ନାସିରୁଦ୍ଦିନଙ୍କ ଜବାବ
## ନିଜ ଦେଶ କଥା ବୁଝ

**ମୁମ୍ବାଇ, ୨୩।୧୨(ପି.ଟି.) :** ଭାରତରେ ଅସହିଷ୍ଣୁତାରୁ ହିଂସା ଘଟୁଥିବା ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମୋଦି ସରକାରଙ୍କ ସଂଖ୍ୟାଲଘୁ ନୀତିକୁ ସମାଲୋଚନା କରିଥିବାବେଳେ ବଲିଉଡ୍‌ର ଖ୍ୟାତନାମା ଅଭିନେତା ନାଶିରୁଦ୍ଦିନ ଶାହ ତାଙ୍କୁ ଜବାବ ଦେଇଛନ୍ତି।



ଅନ୍ୟ ଦେଶର ଆଭ୍ୟନ୍ତରୀଣ ଘଟଣାରେ ଅଯଥା ମୁଣ୍ଡ ନ ପୂରାଇ ନିଜ ଦେଶର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ନିକଟରେ ଶାହ ଉତ୍ତରପ୍ରଦେଶର ବୁଲନ୍ଦ ସହରରେ ଭିଡ଼ହିଂସାରେ ଜଣେ ପୋଲିସ ଅଫିସରଙ୍କ ହତ୍ୟା ଘଟଣା ଉପରେ ଦୁଃଖ ପ୍ରକାଶ କରି ଦେଶରେ ପୋଲିସଠାରୁ ଗୋହତ୍ୟାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ମନ୍ତବ୍ୟ ରଖିଥିଲେ। ଏହାକୁ ସମର୍ଥନ କରି ଇମ୍ରାନ୍ ଖାଁ ମୋଦି ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଲାହୋରଠାରେ ତାଙ୍କ ସରକାରଙ୍କ ୧୦୦ଦିନ ପୂର୍ତ୍ତି ଅବସରରେ ସେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ଅବସରରେ ଶାହଙ୍କ ମନ୍ତବ୍ୟକୁ ଇଙ୍ଗିତ କରି ସଂଖ୍ୟାଲଘୁଙ୍କୁ କିପରି ବ୍ୟବହାର କରାଯାଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଖାଇଦେବେ ବୋଲି କହିଥିଲେ।

## ଅନର କିଲିଂ: ୪ଜଣଙ୍କୁ ହତ୍ୟା

**ପେଶାୱାର,୨୩।୧୨(ପି.ଟି.) :** ପାକିସ୍ତାନର ପେଶାୱରରେ ଏକ ଅନର କିଲିଂ ଘଟଣାରେ ୪ଜଣଙ୍କୁ ହତ୍ୟା କରାଯାଇଛି। ଶୁକ୍ରବାର କୋହିସ୍ତାନର ଲୋଟାର ଆଦିବାସୀ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକମାନେ ସମ୍ପର୍କୀୟ ୨ ଭାଇ ଓ ୨ଭଉଣୀ ଥିଲେ। ସେମାନଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଆଦିବାସୀ ପରିଷଦ (ଜିର୍ଗା)ଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଗୁଳି କରି ହତ୍ୟା କରାଯାଇଛି। କୋହିସ୍ତାନ ଜିଲା ପୋଲିସ ଅଧିକାରୀ ରାଜା ଅବଦୁଲ ସବୁରଙ୍କ ସୂଚନାନୁଯାୟୀ, ଏହି ଜଘନ୍ୟ ଅପରାଧରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର୍ ଅଛନ୍ତି। ମୃତକଙ୍କ ବୟସ ୧୮ରୁ ୨୧ ବୋଲି ଜଣାପଡ଼ିଛି।

### ବିଧାନସଭା ଉପନିର୍ବାଚନ
## ଗୁଜରାଟରେ ଭାଜପା, ଝାଡ଼ଖଣ୍ଡରେ କଂଗ୍ରେସ ବିଜୟୀ

**ନୂଆଦିଲ୍ଲୀ,୨୩।୧୨(ପି.ଟି.):** ଗୁଜରାଟର ଜସଦାନ ଏବଂ ଝାଡଖଣ୍ଡର କୋଲେବିରା ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳାଫଳ ରବିବାର ପ୍ରକାଶ ପାଇଛି। ଜାସଦାନରେ ଭାଜପା ପ୍ରାର୍ଥୀ କୁନ୍ୱାରଜୀ ବାଭାଲିୟା ୧୯୦୦୦ରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ କୋଲେବିରା ଆସନରେ କଂଗ୍ରେସ ପ୍ରାର୍ଥୀ ନମନ ବିକସାଲ କୋଙ୍ଗାଡି ୯୫୦୦ ଭୋଟ ବ୍ୟବଧାନରେ ଜିତିଛନ୍ତି। ଜସଦାନ ଆସନରୁ କଂଗ୍ରେସ ବିଧାୟକ ଥିବା ବାଭାଲିୟା ଦଳ ଛାଡି ଭାଜପାରେ ଯୋଗଦେବାରୁ ସେଠାରେ ଉପନିର୍ବାଚନ କରିବାକୁ ପଡିଥିଲା। ସେହିପରି କୋଲେବିରାର ଝାଡଖଣ୍ଡ ପାର୍ଟି ବିଧାୟକ ଏନୋସ ଏକ୍କା କୋର୍ଟରେ ଦୋଷୀସାବ୍ୟସ୍ତ ହେବାରୁ ସେଠାରେ ଉପନିର୍ବାଚନର ଆବଶ୍ୟକ ଥିଲା।

### [ଇତିହାସର ଆଇନାରେ]
## ଡିସେମ୍ବର ୨୪ର ପ୍ରମୁଖ ଘଟଣା

୧୯୬୮ ଡିସେମ୍ବର ୨୪ରେ ଆପୋଲୋ ୮ ମହାକାଶଯାନ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିଲା। ମାନବଧାରୀ ମହାକାଶଯାନ ପାଇଁ ଏହା ଥିଲା ପ୍ରଥମ ଘଟଣା। ମହାକାଶଚାରୀମାନେ ଚନ୍ଦ୍ରର କକ୍ଷପଥରେ ୧୦ଥର ପରିକ୍ରମା କରିବା ସହିତ ଲାଇଭ୍ ଟିଭି ପ୍ରସାରଣ କରିଥିଲେ। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଏ। ନାସା (ନ୍ୟାଶନାଲ୍ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ୍) ର ଏହା ହେଉଛି ତୃତୀୟ ମହାକାଶ କାର୍ଯ୍ୟକ୍ରମ। ଏହାପରେ ୧୯୬୯ ଜୁଲାଇ ୨୦ରେ ଚନ୍ଦ୍ରପୃଷ୍ଠରେ ମାନବ ପଦାର୍ପଣ କରିଥିଲା।

୧୯୭୪ ଡିସେମ୍ବର ୨୪ରେ ସାଇକ୍ଲୋନ୍ ଟ୍ରାସି ଅଷ୍ଟ୍ରେଲିଆର ଡାରୱିନ୍ ନଗରୀରେ ଧ୍ୱଂସଲୀଳା ସୃଷ୍ଟି କରିଥିଲା। ଏହା ଅଷ୍ଟ୍ରେଲିଆର ଉତ୍ତର ଭୂଖଣ୍ଡର ରାଜଧାନୀ ଏବଂ ଟିମୋର ସମୁଦ୍ରତଟରେ ଅବସ୍ଥିତ। ଜନବହୁଳ ଉତ୍ତର ଭୂଖଣ୍ଡର ସର୍ବବୃହତ୍ ଏହି ନଗରୀର ଲୋକସଂଖ୍ୟା ଦେଢ଼ଲକ୍ଷରୁ ଅଧିକ।



କ୍ରାକାତୋଆରେ ଆଗ୍ନେୟଗିରି ଉଦ୍‌ଗିରଣ।



ଜଣେ ଆହତଙ୍କୁ ଉଦ୍ଧାରକାରୀ ଦଳ ହସ୍ପିଟାଲ୍‌କୁ ନେଉଛନ୍ତି।

# ଜାଭାରେ ମୃତ୍ୟୁର ଲାଭା






ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ଜଣେ ଯୁବକ।

**ଜାକର୍ତ୍ତା,୨୩।୧୨**

ଯେଉଁଆଡେ ନଜର ପକାଇଲେ ଦେଖିବାକୁ ମିଳୁଛି କୁଢ଼କୁଢ଼ ମୃତଦେହ, ଧ୍ୱସ୍ତବିଧ୍ୱସ୍ତ କୋଠା ଓ ଶୁଣିବାକୁ ମିଳୁଛି ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଲୋକଙ୍କ କ୍ରନ୍ଦନରୋଳ। ଶନିବାର ଏପରି ମହାବିପର୍ଯ୍ୟୟକୁ ଡାକିଆଣିଛି ଇଣ୍ଡୋନେସିଆର 'କ୍ରାକାତୋଆ'। ଏଠାକାର 'ଶିଶୁ' କୁହାଯାଉଥିବା ଅନେକ ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ସମୁଦ୍ର ତଳେ ଘଟିଛି ଭୂସ୍ଖଳନ। ଉପକୂଳ ଅଞ୍ଚଳକୁ ମାଡ଼ିଯାଇଛି ଉଚ୍ଚ ଜୁଆର। ସୁନାମି ସବୁଠି ଖେଳାଇଛି ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଜାଭା। କେବଳ ଏହି ଦ୍ୱୀପରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡୋନେସିଆରେ ୧୨୭ଟି ସକ୍ରିୟ ଆଗ୍ନେୟଗିରି ରହିଛି। କ୍ରାକାତୋଆ ହେଉଛି ଆଗ୍ନେୟଗିରିପୂର୍ଣ୍ଣ ଏକ ଛୋଟ ଦ୍ୱୀପ। ୧୮୮୩ ଅଗଷ୍ଟ ୨୭ରେ କ୍ରାକାତୋଆରେ ଉଦ୍‌ଗିରଣ ହୋଇଥିଲା। ଏହାର ପାଉଁଶ ୨୦ କି.ମି. ବିସ୍ତୃତ ଅଞ୍ଚଳର ଆକାଶକୁ ଆଚ୍ଛାଦିତ କରିଥିଲା। ସେତେବେଳେ ଏହାର ଶବ୍ଦ ଅଷ୍ଟ୍ରେଲିଆ ଓ ମରିସସ୍ ପର୍ଯ୍ୟନ୍ତ ଶୁଣାଯାଇଥିଲା। ସେତେବେଳେ ସୁନାମିରେ ୩୬,୦୦୦ ଲୋକ ପ୍ରାଣ ହରାଇଥିଲେ। ଏହାକୁ ବିଶ୍ୱର ଅନ୍ୟତମ ବୃହତ୍ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଏ। ଏହାପରେ ୧୯୨୮ରୁ ଏଠାରେ ଅନେକ ଥର ଉଦ୍‌ଗିରଣ ଘଟି ବହୁ ଲୋକଙ୍କ ଜୀବନ ଯାଇଛି। ଗତ ଜୁନ୍‌ରେ ଆନକ୍ କ୍ରାକାତୋଆ ସକ୍ରିୟ ହେବା ଫଳରେ ଆକାଶରେ ପାଉଁଶ ବଳୟ ସୃଷ୍ଟି ହୋଇଥିଲା। ସେପ୍ଟେମ୍ବରରେ ଏଠାରେ ଆଗ୍ନେୟଗିରି ଉଦ୍‌ଗିରଣରୁ ଭୂକମ୍ପ ହୋଇଥିଲା। ଏଥିରେ ୨୦୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିଲେ। ଶନିବାର ରାତିରେ ଆଗ୍ନେୟଗିରି ଉଦ୍‌ଗିରିଣରୁ ସୁନାମି ଆସିଛି। ଏହା ପରେ ପୁଣିଥରେ ସୁନାମି ଆସିବା ଅଶଙ୍କା କରି ଉପକୂଳ ଅଞ୍ଚଳକୁ ନ ଯିବା ପାଇଁ ଲୋକଙ୍କୁ ସତର୍କ କରାଯାଇଛି।

ସମୁଦ୍ର ପତ୍ତନଠାରୁ ୩୦୦ ମିଟର ଉଚ୍ଚରେ ଅବସ୍ଥିତ ଏହି ୯୦ ବର୍ଷ ପୁରୁଣା କ୍ଷୁଦ୍ର ଦ୍ୱୀପରେ ପ୍ରତି ଦୁଇ ତିନି ବର୍ଷରେ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥାଏ। ଏଥିରୁ ସ୍ୱଳ୍ପ ଲାଭା ଉଦ୍‌ଗିରଣ ହେଲେ ମଧ୍ୟ ସମୁଦ୍ର ମଧ୍ୟରେ ଏଭଳି ଭୌଗୋଳିକ ପରିବର୍ତ୍ତନ ଆଣେ, ଯାହା ଭୂସ୍ଖଳନ ଓ ଭୂକମ୍ପର କାରଣ ସାଜିଥାଏ। ସଦ୍ୟ ଉଦ୍‌ଗିରଣ ସୃଷ୍ଟି କରିଥିବା ସୁନାମିରୁ ଏହା ସ୍ପଷ୍ଟ ଅନୁମେୟ ବୋଲି ଅଷ୍ଟ୍ରେଲିଆସ୍ଥିତ ମୋନାଶ ବିଶ୍ୱବିଦ୍ୟାଳୟର ଭୋଲ୍‌କାନୋଲୋଜି ପ୍ରଫେସର ରୟ କାସ୍ କହିଛନ୍ତି। ଏହି ଦ୍ୱୀପରେ କେହି ବସବାସ କରନ୍ତି ନାହିଁ। କିନ୍ତୁ ଏହାର ଶୀର୍ଷସ୍ଥାନକୁ ଅନେକ ପର୍ଯ୍ୟଟକ ଓ ଅଧ୍ୟୟନକାରୀ ଆସିଥାନ୍ତି।



ସୁନାମି ପରେ ବିପର୍ଯ୍ୟୟର ଦୃଶ୍ୟ

### ବିହାରରେ ଏନ୍‌ଡିଏ ଭାଗବଣ୍ଟା ଛିଡ଼ିଲା
## ଏଲ୍‌ଜେପି ଭାଗରେ ୬ ଆସନ

**ନୂଆଦିଲ୍ଲୀ,୨୩।୧୨(ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନ ଲାଗି ବିହାରରେ ଏନ୍‌ଡିଏର ଆସନ ଭାଗବଣ୍ଟା ଚୂଡାନ୍ତ ହୋଇଛି। ଭାଜପା ଏବଂ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ୧୭ଟି ଲେଖାଏ ଆସନରେ ଲଢ଼ିବାକୁ ଥିବାବେଳେ ରାମବିଳାସ ପାଶ୍ୱାନ୍‌ଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ୬ଟି ଆସନରେ ଲଢ଼ିବାକୁ ସ୍ଥିର ହୋଇଛି। ଏହା ବ୍ୟତୀତ ପାଶ୍ୱାନଙ୍କୁ ରାଜ୍ୟ ସଭାକୁ ପଠାଇବା ଲାଗି ନିଷ୍ପତ୍ତି ହୋଇଛି। ନୀତୀଶ ଓ ପାଶ୍ୱାନ୍‌ଙ୍କ ସହ ବୈଠକ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ରବିବାର ଏହା ଘୋଷଣା କରିଛନ୍ତି। ତେବେ ରାମ ମନ୍ଦିର ଭାଜପାର ଏଜେଣ୍ଡା, ଏହା ଏନଡିଏ କାର୍ଯ୍ୟସୂଚୀରେ ନାହିଁ ବୋଲି ନୀତୀଶ କହିଛନ୍ତି।

୨୦୧୪ ନିର୍ବାଚନରେ ଏନ୍‌ଡିଏ ବିହାରରେ ୪୦ ଲୋକ ସଭା ଆସନରୁ ୩୧ଟିରେ ଜିତିଥିଲା। ୨୦୧୯ରେ ଏହାଠାରୁ ଅଧିକ ଆସନରେ ଜିତିବ ଏବଂ କେନ୍ଦ୍ରରେ କ୍ଷମତାକୁ ଆସିବ ବୋଲି ଶାହ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏନ୍‌ଡିଏରୁ ଉପେନ୍ଦ୍ର କୁଶୱାହଙ୍କ ନେତୃତ୍ୱାଧୀନ ଆର୍‌ଏଲ୍‌ଏସ୍‌ପି ବାହାରିଯିବା ପରେ ଏଲ୍‌ଜେପି ଭାଗରେ ଅଧିକ ଆସନ ପଡିଛି। ସେହିପରି ଜେଡିୟୁ ମଧ୍ୟ ଭାଜପାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛି।

### ୧୭ ଲେଖାଏ ଭାଜପା, ଜେଡିୟୁ
### ରାଜ୍ୟ ସଭା ଯିବେ ପାଶ୍ୱାନ

ଗତ ନିର୍ବାଚନରେ ଭାଜପା ଏଠାରୁ ୨୨ ଆସନରେ ଜିତିଥିବାବେଳେ ସେଥିରୁ ୫ ଆସନ ଜେଡିୟୁକୁ ଛାଡିଦେଇଛି। ଗତ ନିର୍ବାଚନରେ ଜେଡିୟୁ ଏକାକୀ ଲଢ଼ି ମାତ୍ର ୨ ଆସନ ଜିତିଥିବାବେଳେ ଏଲ୍‌ଜେପି ଏନଡିଏ ମେଣ୍ଟରେ ରହି ୬ଟି ଆସନ ଜିତିଥିଲା। ସହଯୋଗୀ ଦଳଗୁଡ଼ିକ କେଉଁ ଆସନରୁ ଲଢ଼ିବେ ତାହା ଖୁବଶୀଘ୍ର ଚୂଡାନ୍ତ ହୋଇଯିବ ବୋଲି ଶାହ କହିଛନ୍ତି। ଏନ୍‌ଡିଏ ମେଣ୍ଟରେ କୌଣସି ସମସ୍ୟା ନାହିଁ ଏବଂ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୁଣି ଥରେ ସରକାର ଗଢ଼ାଯିବ ବୋଲି ପାଶ୍ୱାନ କହିଛନ୍ତି। ୨୦୦୯ରେ ନୀତୀଶ କୁମାର ଭାଜପାର ସହଯୋଗୀ ଥିଲେ ଏବଂ ୨୦୧୩ରେ ଅଲଗା ହୋଇଯାଇଥିଲେ। ୨୦୧୭ରେ ସେ ପୁଣି ଏନ୍‌ଡିଏକୁ ଫେରିଛନ୍ତି। ଅନ୍ୟପକ୍ଷରେ ୯ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା ପାଶ୍ୱାନ୍ ଆଉ ଲଢ଼ିବାକୁ ଚାହୁଁ ନ ଥିବା ଆଜିର ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ସେ ଖୁବ୍‌ଶୀଘ୍ର ଦଳର ନେତୃତ୍ୱ ପୁଅ ଚିରାଗଙ୍କୁ ହସ୍ତାନ୍ତର କରିବେ ବୋଲି ଜଣାପଡିଛି।



ଚିରାଗ ପାଶ୍ୱାନ, ରାମବିଳାସ ପାଶ୍ୱାନ, ଅମିତ୍ ଶାହ, ନୀତୀଶ କୁମାର ଓ ଭୂପେନ୍ଦ୍ର ଯାଦବ।

### ସାବରିମାଲାରେ ବିରୋଧ
## ଦର୍ଶନ ନ କରି ଫେରିଲେ ୧୧ ମହିଳା

**ପମ୍ବା,୨୩।୧୨(ଡି.ଏନ୍.ଏ.)**

ଆୟାପ୍ପା ମନ୍ଦିର ଦର୍ଶନ ପାଇଁ ସାବରିମାଲା ତୀର୍ଥଯାତ୍ରାରେ ବାହାରିଥିବା ୧୦ରୁ ୫୦ ବର୍ଷର ୧୧ ମହିଳାଙ୍କୁ ନିରାଶ ହେବାକୁ ପଡ଼ିଛି। ବିକ୍ଷୋଭକାରୀମାନେ ମହିଳାଙ୍କ ମନ୍ଦିର ପ୍ରବେଶକୁ ବିରୋଧ କରି ସେମାନଙ୍କୁ ଫେରାଇ ଦେଇଛନ୍ତି। ଚେନ୍ନାଇସ୍ଥିତ ମହିଳା ସଶକ୍ତୀକରଣ ସଙ୍ଗଠନ 'ମାନିଥି'ର ମହିଳା ସଦସ୍ୟମାନେ ତୀର୍ଥଯାତ୍ରାରେ ବାହାରି ପମ୍ବା ସହରରେ ରବିବାର ସକାଳେ ପହଞ୍ଚି ଥିଲେ। ପୋଲିସ କର୍ମୀଙ୍କ ସହ ସେମାନେ ଜଙ୍ଗଲ ରାସ୍ତା ଦେଇ ମନ୍ଦିରକୁ ଯାତ୍ରା କରିବା ସମୟରେ ଆୟାପ୍ପାର ଶ୍ରଦ୍ଧାଳୁମାନେ ସେମାନଙ୍କୁ ଅଟକାଇ ଫେରିଯିବାକୁ ଚେତାବନୀ ଦେଇଥିଲେ।

### ଫୁର୍‌ସତ

## ନୂଆବର୍ଷରେ ବାଜିବ ବିଗ୍ ବେନ୍



**ଲଣ୍ଡନ:** ନୂଆବର୍ଷ-୨୦୧୯ର ଅବ୍ୟବହିତ ପୂର୍ବରୁ ଲଣ୍ଡନର ବିଗ୍ ବେନ୍ ଘଣ୍ଟା ବିଗ୍ ବଙ୍ଗ୍ ଶବ୍ଦ କରି ବାଜିଉଠିବ। ବ୍ରିଟିଶ୍ ପାର୍ଲାମେଣ୍ଟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଖ୍ୟାତ ଏହି ଘଣ୍ଟା ସ୍ଥାପନ ୨୦୧୯ରେ ୧୬୦ବର୍ଷରେ ଉପନୀତ ହେବାକୁ ଯାଉଛି। ନବବର୍ଷର ପୂର୍ବ ରାତିରେ ପ୍ରତି ୪.୫ ସେକେଣ୍ଡରେ ଏହାକୁ ଥରେ ଲେଖା ୧୨ଥର ବଜାଯିବ। ୨୦୦ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଏକ ଆଘାତ ସୃଷ୍ଟିକାରୀ ହାତୁଡି ଦ୍ୱାରା ଏହାକୁ ବଜାଇବା ପାଇଁ ବେସପୋକ୍ ଇଲେକ୍ଟ୍ରିକ୍ ମେକାନିଜିମ୍ ବ୍ୟବସ୍ଥା ହୋଇଛି। ଉକ୍ତ ଘଣ୍ଟା ଏଲିଜାବେଥ୍ ଟାୱାରରେ ଲାଗିଥିବାରୁ ଏହାକୁ କ୍ଲକ୍ ଟାୱାର ମଧ୍ୟ କୁହାଯାଏ।

## ସାଇକେଲରେ ଭାରତୀୟ ମହିଳାଙ୍କ ବିଶ୍ୱ ଭ୍ରମଣ

**ମୁମ୍ବାଇ:** ମହାରାଷ୍ଟ୍ରର ମହିଳା ବେଦାଙ୍ଗୀ କୁଲକର୍ଣ୍ଣୀ ସାଇକେଲରେ ବିଶ୍ୱଭ୍ରମଣ କରି ପ୍ରଥମ ଏସୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ପୁଣେର ସହରତଳି ଅଞ୍ଚଳର ଏହି ବାସିନ୍ଦା ଦୀର୍ଘ ୨୯,୦୦୦ କିଲୋମିଟର ଯାତ୍ରା କରି ରବିବାର କୋଲକାତାରେ ପହଞ୍ଚିଥିଲେ। ସେ ଜୁଲାଇରେ ପର୍ଥଠାରୁ ଯାତ୍ରା ଆରମ୍ଭ କରିଥିଲେ। ଖବରଦାତାଙ୍କୁ ସୂଚନା ଦେଇ କହିଲେ, ଏଥିପାଇଁ ତାଙ୍କୁ ଦୈନିକ ୩୦୦ କିଲୋମିଟର ଯାତ୍ରା କରିବାକୁ ପଡିଥିଲା। ସାଇକେଲରେ ପ୍ୟାଡେଲିଂ କରି ୧୫୯ ଦିନରେ ସେ ୧୪ଟି ଦେଶ



ଭ୍ରମଣ କରିଥିବା ପ୍ରକାଶ କରିଛନ୍ତି। ତାଙ୍କ ପିତା ବିବେକ କୁଲକର୍ଣ୍ଣୀ କହନ୍ତି, 'ଖୁବ୍ କମ୍ ଲୋକ ଏଭଳି ଦୁଃସାହସିକ ପଦକ୍ଷେପ ନେଇଥାଆନ୍ତି। ସେମାନଙ୍କ ମଧ୍ୟରେ ତାଙ୍କ କନ୍ୟା ଅନ୍ୟତମ।' ସାଇକେଲ ଯାତ୍ରା କାଳରେ ସେ କାନାଡାରେ ଧୂସର ଭାଲୁଙ୍କ ସମ୍ମୁଖୀନ ହୋଇଥିଲେ। ରୁଷିଆର ବରଫ ପରିବେଶରେ ରାତିରେ ଯାତ୍ରା କରିବା ସହିତ ସ୍ପେନ୍‌ର ସଂକୀର୍ଣ୍ଣ ରାସ୍ତାରେ ମଧ୍ୟ ସାଇକେଲ ଚାଳନା କରିଥିଲେ। ଆବଶ୍ୟକ ଭିସା ପାଇବାରେ ସମସ୍ୟା ଯୋଗୁ ଯାତ୍ରା ମଧ୍ୟ ବିଳମ୍ବ ହୋଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୭ | ୯.୦ |
| ଚାନ୍ଦବାଲି | ୨୪.୮ | ୧୦.୪ |
| କଟକ | ୨୫.୫ | ୧୦.୨ |
| ପାରାଦ୍ୱୀପ | ୨୬.୦ | ୧୨.୨ |
| ଭୁବନେଶ୍ୱର | ୨୭.୮ | ୧୧.୧ |
| ଗୋପାଳପୁର | ୨୭.୨ | ୧୫.୫ |
| ପୁରୀ | ୨୬.୬ | ୧୩.୬ |
| ଅନୁଗୋଳ | ୨୩.୭ | ୮.୦ |
| ବାରିପଦା | ୨୩.୫ | ୧୦.୦ |
| ଝାରସୁଗୁଡ଼ା | ୨୬.୫ | ୯.୩ |
| କେନ୍ଦୁଝର | ୨୨.୭ | ୭.୧ |
| ସମ୍ବଲପୁର | ୨୬.୪ | ୯.୩ |
| ସୁନ୍ଦରଗଡ଼ | ୨୨.୦ | ୯.୫ |
| ହୀରାକୁଦ | ୨୬.୧ | ୧୦.୮ |
| ତାଳଚେର | --- | ୯.୩ |
| ଭବାନୀପାଟଣା | ୨୫.୨ | ୧୦.୫ |
| ବଲାଙ୍ଗୀର | ୨୫.୫ | ୧୦.୫ |
| କୋରାପୁଟ | ୨୪.୦ | ୧୨.୬ |
| ଫୁଲବାଣୀ | ୨୪.୦ | ୮.୪ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୦ | ୧୫.୬ |
| ସୋନପୁର | ୨୬.୬ | ୯.୦ |
| ଦାରିଙ୍ଗିବାଡ଼ି | --- | ୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଜିରୋ'କୁ ପ୍ରଶଂସା କଲେ ମଲାଲା

**ଇସ୍‌ଲାମାବାଦ୍:** ସର୍ବକନିଷ୍ଠ ନୋବେଲ ବିଜୟିନୀ ମଲାଲା ୟୁସଫଜାଇ 'ଜିରୋ' ଫିଲ୍ମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଅଭିନୟରେ ମୁଗ୍‌ଧ ହୋଇ ପ୍ରଶଂସା ଅଜାଡି ଦେଇଛନ୍ତି। ଆନନ୍ଦ ଏଲ୍. ରାୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶାହରୁଖ୍ ଜଣେ ଭିନ୍ନକ୍ଷମ ବ୍ୟକ୍ତି ବାଉଆ ସିଂ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଏଥିରେ କ୍ୟାଟ୍ରିନା କୈଫ୍ ଏବଂ ଅନୁଷ୍କା ଶର୍ମାଙ୍କ ଅଭିନୟ ମଧ୍ୟ ପ୍ରଶଂସନୀୟ ହୋଇଛି।

ମଲାଲା ଶୁକ୍ରବାର ଏହି ଫିଲ୍ମ ଦେଖିବା ପରେ ସୋସିଆଲ୍ ମିଡିଆରେ ଏକ ଭିଡିଓ ମେସେଜ୍ ପୋଷ୍ଟ କରି ସେଥିରେ ଉଲ୍ଲେଖ କରିଛନ୍ତି, 'ପ୍ରିୟ ଶାହରୁଖ ଖାନ୍, ଆପଣଙ୍କ ଅଭିନୀତ ଫିଲ୍ମ ଖୁବ୍ ସୁନ୍ଦର ହୋଇଛି। ଏହା ଅତ୍ୟନ୍ତ ଆମୋଦଦାୟକ ଏବଂ ଆମ ପୂରା ପରିବାର ଏହାକୁ ପ୍ରଶଂସା କରିଛନ୍ତି।' ମଲାଲା ଅତୀତରେ ୫୩ବର୍ଷ ବୟସ୍କ ସୁପରଷ୍ଟାର ଶାହରୁଖ୍‌ଙ୍କୁ ସାକ୍ଷାତ୍ କରିବାକୁ ଇଚ୍ଛା କରି ସେ ପଢୁଥିବା ଅକ୍ସଫୋର୍ଡ ୟୁନିଭର୍ସିଟିରେ ବକ୍ତୃତା ଦେବାକୁ ନିମନ୍ତ୍ରଣ କରିଥିଲେ। ସେ ଆଉଥରେ ଏଥିପାଇଁ ଶାହରୁଖ୍‌ଙ୍କୁ ସୋସିଆଲ ମିଡିଆ ଜରିଆରେ ନିମନ୍ତ୍ରଣ ପଠାଇଛନ୍ତି।





# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : **www.dharitri.com**

# MOCK TEST PAPER # 3

## CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 28 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27,28 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

1. What is meant by the 'Liberal Nationalism' ?

**OR**

What is an allegory ?

2. Where was the rat hunt started in Vietnam ?

**OR**

Who wrote the book "The History of the Loss of Vietnam" ?

3. What is blue revolution ?
4. Which local body has a Mayor as its head ?
5. What is meant by the system of Check and Balance ?
6. What do you mean by free trade ?
7. What is the meaning of investment ?
8. Explain any three reasons of the popularity of novels.

**OR**

Explain how novel reading became popular source of pleasure in India ?

9. How did print culture developed in Europe ?

**OR**

Why was Martin Luther in favour pf print ? Explain three reasons.

10. What are human made resources ? Why are human resources important ?
11. Explain the factors that help in soil formation.
12. Describe any three demands of Sri Lankan Tamils. How did they struggle for their demands ?
13. Compare the different ways in which the Belgians and Sri Lankans have dealt with the problem of cultural diversity.
14. Suggest any five effective measures to reform political parties.
15. What is credit ? Why it is necessary ?
16. How have out markets been transformed in recent years ? Explain.
17. Describe the conditions in which market do not work in a fair manner.
18. Why is consumer awareness spread slowly ? Give three reasons.
19. What was the status of women folk in the conservative industrial towns ?

**OR**

What steps were taken to solve the problem of pollution in London ?

**OR**

Describe any five attempts taken by Londoners to decongest localities during First World war ?

20. How die the earliest factories multiply by the 18th century ? Explain.

**OR**

In which three ways the British and Indian manufactures and traders advertise their goods ?

21. Distinguish between mountainous soil and dessert soil.
22. Describe the geographical condition required for the growth of rice.

**OR**

Describe the impact of globalization on Indian agriculture.

23. Explain the role of citizens in Democracy ?
24. Suggest the proposals to reform political funding.

**OR**

How do you define good democracy ? Explain its main features.

25. What is per capita income ? Mention any two limitations of per capita income as an indicator of development.

**OR**

Explain the importance of service sector.

26. Locate and label the following on the given political map of India.

The place where 1929 Congress Session took place.

27. Locate and label the following on the given political map of India.

The place where the 1927 session of INC.

28. Locate and label the following on the given political map of India:

(a)Indore software technology park.

(b)Ankaleshwar Oil Field.

**Map for Q. No. 26, 27 and 28**




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଦିଶା

ଦିନ କେଇଟା ପରେ ବିଦାୟ ନେବ ୨୦୧୮। ଚଳିତବର୍ଷ ଘଟିଥିବା ପ୍ରମୁଖ ବିଜ୍ଞାନ, ସ୍ୱାସ୍ଥ୍ୟ ତଥା ଗବେଷଣାଭିତ୍ତିକ ବିଷୟବସ୍ତୁକୁ ନେଇ ଉପସ୍ଥାପନା....


ଅଗ୍ନି-୫ କ୍ଷେପଣାସ୍ତ୍ର

**କିଡ୍‌ନୀ ରୋଗର ନୂଆ ଚିକିତ୍ସା ପ୍ରଣାଳୀ :** କିଡ୍‌ନୀ ରୋଗ ଚିକିତ୍ସା ପ୍ରଣାଳୀରେ ଆଉ ଏକ ନୂଆ ଉପାୟକୁ ଯୋଡାଯାଇଛି। ଏଭଳି ଉଦ୍ୟମ କରି ସେଥିରେ ସଫଳ ହୋଇଛନ୍ତି ୟୁନିଭର୍ସିଟି ଅଫ ମାଞ୍ଚେଷ୍ଟରର ପ୍ରଫେସର ସୁ' କିମ୍ବର ଏବଂ ଆଡ୍ରିନା ଉଲଫ। ଏମ୍ବ୍ରୋନିକ ଷ୍ଟେମ ସେଲ୍‌ରୁ ସେମାନେ 'କିଡ୍‌ନୀ ଗ୍ଲୋମିରୁଲି' ନାମକ ଏକ ନୂଆ ଟିସୁ ପ୍ରସ୍ତୁତ କରିଛନ୍ତି, ଯାହା ସହାୟତାରେ କିଡ୍‌ନୀ ରୋଗର ଚିକିତ୍ସା କରାଯାଇପାରିବ। ଏହି ଟିସୁ ରକ୍ତକୁ ବିଶୁଦ୍ଧ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।




**ସାଇଲେଣ୍ଟ ହଣ୍ଟର:** ଚାଇନାର ବୈଜ୍ଞାନିକମାନେ ଏକ ଡ୍ରୋନନିରୋଧୀ ଲେଜର ଅସ୍ତ୍ର ପ୍ରସ୍ତୁତ କରିଛନ୍ତି। ଏହା କମ୍ ଉଚ୍ଚତାରେ ଏବଂ ଧୀରେ ଧୀରେ ଗତି କରିଥାଏ। ସାଇଲେଣ୍ଟ ହଣ୍ଟର ଭାବରେ ନାମିତ ଏହି ଅସ୍ତ୍ର ଆତଙ୍କବାଦ ଦମନ, ବାୟୁସେନା ପ୍ରତିରକ୍ଷା ବ୍ୟବସ୍ଥା,ପୋଲିସ, ସୈନ୍ୟବାହିନୀ ପାଇଁ ସହାୟକ ହୋଇପାରିବ। ସ୍ୱଳ୍ପ ବ୍ୟୟରେ ନିର୍ମିତ ଏହି ଅସ୍ତ୍ର ବେଶ୍ ନିର୍ଭୁଲ ଭାବରେ କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ଉକ୍ତ ଦେଶର ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି। ଏହାକୁ 'ସାଇଲେଣ୍ଟ ହଣ୍ଟର' ନାମରେ ନାମିତ କରାଯାଇଛି।

**ସର୍ବବୃହତ ରକେଟ ଉତ୍କ୍ଷେପଣ:** ଆମେରିକାର ଫ୍ଲୋରିଡା ଅନ୍ତର୍ଗତ କେପ କାନାଭେରାଲସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ ବିଶ୍ୱର ସର୍ବବୃହତ ରକେଟକୁ ସଫଳତାର ସହ ଉତ୍କ୍ଷେପଣ କରିବାରେ ସଫଳ ହୋଇଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା। ଉକ୍ତ ବିଶାଳକାୟ ରକେଟ ୨୭ଟି ଇଞ୍ଜିନ ନେଇ ମହାକାଶକୁ ଯାତ୍ରା କରିଛି। ଏହାକୁ ନିର୍ମାଣ କରିବା ପାଇଁ ୯୦ ନିୟୁତ ଡଲାର ଖର୍ଚ୍ଚ ହୋଇଥିଲା।

**ବିଦ୍ୟୁତ୍‌ଚାଳିତ କୃତ୍ରିମ ଆଖି:** ଆମେରିକାସ୍ଥିତ ହାର୍ଭାର୍ଡ ଜନ୍ ଏ ପଲଶନ ସ୍କୁଲ ଅଫ ଇଞ୍ଜିନିୟରିଂର ଗବେଷକ ଆଲାନ୍ ସିଁଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞମାନେ ଏକ ବିଦ୍ୟୁତ୍‌ଚାଳିତ କୃତ୍ରିମ ଆଖି (ମେଟେଲେନ୍ସ) ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହା ଏକାଥରେ ତିନୋଟି କାମ (ଅସ୍ପଷ୍ଟ ଛବି ଉପରେ ଦୃଷ୍ଟିପାତ, ଅସ୍ପଷ୍ଟ ଛବିକୁ ସ୍ପଷ୍ଟ କରି ଦେଖାଇବା ଏବଂ ଆଖି ଡୋଳାର ଅସମ ଦୃଷ୍ଟିର ଭାରସାମ୍ୟ ରକ୍ଷା) କରିପାରିବ। ଏହାକୁ ପ୍ରସ୍ତୁତ କରିବା ସମୟରେ ସେମାନେ ଦୁଇଟି ଜ୍ଞାନକୌଶଳ-ସେମି କଣ୍ଡକ୍ଟର ଏବଂ ଲେନ୍ସ ମେକିଙ୍ଗ ବ୍ୟବହାର କରିଥିଲେ।

**ବିନା ଇନସୁଲିନ୍‌ରେ ଡାଇବେଟିସ ଚିକିତ୍ସା:** ନୀରବ ଘାତକ ଭାବରେ ପରିଚିତ ଡାଇବେଟିସ ରୋଗୀଙ୍କ ମଧ୍ୟରୁ ଅନେକେ ଇନସୁଲିନ୍ ପଦ୍ଧତିରେ ଏହାର ଚିକିତ୍ସା କରାଇ ଥାଆନ୍ତି। ହେଲେ ୟୁନିଭର୍ସିଟି ଅଫ ୱାଶିଂଟନର ବିଶେଷଜ୍ଞମାନେ ଏକ ନୂଆ ପଦ୍ଧତି ତିଆରି କରିଛନ୍ତି, ଯାହାଦ୍ୱାରା ଟାଇପ-୧ ଡାଇବେଟିସ ରୋଗୀଙ୍କୁ ଆଉ ଇନସୁଲିନ୍ ନେବାକୁ ପଡିବ ନାହିଁ। 'ମ୍ୟାଚୁରିଟି ଅନସେଟ୍ ଡାଇବେଟିସ ଅଫ ଦ ୟଙ୍ଗ (ଏମଓଡିୱାଇ) ନାମକ ଏହି ଚିକିତ୍ସା ପ୍ରଣାଳୀରେ ରୋଗୀକୁ ଇନସୁଲିନ୍ ଇଞ୍ଜେକସନ ବଦଳରେ ଔଷଧ ଖାଇବାକୁ ପଡିଥାଏ।

**ନୀଳ-ଲାଲ ଚନ୍ଦ୍ର:** ଚଳିତବର୍ଷ ଏକ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଦୀର୍ଘ ୧୫୦ବର୍ଷ ପରେ ଚନ୍ଦ୍ରଗ୍ରହଣ ଅବସରରେ 'ନୀଳ ଜହ୍ନ' (ବ୍ଲୁ ମୁନ୍) ଦେଖାଯାଇଥିଲା, ଯାହାର ରଙ୍ଗ ମଧ୍ୟ ଇଷତ୍ ଲାଲ ଥିଲା। ଏହି ସମୟରେ ଉକ୍ତ ଚନ୍ଦ୍ର ପୃଥିବୀର ନିକଟତର ହୋଇ ପ୍ରାୟ ୩ଲକ୍ଷ ୮୫ହଜାର ୯୯୪ କି.ମି. ଦୂରରେ ରହିଥିଲା।


ନୀଳ ଜହ୍ନ

**ପ୍ରତିରକ୍ଷା ପ୍ରଯୁକ୍ତି ଜିଏସଟି-୧୧ର ସଫଳ ଉତ୍କ୍ଷେପଣ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ନିର୍ମିତ ସବୁଠାରୁ ବଡ ଓଜନିଆ ସାଟେଲାଇଟ୍ 'ଜିଏସଟି-୧୧'କୁ ଚଳିତବର୍ଷ ଉତ୍କ୍ଷେପଣ କରାଯାଇଛି। ଏହାଦ୍ୱାରା ବ୍ରଡବ୍ୟାଣ୍ଡ ସେବା ଆହୁରି ସହଜ ହୋଇପାରିବ।

**ବ୍ରହ୍ମୋସର ପରୀକ୍ଷଣ :** ଚଳିତବର୍ଷ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜରୁ ଯୁଦ୍ଧାସ୍ତ୍ର ବ୍ରହ୍ମୋସର ସଫଳ ପରୀକ୍ଷଣ କରାଯାଇଛି।

**ହାଇପର ଇମାଜିଙ୍ଗ ଉପଗ୍ରହର ସଫଳ ପରୀକ୍ଷଣ:** ଭାରତୀୟ ମହାକାଶ ବିଜ୍ଞାନୀମାନେ ଚଳିତବର୍ଷ ନିଜର ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡିବାରେ ସକ୍ଷମ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ହାଇପିସ ଇମାଜିଙ୍ଗ ଉପଗ୍ରହର ସଫଳ ପରୀକ୍ଷଣ କରାଯାଇଛି।

**ଅଗ୍ନି-୫ର ସଫଳ ଉତ୍କ୍ଷେପଣ:** ସାଢ଼େ ୫୦୦୦ରୁ ୫୮୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ତଥା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ଅନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୫'ର ସଫଳ ପରୀକ୍ଷଣ କରାଯାଇଛି। ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପର ଚାରି ନମ୍ବର ଲଞ୍ଚ ପ୍ୟାଡରୁ ଏହାକୁ ନିକ୍ଷେପ କରାଯାଇଥିଲା।

**କଥାବାର୍ତ୍ତାରୁ ଜଣାପଡ଼ିବ ରୋଗ ଲକ୍ଷଣ:** ରକ୍ତ ପରୀକ୍ଷା କିମ୍ବା କେତେକ କାରଣ ବିଷୟରେ ଜାଣିବା ପରେ ଡାକ୍ତର ରୋଗ ନିରୂପଣ କରିଥାଆନ୍ତି। ହେଲେ ଏଣିକି କଥାବାର୍ତ୍ତାରୁ ରୋଗର ଲକ୍ଷଣ ବିଷୟରେ ଜାଣିହେବ ବୋଲି ବ୍ରିଟେନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି। ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ କଥାବାର୍ତ୍ତା ଶୈଳୀକୁ ତନ୍ନ ତନ୍ନ ଅନୁଧ୍ୟାନ କରି ସେମାନଙ୍କ ମଧ୍ୟରୁ କେତେକଙ୍କଠାରେ କିଛି ରୋଗର ଲକ୍ଷଣକୁ ସେମାନେ ଠାବ କରିପାରିଥିଲେ।



**୩ଟି ମହାପୃଥିବୀ ଆବିଷ୍କୃତ:** ଆମେରିକାସ୍ଥିତ ହାର୍ଭାର୍ଡ ସ୍ମିଥସନିୟାନ ସେଣ୍ଟର ଫର ଆଷ୍ଟ୍ରୋଫିଜିକ୍ସର ମହାକାଶ ବିଜ୍ଞାନୀମାନେ ତିନୋଟି ମହାପୃଥିବୀ ଆବିଷ୍କାର କରିବାରେ ସଫଳ ହୋଇଛନ୍ତି। ଏମାନେ ସୌରମଣ୍ଡଳଠାରୁ ପ୍ରାୟ ୧୦୦ ଆଲୋକବର୍ଷ ଦୂରତାରେ ଥିବା ଏକ ନକ୍ଷତ୍ରକୁ ପ୍ରଦକ୍ଷିଣ କରୁଛନ୍ତି। ଏମାନଙ୍କର ବ୍ୟାସାର୍ଦ୍ଧ ପୃଥିବୀ ବ୍ୟାସାର୍ଦ୍ଧର ପାଖାପାଖି ୧.୬, ୧.୩ ଏବଂ ୨.୧ ଗୁଣ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ଏହି ତିନୋଟି ଗ୍ରହକୁ ମହା ପୃଥିବୀ ପର୍ଯ୍ୟାୟଭୁକ୍ତ କରାଯାଇଛି।

**ଚର୍ଚ୍ଚାରେ ଓଡ଼ିଆ କ୍ୟାନସର ବିଶେଷଜ୍ଞ:** ଭାରତ ସରକାରଙ୍କ ତଥା ଭୁବନେଶ୍ୱରରେ ଅବସ୍ଥିତ ଜୈବବିଜ୍ଞାନ ପ୍ରତିଷ୍ଠାନର ବିଶିଷ୍ଟ କ୍ୟାନସର ବିଶେଷଜ୍ଞ ଡ. ସନ୍ଦୀପ ମିଶ୍ର ତାଙ୍କ କ୍ୟାରିୟରରେ ଆଉ ଏକ ସଫଳ ଫର୍ଦ୍ଦ ଯୋଡିଛନ୍ତି। ଚଳିତବର୍ଷ ସିଙ୍ଗପୁରସ୍ଥିତ ବିଜ୍ଞାନ ଏକାଡେମୀ ଓ ଅନ୍ତର୍ଜାତୀୟ ସହଯୋଗ କେନ୍ଦ୍ରର କ୍ୟାନସର ପରାମର୍ଶଦାତା ରୂପେ ନିଯୁକ୍ତି ପାଇଛନ୍ତି। କ୍ୟାନସର ବିଷୟରେ ଅନେକ ନୂତନ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ଏଭଳି ପଦବୀ ମିଳିଛି। ଏପରି ନିଯୁକ୍ତି ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ।



**ସ୍ପୋର୍ଟିଂ ରୋବୋ:** ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା କେବଳ ସ୍ପୋର୍ଟ୍ସ ନୁହେଁ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇପାରିବ। ବିଶେଷଭାବରେ ଏହା ଅନାୟାସରେ ବ୍ୟାଡମିଣ୍ଟନ ଖେଳିପାରିବ। ସବୁଠାରୁ ଖାସ୍ କଥା ହେଲା ଅବସାଦଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ ହେବ।

**ବିରଳ ନ୍ୟୁଟ୍ରନ ନକ୍ଷତ୍ର ଠାବ:** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ବୈଜ୍ଞାନିକମାନେ ଏକ ବିରଳ ନ୍ୟୁଟ୍ରନ ନକ୍ଷତ୍ର ଠାବ କରିବାରେ ସକ୍ଷମ ହୋଇଛନ୍ତି। ଏହାକୁ ମିଲ୍‌କୱେ ଗ୍ୟାଲେକ୍ସି ବାହାରେ ଚିହ୍ନଟ କରାଯାଇଛି ଏବଂ ଏହା ପୃଥିବୀଠାରୁ ଦୁଇଲକ୍ଷ ଆଲୋକବର୍ଷ ଦୂରତାରେ ଅବସ୍ଥିତ। ସୁପରନୋଭା ବିସ୍ଫୋରଣରୁ ଏହି ନକ୍ଷତ୍ରର ସୃଷ୍ଟି ହୋଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହାର ନିମ୍ନ ଚୁମ୍ବକୀୟ କ୍ଷେତ୍ର ରହିଛି।


ବିରଳ ନ୍ୟୁଟ୍ରନ୍

**ପୃଥିବୀ-ମହାକାଶ ସୀମାନ୍ତ ମାପ ଯୋଜନା:** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା)ର ବୈଜ୍ଞାନିକମାନେ ପୃଥିବୀ ଏବଂ ମହାକାଶର ସୀମାନ୍ତ ମାପିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ ପୃଥିବୀ ଏବଂ ମହାକାଶରେ ପାଣିପାଗ କିପରି ରହୁଛି ସେ ସମ୍ପର୍କରେ ମଧ୍ୟ ଏଥିରୁ ସୂଚନା ମିଳିପାରିବ। ଏଥିପାଇଁ ସେମାନେ ଏକ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଉପଗ୍ରହ ପ୍ରସ୍ତୁତ କରୁଛନ୍ତି। ଏହାକୁ ଉତ୍କ୍ଷେପଣ କରାଯିବା ପରେ ଏଭଳି ଉଦ୍ୟମ ସଫଳ ହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ସହଜ ହେବ ଓଜୋନ ହୋଲ୍ ଠାବ:** ଓଜୋନ ସ୍ତରରେ ଛିଦ୍ର ହେଲେ ତାହାର ଖରାପ ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ତେବେ ଏଭଳି ଛିଦ୍ରକୁ ଅତି ସହଜରେ ଠାବ କରିବା ପାଇଁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ମହାକାଶକୁ ଏକ ଉପଗ୍ରହ ପଠାଯାଇଛି।

ନିପା ଭାଇରସ


**ନିପା ଭାଇରସ୍:** ଚଳିତବର୍ଷ ନିପା ଭାଇରସ୍ ଆମ ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଫଳଖିଆ ବାଦୁଡି, ଘୁଷୁରି ଏବଂ କେତେକ ଗୃହପାଳିତ ପ୍ରାଣୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏପରି କି ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଉକ୍ତ ରୋଗ ହେବାର ଆଶଙ୍କା ରହିଛି। ଜ୍ୱର ହେବା, ମୁଣ୍ଡ ବିନ୍ଧା, ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିବା, ବାରମ୍ବାର ନିଦ ଲାଗିବା, ବାଉଳିଚାଉଳି ହୋଇ ଏଣୁତେଣୁ ଗପିବା ଏହି ରୋଗର କାରଣଗୁଡିକ ମଧ୍ୟରୁ ଅନ୍ୟତମ। ଏପରି ମାରାତ୍ମକ ରୋଗର କୌଣସି ସ୍ଥାୟୀ ଚିକିତ୍ସା ପଦ୍ଧତି ବାହାରି ନାହିଁ। ରୋଗଗ୍ରସ୍ତ ବ୍ୟକ୍ତିକୁ ଆଇସିୟୁରେ ରଖି ଚିକିତ୍ସା କରାଯାଇଥାଏ। ତେବେ ଖଣ୍ଡିଆ ଫଳ ଖାଇବା, ଖଜୁରି ରସ ପିଇବା ଏବଂ ଘୁଷୁରି ସଂସ୍ପର୍ଶରେ ଆସିବାଠାରୁ ନିଜକୁ ଦୂରେଇ ରଖିଲେ ଏହି ରୋଗର ଆଶଙ୍କା କମ୍ ଥାଏ।

## ନୋବେଲ ବିଜ୍ଞାନୀ


ଜେମ୍ସ ପି. ଆଲିସନ　　ତୁସୁନୁ ହୋଞ୍ଜୋ

**ଭେଷଜ ବିଜ୍ଞାନ:** ଚଳିତବର୍ଷର ଶରୀରତତ୍ତ୍ୱ ବା ଭେଷଜ ବିଜ୍ଞାନ ପାଇଁ ପ୍ରଦତ୍ତ ନୋବେଲ ପୁରସ୍କାରର ହକ୍‌ଦାର ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଜେମ୍ସ ପି. ଆଲିସନ ଏବଂ ଜାପାନର ପ୍ରଫେସର ତୁସୁନୁ ହୋଞ୍ଜୋ। କ୍ୟାନସର ଚିକିତ୍ସା ପାଇଁ ଏକ ଅଭିନବ ଚିକିତ୍ସା ପ୍ରଣାଳୀ ସେମାନେ ଉଦ୍ଭାବନ କରିବାରେ ସକ୍ଷମ ହୋଇଛନ୍ତି। ଏହି ପଦ୍ଧତିଟି ଶରୀରର ପ୍ରାକୃତିକ ପ୍ରତିରକ୍ଷାତନ୍ତ୍ର ସହ ଜଡିତ। ଶରୀରର ପ୍ରାକୃତିକ ପ୍ରତିରକ୍ଷାତନ୍ତ୍ରରେ କ୍ରିୟାଶୀଳ ହୋଇଥାଏ ଏପରି ଏକ ନିରୋଧକ ପ୍ରକ୍ରିୟା। ଏହି ନୂତନ ଉଦ୍ଭାବିତ ପ୍ରଣାଳୀ ମାଧ୍ୟମରେ କ୍ୟାନ୍‌ସର କୋଷିକାଗୁଡିକୁ ସହଜରେ ଧ୍ୱଂସ କରାଯାଇପାରିବ। ପୁରସ୍କାର ରାଶି ବାବଦରେ ଏହି ପ୍ରତିରକ୍ଷାତନ୍ତ୍ର ବିଜ୍ଞାନୀ ଭାରତୀୟ ମୁଦ୍ରା ଅନୁସାରେ ପାଖାପାଖି ୮କୋଟି ଟଙ୍କାର ଅର୍ଥ ପାଇବେ।


ଫ୍ରାନସେସ ଏଚ. ଆରନୋଲ୍ଡ୍    ଜର୍ଜ ପି. ସ୍ମିଥ୍    ସାର୍ ଗ୍ରୋଗୋରି ପି. ଉଇଣ୍ଟର

**ରସାୟନ ବିଜ୍ଞାନ:** ଗୋଟିଏ ଜୀବିକାଟିଠାରେ ଜୈବିକ ପରିବର୍ତ୍ତନ ହେତୁ ନୂତନ ଜୀବଜାତିର ସୃଷ୍ଟି ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ମୁଖ୍ୟତଃ ଜିନୀୟ ଧ୍ରୁବୀକରଣ ଫଳରେ ଘଟୁଥିବାର ଏବେ ସଚରାଚର ବିଶ୍ୱାସ କରାଯାଉଛି। ତେବେ ତାହା ଘଟୁଥିଲା ପ୍ରାକୃତିକ ରୂପେ। ଏହି ଚିନ୍ତାଧାରାକୁ ଆଧାର କରି ବିଜ୍ଞାନାଗାରରେ ତାହାର ଅନୁକରଣ କରିବା ଏବଂ ତାହାକୁ ମାନବ ଜାତିର କଲ୍ୟାଣରେ ଲଗାଇବାର ପଥ ଉନ୍ମୁକ୍ତ କରିବାରେ ସଫଳ ହୋଇଛନ୍ତି ତିନିଜଣ ବୈଜ୍ଞାନିକ। ରସାୟନ ବିଜ୍ଞାନ କ୍ଷେତ୍ରରେ ଏଭଳି ବିଷୟବସ୍ତୁ ସମ୍ପର୍କରେ ବେଶ୍ ରୋଚକ ତଥ୍ୟ ସେମାନେ ଲୋକଲୋଚନକୁ ଆଣିଛନ୍ତି। ସେହି ତିନିଜଣ ବୈଜ୍ଞାନିକ ହେଲେ ଆମେରିକାର ବିଶିଷ୍ଟ ରସାୟନବିତ୍ ଫ୍ରାନସେସ ଏଚ. ଆରନୋଲ୍ଡ୍ ଓ ଜର୍ଜ ପି. ସ୍ମିଥ୍ ଏବଂ ଇଂଲଣ୍ଡର ରସାୟନବିଜ୍ଞାନୀ ସାର୍ ଗ୍ରୋଗୋରି ପି. ଉଇଣ୍ଟର। ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେମାନ ଚଳିତବର୍ଷର ରସାୟନ ବିଜ୍ଞାନ ପାଇଁ ସମ୍ମାନଜନକ ନୋବେଲ ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି।


ଆର୍ଥର ଆସ୍କିନ୍    ଜୋରାର୍ଡ ମୋରୁ    ଡୋନା ଷ୍ଟ୍ରିକଲ୍ୟାଣ୍ଡ

**ପଦାର୍ଥ ବିଜ୍ଞାନ:** ଲେଜର ହେଉଛି ତୀବ୍ର ଉଚ୍ଚ ସଂହତିଯୁକ୍ତ ଏକବର୍ଣ୍ଣୀ ଆଲୋକ ଉତ୍ସ। ଏହା ୧୯୬୦ରେ ଉଦ୍ଭାବିତ ହେବା ପରେ କେତେଜଣ ବୈଜ୍ଞାନିକ ଏହାର ସଫଳ ପ୍ରୟୋଗ ଉପରେ ଅନେକ ଗବେଷଣା କରିଛନ୍ତି। ନିକଟରେ ଲେଜରର ମାନବ ଉପଯୋଗୀ ଦୁଇଟି ପ୍ରୟୋଗ ଉପରେ ଗବେଷଣା କରି ସଫଳ ହୋଇଛନ୍ତି ଆମେରିକାର ବିଶିଷ୍ଟ ପଦାର୍ଥବିତ୍ ଆର୍ଥର ଆସ୍କିନ୍, ଫ୍ରାନ୍ସର ଜୋରାର୍ଡ ମୋରୁ ଏବଂ କାନାଡାର ଡୋନା ଷ୍ଟ୍ରିକଲ୍ୟାଣ୍ଡ। ପୁରସ୍କାର ସ୍ୱରୂପ ସେମାନେ ୧.୦୧ ନିୟୁତ ଆମେରିକୀୟ ଡଲାର ପାଇବେ।



> ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକର ବାଣିଜ୍ୟ ସ୍ଥିତିକୁ ବିଚାର କରି ଡାଭୋସ୍ ସମ୍ମିଳନୀ ଆଲୋଚନା ପାଇଁ ଏଜେଣ୍ଡା ପ୍ରସ୍ତୁତ ହୋଇଛି।
>
> – ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



> ଘରୋଇ ବଜାରର ଅର୍ଥନୈତିକ ଅଭିବୃଦ୍ଧି ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ସକ୍ଷମ ହେବ।
>
> – ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

## ସଂକ୍ଷେପରେ

### ପବ୍ଲିକ୍ କ୍ରେଡିଟ ରେଜିଷ୍ଟ୍ରି ତିଆରି କରିବେ ୬ ଆଇଟି ସଂସ୍ଥା

ନୂଆଦିଲ୍ଲୀ,୨୩-୧୨(ପି.ଟି.): ଦେଶରେ ଡିଜିଟାଲ ପବ୍ଲିକ କ୍ରେଡିଟ ରେଜିଷ୍ଟ୍ରି (ପିସିଆର୍) ତିଆରି କରିବା ପାଇଁ ସଂସ୍ଥାଗୁଡ଼ିକୁ ଆର୍‌ବିଆଇ ଚୟନ କରିଛି। ଟିସିଏସ୍, ୱିପ୍ରୋ ଏବଂ ଆଇବିଏମ୍ ସମେତ ମୋଟ ୬ ପ୍ରମୁଖ ଆଇଟି ସଂସ୍ଥା ଏହି ପିସିଆର ପ୍ରସ୍ତୁତ କରିବେ। ପିସିଆର୍‌ରେ ସବୁ ଋଣ ନେଇଥିବା ବ୍ୟକ୍ତି ଏବଂ ଇଚ୍ଛାକୃତ ଖିଲାପକାରୀଙ୍କ ତଥ୍ୟ ରହିବ ବୋଲି ଜଣାପଡ଼ିଛି। ପ୍ରସ୍ତାବିତ ରେଜିଷ୍ଟ୍ରି ଗଠନ ଲାଗି କମ୍ପାନୀଗୁଡ଼ିକ ପୁଞ୍ଜି ବଜାର ନିୟନ୍ତ୍ରକ ସେବି, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଜିଏସ୍‌ଟିଏନ୍ ଏବଂ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ ତଥ୍ୟ ସହ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡ଼ିକୁ ସାମିଲ କରାଯିବ। ଋଣ ନେଇଥିବା ବ୍ୟକ୍ତି ତଥା ନେବାକୁ ଥିବା ବ୍ୟକ୍ତିଙ୍କ ୩୬୦ ଡିଗ୍ରୀ ପ୍ରୋଫାଇଲ ରିୟଲ ଟାଇମ୍ ଭିତ୍ତିରେ ପ୍ରସ୍ତୁତି ଦିଗରେ ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରିବେ।

### ଡବ୍ଲ୍ୟୁଇଓ ବାର୍ଷିକ ସମ୍ମିଳନୀ ଜେଟଲୀଙ୍କ ସମେତ ୧୦୦ ଭାରତୀୟ ସିଇଓ ଯୋଗଦେବେ

ନୂଆଦିଲ୍ଲୀ,୨୩-୧୨(ପି.ଟି.): ଆସନ୍ତା ମାସରେ ସୁଇଜରଲାଣ୍ଡର ଡାଭୋସରେ ଜାନୁୟାରୀ ୨୧ରୁ ୨୫ ଯାଏ ଅନୁଷ୍ଠିତ ହେବାକୁ ଥିବା ୱାର୍ଲ୍ଡ ଇକୋନୋମିକ ଅର୍ଗାନାଇଜେଶନ(ଡବ୍ଲ୍ୟୁଇଓ)ର ୨୦୧୯ ସଂସ୍କରଣ ବାର୍ଷିକ ସମ୍ମିଳନୀ ଆୟୋଜନ ହେଉଛି। ଏଥିରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କ ସମେତ ୧୦୦ ଭାରତୀୟ ସିଇଓ ଯୋଗ ଦେବେ। କାର୍ଯ୍ୟକ୍ରମରେ ଭାରତ ଜନ୍ମିତ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏବଂ ବିଶ୍ୱ ବ୍ୟାଙ୍କ ସଭାପତି ଜିମ୍ ୟଙ୍ଗ କିମ୍ କୋ ଚେୟାର ଭାବେ ଯୋଗଦେବେ।

# ୨୬ରେ ବ୍ୟାଙ୍କ ଧର୍ମଘଟ



- ୯ ବ୍ୟାଙ୍କ ସଂଘର ୧୦ ଲକ୍ଷ କର୍ମଚାରୀ ସାମିଲ ହେବେ
- ବ୍ୟାଙ୍କ ମିଶ୍ରଣ ପ୍ରସ୍ତାବକୁ ବିରୋଧ
- ୟୁଏଫ୍‌ବିୟୁର ଧର୍ମଘଟ ଡାକରା

ମୁମ୍ବାଇ,୨୩-୧୨(ପି.ଟି.)

ଚଳିତ ମାସ ୨୬ରେ ୯ ବ୍ୟାଙ୍କ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଦିନିକିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ପ୍ରମୁଖ ଘରୋଇ ବ୍ୟାଙ୍କଗୁଡ଼ିକର ପ୍ରାୟ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହେବେ ବୋଲି ଜଣାପଡ଼ିଛି। ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ବ୍ୟାଙ୍କସଂଘଗୁଡ଼ିକ ଧର୍ମଘଟକୁ ଓହ୍ଲାଉଛନ୍ତି। ଶୁକ୍ରବାର ଏଭଳି ଦାବି ସହ ବେତନ ସଂଶୋଧନ ନେଇ ବ୍ୟାଙ୍କ ଅଫିସର ସଂଘ ପକ୍ଷରୁ ଦିନିକିଆ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ ହୋଇଥିଲେ। ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣ ନେଇ ସରକାର ସେପ୍ଟେମ୍ବରରେ ଘୋଷଣା କରିଥିଲେ। ଏହି ଦୁଇ ବ୍ୟାଙ୍କ ଆର୍‌ବିଆଇର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କାର୍ଯ୍ୟାନୁଷ୍ଠାନ ପରିସରରେ ଅଛନ୍ତି। ଦେଶର ତୃତୀୟ ବୃହତ୍ ବ୍ୟାଙ୍କ ଗଠନ ନେଇ ମିଶ୍ରଣ କାର୍ଯ୍ୟ ହାତକୁ ନିଆଯାଉଥିବା ସରକାର କହିଥିଲେ।

ସରକାରଙ୍କ ଏଭଳି ନିଷ୍ପତ୍ତି ଗ୍ରାହକ କିମ୍ବା ବ୍ୟାଙ୍କର ହିତ ସାଧନ କରିବ ନାହିଁ ବୋଲି ୟୁନାଇଟେଡ ଫୋରମ୍ ଫର ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ରବିବାର ସୂଚନା ଦେଇଛି। ୟୁଏଫବିୟୁ ପ୍ରମୁଖ ବ୍ୟାଙ୍କ ସଂଗଠନଗୁଡ଼ିକର ଏକ ସଂଘ। ଏହା ମଧ୍ୟରେ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୋଇ ଆସୋସିଏଶନ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସ ଭଳି ସଙ୍ଗଠନ ରହିଛନ୍ତି। ମିଶ୍ରଣ ଦ୍ୱାରା ଆକାରଗତ ଭାବେ ବ୍ୟାଙ୍କଗୁଡ଼ିକୁ ବଡ କରିବାରୁ ସରକାର ଇଚ୍ଛା ପ୍ରକଟ କରୁଛନ୍ତି। ଯଦି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଗୋଟିଏ ବଣ୍ଡଲରେ ଅଣାଯାଏ ତେବେ ଏହା ବିଶ୍ୱର ଶୀର୍ଷ ୧୦ ବ୍ୟାଙ୍କ ମଧ୍ୟରେ ସ୍ଥାନ ପାଇବାକୁ ସକ୍ଷମ ହେବ ନାହିଁ ବୋଲି ସଂଘ ଦାବି କରିଛି।

ମିଶ୍ରଣ ପରେ ବୃହତ୍ ସଂଖ୍ୟକ ଶାଖା ବନ୍ଦ ହୋଇଯିବ ବୋଲି ସଂଘ କହିଛି। ଏହା ଦ୍ୱାରା ଗ୍ରାହକମାନେ ବ୍ୟାଙ୍କ ସେବା ପାଇଁ ବିଭିନ୍ନ ଅସୁବିଧା ସାମ୍ନା କରିବେ। ସରକାରଙ୍କ ଜନଧନ ଯୋଜନା, ମୁଦ୍ରା, ସାମାଜିକ ନିରାପତ୍ତା ବୀମା, ପ୍ରଧାନମନ୍ତ୍ରୀ ବାସଗୃହ ଭଳି ବିଭିନ୍ନ ଯୋଜନା ପରିଚାଳନା ଦ୍ୱାରା ବ୍ୟାଙ୍କଗୁଡ଼ିକ ଏବେ ଚାପରେ ରହିଛନ୍ତି। ସ ର କା ର ଙ୍କ ଏହି ନିଷ୍ପତ୍ତି ବିରୋଧରେ ଦେଶ ବ୍ୟାପୀ ଧାରଣା ଦିଆଯିବ। ଏହା ସହ ମୁମ୍ବାଇର ଆଜାଦ ମୈଦାନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ସୂଚନା ଦେଇଛି। ସୂଚନା ଯୋଗ୍ୟ, ଗତ ୨୧ର ବ୍ୟାଙ୍କ ଅଧିକାରୀ ଧର୍ମଘଟ ପରେ ରବିବାର ଯାଏ ଲଗାତର ଭାବେ ୩ ଦିନ ବ୍ୟାଙ୍କ ବନ୍ଦ ରହିଛି। ସୋମବାର ବ୍ୟାଙ୍କ ଖୋଲା ରହିବ। ୨୫ରେ ବଡଦିନ ହେତୁ ବ୍ୟାଙ୍କ ବନ୍ଦ ହେବାକୁ ଥିବା ବେଳେ ୨୬ରେ ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ବ୍ୟାହତ ହେବ। ୨୬ ପରେ ବ୍ୟାଙ୍କ କାରବାର ସ୍ୱାଭାବିକ ହେବ ବୋଲି ଶିଳ୍ପ ପକ୍ଷରୁ ସୂଚନା ରହିଛି।

### ବିଓବି-ଦେନା-ବିଜୟା ବ୍ୟାଙ୍କ ମିଶ୍ରଣ ସ୍କିମ୍ ଶୀଘ୍ର

ମୁମ୍ବାଇ,୨୩-୧୨(ପି.ଟି.)

ବ୍ୟାଙ୍କ ଅଫ୍ ବରୋଦା(ବିଓବି), ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣ ନେଇ ସରକାର ପ୍ରକ୍ରିୟା ଜୋରଦାର କରିଛନ୍ତି। ସରକାର ଏହି ଧାରାକୁ ଆଗକୁ ବଢାଇବା ପାଇଁ ଏକ ଆମାଲଗାମେଶନ ସ୍କିମ ଆଣିବେ। ଚଳିତ ମାସ ଶେଷ ସୁଦ୍ଧା ଏହି ସ୍କିମ୍ ଆସିବ ବୋଲି ଜଣାପଡ଼ିଛି। ଏହାକୁ ସଂସଦରେ ଉପସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜାନୁୟାରୀ ୮ ଯାଏ ସଂସଦର ଅଧିବେଶନ ଚାଲିବାକୁ ଥିବା ବେଳେ ଏହା ପୂର୍ବରୁ ନୂଆ ସ୍କିମକୁ ଉପସ୍ଥାପନ କରାଇବାକୁ ସରକାର ଯୋଜନା ରଖିଛନ୍ତି। ଏହାକୁ ରୂପରେଖ ଦିଆଯିବାକୁ ଥିବା ବେଳେ ୩ ବ୍ୟାଙ୍କ ବୋର୍ଡ ପକ୍ଷରୁ ମଧ୍ୟ ଅନୁମୋଦିତ କରାଯିବ। ମିଶ୍ରଣ ପରେ ଅଂଶଧନ ସଂକ୍ରାନ୍ତ ବିବରଣୀ, ପ୍ରମୋଟରଙ୍କଠାରୁ ଆବଶ୍ୟକୀୟ ପୁଞ୍ଜି ଭଳି ବିଭିନ୍ନ ପ୍ରସଙ୍ଗକୁ ଆମାଲଗାମେଶନ ସ୍କିମରେ ସାମିଲ କରାଯାଇଥିବା ସୂଚନା ରହିଛି। ମିଶ୍ରଣ ପରେ ପୁଞ୍ଜି ଯୋଗାଣ ନେଇ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ଆର୍ଥିକ ବର୍ଷ ପ୍ରାରମ୍ଭରେ ମିଶ୍ରିତ ନୂଆ ବ୍ୟାଙ୍କକୁ କାର୍ଯ୍ୟକ୍ଷମ କରାଇବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମିଶ୍ରଣ ପରେ ଦେଶର ତୃତୀୟ ବୃହତ୍ ବ୍ୟାଙ୍କ ହେବ। ବ୍ୟାଙ୍କଗୁଡ଼ିକର ମିଶ୍ରିତ ବାଣିଜ୍ୟ ୧୪.୮୨ ଲକ୍ଷ କୋଟିର ହେବ। ସୂଚନାଯୋଗ୍ୟ,ଦେଶର ବୃହତ୍ ବ୍ୟାଙ୍କ କ୍ଷେତ୍ରରେ ବର୍ତ୍ତମାନ ଏସ୍‌ବିଆଇ ଦେଶର ପ୍ରଥମ ସ୍ଥାନରେ ଥିବା ବେଳେ ଆଇସିଆଇସିଆଇ ଦ୍ୱିତୀୟ ସ୍ଥାନରେ ରହିଛି।

## ୨ ନୂଆ ରଙ୍ଗର ସ୍ମାର୍ଟଫୋନ୍ ଆଣିଲା ସାମସଙ୍ଗ

ଭୁବନେଶ୍ୱର ,୨୩-୧୨



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାମସଙ୍ଗ ଦୁଇ ନୂଆ ରଙ୍ଗର ସ୍ମାର୍ଟଫୋନ ବଜାରକୁ ଆଣିଛି। ଗାଲାକ୍ସି ନୋଟ ୯ ଲିମିଟେଡ ଏଡିଶନ ଆଲପାଇନ୍ ହ୍ୱାଇଟ ରଙ୍ଗରେ ବଜାରକୁ ଆସିଥିବା ବେଳେ ଗାଲାକ୍ସି ଏସ୍ ୯ ରେଡିଆଣ୍ଟ ପୋଲାରିସ ନୀଳ ରଙ୍ଗରେ ଆସିଛି। ନୋଟ ୯ର ଏହି ନୂଆ ରଙ୍ଗ ପରେ ଏହା ବର୍ତ୍ତମାନ ଓସନ ବ୍ଲୁ, ମିଡ୍ ନାଇଟ୍ ବ୍ଲାକ, ମେଟାଲିକ୍ କପର, ଲାଭେଣ୍ଡର ପର୍ପଲ ଏବଂ ଅଲ ନ୍ୟୁ ଆଲପାଇନ ହ୍ୱାଇଟ ରଙ୍ଗରେ ଉପଲବ୍ଧ। ସେହିଭଳି ଗାଲାକ୍ସି ଏସ୍୯ ମିଡନାଇଟ ବ୍ଲାକ, କୋରାଲ ବ୍ଲୁ, ଲିଲାକ ପର୍ପଲ, ସନରାଇଜ ଗୋଲ୍ଡ, ବରଗଣ୍ଡି ରେଡ ଏବଂ ନୂଆ ପୋଲାରିସ ନୀଳ ରଙ୍ଗରେ ଆସୁଛି। ଗ୍ରାହକଙ୍କୁ ସର୍ବୋତ୍ତମ ସ୍ମାର୍ଟଫୋନ ସହ ଉନ୍ନତ ଡିଜାଇନ, ପରଫରମାନ୍ସ ଇନୋଭେସନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ବୋଲି ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସ ଜେନେରାଲ ମ୍ୟାନେଜର ଆଦିତ୍ୟ ବବର ସୂଚନା ଦେଇଛନ୍ତି।

## ଚିନିକଳଗୁଡ଼ିକୁ ମିଳିପାରେ ଅଧିକ ୭,୪୦୦ କୋଟି ଋଣ

ନୂଆଦିଲ୍ଲୀ,୨୩-୧୨(ପି.ଟି.)

ଦେଶ ମଧ୍ୟରେ ଥିବା ଚିନିକଳଗୁଡ଼ିକୁ ଅଧିକ ୭,୪୦୦ କୋଟି ଟଙ୍କାର ଋଣ ମିଳି ପାରେ। ଏହା ଉପରେ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଚିନି କଳଗୁଡ଼ିକର ଇଥାନଲ୍ କ୍ଷମତା ସମ୍ପ୍ରସାରଣ ପାଇଁ ସରକାର ଏଭଳି ପ୍ରସଙ୍ଗ ଉପରେ ବର୍ତ୍ତମାନ ବିଚାର କରୁଥିବା ଜଣାପଡ଼ିଛି। ଇଥାନଲ ନୀତିକୁ ସରକାର ଶୁଭାରମ୍ଭ କରିଛନ୍ତି। ଏହାକୁ ଧ୍ୟାନରେ ରଖି ଖାଦ୍ୟ ମନ୍ତ୍ରଣାଳୟ ଚିନି କଳଗୁଡ଼ିକରେ ଇଥାନଲ୍ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ଦିଗକୁ ଧ୍ୟାନରେ ରଖିଛି। ବିଶେଷ କରି ନୂଆ ଇଥାନଲ ପ୍ଲାଣ୍ଟ ସ୍ଥାପନା ତଥା ପ୍ଲାଣ୍ଟର ସମ୍ପ୍ରସାରଣ ଦିଗରେ ଋଣ ପ୍ରଦାନ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ସରକାର ୪,୪୦୦ କୋଟି ଟଙ୍କାର ସଫ୍ଟ ଋଣ ଘୋଷଣା କରିଛନ୍ତି।

ସେହିଭଳି ମିଲ୍‌ଗୁଡ଼ିକୁ ୫ ବର୍ଷ ସମୟ ଲାଗି ୧୩୩୨ କୋଟିର ସୁଧ ସବ୍‌ସିଡି ଏବଂ ଋଣ ନେବାର ଗୋଟିଏ ବର୍ଷ ପର୍ଯ୍ୟନ୍ତ ଋଣ ଫେରସ୍ତ ଉପରେ ମଧ୍ୟ କୋହଳ ବ୍ୟବସ୍ଥା କରାଯାଇଛି।

## ଜିଏସ୍‌ଟି ହ୍ରାସ ନିଷ୍ପତ୍ତିକୁ ଶିଳ୍ପର ସ୍ୱାଗତ

ନୂଆଦିଲ୍ଲୀ,୨୩-୧୨(ପି.ଟି.)

୨୩ ସାମଗ୍ରୀ ଓ ସେବା ଉପରୁ ଜିଏସ୍‌ଟି ହ୍ରାସ ନିଷ୍ପତ୍ତିକୁ ଘରୋଇ ବଜାରର ଶିଳ୍ପ କ୍ଷେତ୍ର ପକ୍ଷରୁ ସ୍ୱାଗତ କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ଜିଏସ୍‌ଟି ପରିଷଦର ନିଷ୍ପତ୍ତି ଫଳରେ ସିନେମା ଟିକେଟ, ଟିଭି, ମନିଟର ସ୍କ୍ରିନ, ପାୱାର ବ୍ୟାଙ୍କ ଭଳି ବିଭିନ୍ନ ସାମଗ୍ରୀ ଓ ସେବା ଉପରୁ ଟିକସ ହ୍ରାସ ହୋଇଛି। ସେହିଭଳି ଅନ୍ୟ କିଛି ସାମଗ୍ରୀକୁ ଟିକସ ପରିସରରୁ ବାଦ ଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେବ ବୋଲି ସିଆଇଆଇ ଡାଇରେକ୍ଟର ଜେନେରାଲ ଇନ୍ଦ୍ରଜୀତ ବାନାର୍ଜୀ ସୂଚନା ଦେଇଛନ୍ତି।


**OFFICE OF THE PROJECT ENGINEER, PMU, ORISSA WATER SUPPLY & SEWERAGE BOARD, CUTTACK**

**Bid Identification No.: 2466/OWSSB of 2018-19, dt 22.12.2018**

The notice can be seen in the Govt. website i.e. www.odisha.gov.in and complete bid document can be viewed / downloaded from e-procurement portal of State Government https://tendersodisha.gov.in from **24.12.2018 (11.00 Hrs)** to **14.01.2019 (17.00 Hrs)**.

Sd/-
**Project Engineer**

**OFFICE OF THE DISTRICT JUDGE, ANGUL** No. 20-W

**ADVERTISEMENT No.1 of 2018**

Applications in the prescribed format are invited from the candidates of any category for filling up 01 post of Salaried Amin in the pre revised pay Scale of Rs. 5,200-20,200/- and Grade Pay of Rs. 2000/- (Revised scale of pay rule 2017, pay matrix level-5, Rs.21,700-Rs.69,100) with usual D.A. and other allowances, as admissible to the State Govt. Employees from time to time, on regular basis subject to the result of W.P.(c) No. 1273 of 2014.

The District Judge, Angul reserves the right to cancel the recruitment process at any time without prior notice.

**Last Date of Receipt of Application:**
Applications along with self attested copies of required documents must reach the Office of the **District Judge, Angul, Odisha – 759122 by 5PM** on or before **22.01.2019** either by person during office hours on each working day or by post. The applications can also be dropped in the drop box kept in this office within the last date. Applications received after the last date shall be summarily rejected.

**N.B.:** For details of information as regards eligibility, qualification, scheme of examination and other criteria, visit: **https://districts.ecourts.gov.in/angul** or **https://angul.nic.in/**.

*Sd./- District Judge, Angul*

18012/11/0001/1819

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO. : HWP/TAL/PROD/2018/04**

On-line tenders are invited through e-tendering mode by the General Manager, Heavy Water Plant, Talcher, PO. : Vikrampur, Dist. : Angul, (Odisha) on behalf of the President of India in two part bid from eligible contractors for the work and details given below : **NIT No. : HWP/TAL/PROD/2018/04, Name of the Work :** "MISCELLANEOUS WORKS VIZ DISSOLUTION, DECONTAMINATION, HANDLING AND PACKING OF HAZARDOUS MATERIALS ETC. AS AND WHEN REQUIRED BASIS". **Estimated Cost :** Rs.11,11,005/- (including GST. **Earnest Money :** Rs.22,220/-. **Period of Completion :** 6 (Six) Months. **Last Date and Time of Submission of Bid :** 11.01.2019 (14:30 Hrs.). The bid forms and other details can be obtained from the website **www.tenderwizard.com/DAE.**

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
CENTRAL WORKSHOP, RASULGARH, BHUBANESWAR - 751010

**TENDER CALL NOTICE**

No.OCC/CWS/PROC/SS-02/65/18-19 Dated. 22.12.2018

Sealed tenders in conformity with the terms, conditions, drawing and technical specifications in tender documents are invited from reputed manufacturers / traders for **"Supply of stainless steel flats for DEO Irrigation Project, Kanupur HR & sluice gate, Akhadasahi (Oae Upper Tier Project), Gobrakhal Nallah, Hansakura Nallah, Haladia Spillway Project & Prachi Barrage (Stoplog Gate) Project".**
For details, please visit our website : **www.odishaconstruction.com** / or Govt. of Odisha website : **www.odishagov.nic.in.** The last date & time of sale of tender document and receipt of tender is **07.01.2019 at 1.00 P.M & 3.00 P.M.** respectively and to be opened on same date at **4.00 P.M.**

Sd/- SENIOR MANAGER (MECH.)-I

idco Your power to grow | ODISHA NEWOPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3577/14-15/5468 Dtd: 17.12.2018

**TENDER CALL NOTICE**

| | | |
|---|---|---|
| Name of the Work | : | SITC of 315KVA, 11/0.4KV Plinth mounted S/S for Power Supply to Vasundhara Hostel VSSUT, Burla at Sambalpur |
| Estimated Cost of the Work | : | Rs. 6,21,409.00 |
| Period of Completion | : | 15 days. |
| EMD Amount | : | Rs. 6500.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 24.12.2018 to 28.12.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 31.12.2018 |
| Date of Opening of Tender | : | At 16.00 Hrs. on 31.12.2018. |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. M. Amiya Manager (Electrical) at Tel. No. (0674) 2541766 during office hours.

Sd/-
**D.H. (Electrical), IDCO, Bhubaneswar**

idco Your power to grow | ODISHA NEWOPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3910/04/18-19/5499 Dtd: 18.12.2018

**TENDER CALL NOTICE**

| | | |
|---|---|---|
| Name of the Work | : | Supply and installation of 2KW metal halide fittings and lamps for existing flood light system at Hockey Pitch-II (Practice field) / Athletic field inside Kalinga Stadium, Bhubaneswar |
| Estimated Cost of the Work | : | Rs. 9,00,925.00 |
| Period of Completion | : | 60 days. |
| EMD Amount | : | Rs. 9,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 24.12.2018 to 31.12.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 05.01.2019 |
| Date of Opening of Tender | : | At 16.00 Hrs. on 05.01.2019. |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.K. Dash, Manager (Electrical) at Tel. No. (0674) 2541766 during office hours.

Sd/-
**D.H. (Electrical), IDCO, Bhubaneswar**

DSPL-309

ଓଡ଼ିଶା ଶାସନ



**ବାର୍ତ୍ତା**

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

୧୯୮୬ ମସିହାରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ କରାଯାଇ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ଓ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ଆୟୁକ୍ତ ଉପଭୋକ୍ତାମାନଙ୍କୁ ତୁରନ୍ତ କମ୍ ଖର୍ଚ୍ଚରେ ସୁରକ୍ଷା ପ୍ରଦାନ କରିଥାଆନ୍ତି ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଖାଉଟି ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର –୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ ଦିବସରେ କାର୍ଯ୍ୟ କରୁଛି । ଜିଲ୍ଲାସ୍ତରରେ ଉପଭୋକ୍ତା ମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ସୂର୍ଯ୍ୟ ନାରାୟଣ ପାତ୍ର)
**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ, ଓଡ଼ିଶା**

07001/13/0006/1819

## ସଂକ୍ଷେପରେ

### ଜୁନିୟର କ୍ରିକେଟ: ପ୍ରଗତି ବିଜୟୀ

**ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି):** ଜୁନିୟର କ୍ରିକେଟ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଆୟୋଜକ ପ୍ରଗତି ସ୍ପୋର୍ଟିଂ ୮ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରିଥିଲା। ଟାଉନ୍ କ୍ଲବ ପକ୍ଷରୁ ଆର୍ଯ୍ୟନ ସର୍ବାଧିକ ୧୯ ରନ୍ କରିଥିବାବେଳେ ପ୍ରତିପକ୍ଷ ଦଳର ସାର୍ଥକ, ପ୍ରତ୍ୟୁଷ ଓ ସୌଭାଗ୍ୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପ୍ରଗତି ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଶୁଭମ୍ ନାୟକ ସର୍ବାଧିକ ୬୧ ଓ ଆୟୁଷ ସୂତାର ୩୨ ରନ୍ ସ୍କୋର କରିଥିଲେ। ଶୁଭମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୨୪ ତାରିଖରେ ପାରାମାଉଣ୍ଟ-ରାମେଶ୍ୱର ସ୍ପୋର୍ଟିଂ ପ୍ରଥମ ଏବଂ ୨୫ରେ ପ୍ରଗତି-ଶହୀଦ ସ୍ପୋର୍ଟିଂ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

### ୟୁ ଆଣ୍ଡ୍ ମି'କୁ ହରାଇଲା ବାଲାବାବା

**ମାର୍ଶାଘାଇ ୨୩।୧୨(ଡିଏନ୍ଏ):** ମାର୍ଶାଘାଇ ଥାନା ଅନ୍ତର୍ଗତ ଓସ୍ତରହାଟ ଖେଳପଡ଼ିଆରେ ରବିବାରଠାରୁ ରାଜ୍ୟସ୍ତରୀୟ ୨ୟ କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚରେ ବାଲେଶ୍ୱରର ୟୁ ଆଣ୍ଡ ମି କ୍ରିକେଟ କ୍ଲବକୁ ୭ ଉଇକେଟରେ କେନ୍ଦ୍ରାପଡ଼ାର ବାଲାବାବା କ୍ଲବ ହରାଇ ଦେଇଛି। ଟସ୍ ଜିତି ୟୁ ଆଣ୍ଡ ମି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ନିବି ଶଙ୍କର ବାରିକ ସର୍ବାଧିକ ୩୪ ଓ ତପନ ମୁର୍ମୁ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ବାଲାବାବାର ପ୍ରଜ୍ଞା ପରିଡା ୪ଓଭରରେ ମାତ୍ର ୧୧ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାଲାବାବା ସଞ୍ଜୀବ ସାହୁ (୩୬) ଓ ଅଧିନାୟକ ସୁଧାଂଶୁ ପତି (୩୪)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୧୩ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଜ୍ଞା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥିଭାବେ ଶରତ ଚନ୍ଦ୍ର ମଲିକ ଏବଂ ଯୋଗେନ୍ଦ୍ର କର ଯୋଗଦେଇ ମାର୍ଶାଘାଇର ଅମ୍ବିକା ପ୍ରତିଷ୍ଠାନ ତରଫରୁ ପ୍ରଦତ୍ତ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସତ୍ୟପ୍ରକାଶ ତ୍ରିପାଠୀ, ନିରଞ୍ଜନ ପତ୍ରୀ, ଆଶୁତୋଷ ପାଣି ଏବଂ ୩ୟ ଅମ୍ପାୟର ଭାବେ ସୁଦର୍ଶନ ବେହେରା ଏବଂ ଶେଖର ସେନାପତି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ରାଜେଶ ମହାପାତ୍ର, ପ୍ରତାପ ଖଟୁଆ ଏବଂ ଆଦିତ୍ୟ ପଟ୍ଟନାୟକ ସ୍କୋରିଂରେ ଏବଂ ବୁବୁ ସିହ୍ନା ଓ ପ୍ରକାଶ କର ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକକର୍ମୀ ରମାନାଥ ସାମନ୍ତରାୟ ଏବଂ ବିଶାଳ କୁମାର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସୋମବାର ଝାରସୁଗୁଡାର ପ୍ରୋଗ୍ରେସିଭ ୧୧ ଏବଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

### ଇଷ୍ଟକୋଷ୍ଟ ଚାମ୍ପିୟନ, କିଟ୍ ରନର୍ସଅପ୍

**ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି):** କାମାକ୍ଷାନଗରଠାରେ ଚାଲିଥିବା ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ଓ କିଟ୍ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଇଷ୍ଟକୋଷ୍ଟ ୩-୦ ସେଟ୍‌ରେ କିଟ୍‌କୁ ପରାସ୍ତ କରିଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଇଷ୍ଟକୋଷ୍ଟ ୩-୦ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ଏବଂ କିଟ୍ ୩-୦ରେ ମାଲକାନଗିରିକୁ ହରାଇଥିଲା। ପୁରୁଷ ବିଭାଗରେ ଅନୁଷ୍ଠିତ ଗୋଟିଏ ସେମିଫାଇନାଲରେ କେନ୍ଦ୍ରାପଡ଼ା ୩-୦ରେ ଭୁବନେଶ୍ୱରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ରାଜ୍ୟ ଓପନ୍ ଚେସ୍ ୨୬ରୁ

**ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଓପନ୍ ଚେସ୍ ଚାମ୍ପିୟନଶିପ୍ ଚଳିତମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିଯୋଗିତା ପାଇଁ କୌଣସି ଏଣ୍ଟ୍ରି ଫି' ରଖାଯାଇନାହିଁ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଚେସ୍ ବହି ପ୍ରଦାନ କରାଯିବ। ଏଥିପାଇଁ ମୋଟ ୪୫ ଟ୍ରଫି ଏବଂ ୧୭୫ ଚେସ୍ ବହିର ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜକ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବାଳକ ବିଭାଗ ପ୍ରତିଯୋଗିତା ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ବୟସ ବର୍ଗରେ ହେବ। ସେହିପରି ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ବର୍ଗରେ ବାଳିକା ଏବଂ ମହିଳା ବିଭାଗ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।



ଭାରତୀୟ ହକି ଦଳ ପାଇଁ ବିଶ୍ୱଶ୍ରେଣୀୟ ଡ୍ରାଗ୍ ଫ୍ଲିକର ଆବଶ୍ୟକ ରହିଥିବା ଗତ ବିଶ୍ୱକପ୍ ବେଳେ ଅନୁଭବ କରାଯାଇଛି।
– ଦିଲୀପ ତିର୍କୀ, ଭାରତର ପୂର୍ବତନ ଅଧିନାୟକ



ମୋ ବିଶି ଆଙ୍ଗୁଠିରେ ଆଘାତ ଲାଗିଥିଲେ ମଧ୍ୟ ମୁଁ ଭାରତ ବିପକ୍ଷ ବକ୍ସିଂ ଡେ' ଟେଷ୍ଟ ହାତଛଡ଼ା କରିବାକୁ ଚାହୁଁନାହିଁ।
– ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆନ ଓପନିଂ ବ୍ୟାଟ୍ସମ୍ୟାନ

# ଅଭିଷେକଙ୍କ ଶତକ: ଓଡ଼ିଶା ଇନିଂସ ଅଗ୍ରଣୀ

**ରଣଜୀ ଟ୍ରଫି**

କଟକ ଅଫିସ,୨୩।୧୨

ଓଡ଼ିଶା ପକ୍ଷରୁ ପ୍ରଥମ ଥର ନିମନ୍ତେ ରଣଜୀ ସିଜନ ଖେଳୁଥିବା ଅଭିଷେକ ରାଉତ ରବିବାର ଜମ୍ମୁ-କଶ୍ମୀର ବିପକ୍ଷରେ ଶତକୀୟ ଇନିଂସ୍(୧୧୬ ରନ୍) ଖେଳିଛନ୍ତି। ଅଲ୍‌ରାଉଣ୍ଡର ଅଭିଷେକଙ୍କ ଏହି ଅପରାଜିତ ଶତକୀୟ ଇନିଂସ୍ ବଳରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୩୨୩ ରନ୍ କରିବା ସହ ୧୯୬ ରନ୍‌ର ଅଗ୍ରଣୀ ହାସଲ କରିଛି। ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ୍‌ରେ ୧୨୭ ରନ୍ କରିଥିଲା। ଜମ୍ମୁର ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଚାଲିଥିବା ଏଲିଟ୍ ଗ୍ରୁପ୍-ସି'ର ଉକ୍ତ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ଜମ୍ମୁ-କଶ୍ମୀର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି କୌଣସି ଉଇକେଟ ନ ହରାଇ ୨୭ ରନ୍ କରିଛି। ମହାରାଷ୍ଟ୍ର ପକ୍ଷରୁ ପୂର୍ବରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିସାରିଥିବା ଅଭିଷେକଙ୍କ କ୍ୟାରିୟରର ଏହା ପ୍ରଥମ ଶତକ ମଧ୍ୟ। ନବାଗତ ଦେବାଶିଷ ସାମନ୍ତରାୟ ଓ ଅଭିଜ୍ଞ ଅନୁରାଗ ଷଡ଼ଙ୍ଗୀ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ।

ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଗୋଟିଏ ଉଇକେଟ ହରାଇ ୯୧ ରନ୍ କରିଥିଲା। ଅନୁରାଗ ୫୬ ଓ ଦେବାଶିଷ ୨୦ ରନ୍‌ରେ ଅପରାଜିତ ଥିଲେ। ବ୍ୟକ୍ତିଗତ ଗୋଟିଏ ରନ୍ ଯୋଡ଼ିବା ପରେ ଅନୁରାଗ ଜମ୍ମୁ-କଶ୍ମୀର ପକ୍ଷରୁ ଖେଳୁଥିବା ଅନ୍ତର୍ଜାତୀୟ ତାରକା ଖେଳାଳି ଇରଫାନ ପଠାନ୍‌ଙ୍କ ଶିକାର ବନିଥିଲେ। ପରେ ଶୁଭ୍ରାଂଶୁ ସେନାପତି(୪), ଗୋବିନ୍ଦ ପୋଦ୍ଦାର(୨), ଅଧିନାୟକ ବିପ୍ଳବ ସାମନ୍ତରାୟ(୧ରନ) ଶୀଘ୍ର ଆଉଟ ହେବା ଫଳରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନ୍‌ଅପ୍ ଭୁଶୁଡ଼ି ପଡ଼ିଥିଲା। ୧୧୫ ରନ୍‌ରେ ଭ୍ରମଣକାରୀ ଓଡ଼ିଶା ୫ ଉଇକେଟ ହରାଇଥିଲା। ତେବେ ଅଲ୍‌ରାଉଣ୍ଡର ଅଭିଷେକ ଓ ନବାଗତ ଦେବାଶିଷ ସତର୍କତାର ସହ କ୍ରିଜ୍‌ରେ ତିଷ୍ଠି ରହି ଓଡ଼ିଶାର ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ଇତିମଧ୍ୟରେ ଦେବାଶିଷ ୧୩୪ ବଲ୍‌ରୁ ଓ ଅଭିଷେକ ୧୦୭ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ମଧ୍ୟାହ୍ନଭୋଜନ ବିରତି ପରେ ଦେବାଶିଷ(୮୫ ରନ୍) ଜମ୍ମୁ-କଶ୍ମୀର ଅଧିନାୟକ ପରଭେଜ ରସୁଲଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଦେବାଶିଷଙ୍କ ଉଇକେଟ ଜମ୍ମୁ-କଶ୍ମୀର ନିମନ୍ତେ ଏକ ବଡ଼ ବ୍ରେକ୍ ଥ୍ରୁ ଥିଲା। ଦେବାଶିଷ କ୍ରିଜ୍ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ଥିଲା ୨୧୮ ରନ୍। ଶେଷଭାଗରେ ଓଡ଼ିଶାର କୌଣସି ଖେଳାଳି ଦୀର୍ଘ ସମୟ ତିଷ୍ଠିପାରି ନ ଥିବାରୁ ଅଭିଷେକ ବଡ଼ ଶଟ ଖେଳିଥିଲେ। ୧୮୬ ବଲରୁ ଶତକ ପୂରଣ କରିଥିବା ଅଭିଷେକ ୧୧ ଚୌକା ଓ ୩ ଛକା ସହାୟତାରେ ୧୧୬ ରନ୍‌ରେ ଅପରାଜିତ ଥିଲେ। ଉଇକେଟକିପର ପି. ରୋଶନ କୁମାର ରାଓ ୬, ସୂର୍ଯ୍ୟକାନ୍ତ ପ୍ରଧାନ ୧୭, ବସନ୍ତ ମହାନ୍ତି ୧୩ ରନ୍‌ରେ ଆଉଟ ହୋଇଥିଲେ। ଜମ୍ମୁ-କଶ୍ମୀର ପକ୍ଷରୁ ଇରଫାନ ସର୍ବାଧିକ ୪, ମହମ୍ମଦ ମୁଦାସିର ୨, ଉମର ନାଜିର ୩ ଓ ଅଧିନାୟକ ପରଭେଜ ଗୋଟିଏ ଉଇକେଟ ନେଇଥିଲେ।



ଅଭିଷେକ ରାଉତ, ଦେବାଶିଷ ସାମନ୍ତରାୟ ଓ ଅନୁରାଗ ଷଡ଼ଙ୍ଗୀ।

**ସଂକ୍ଷିପ୍ତ ସ୍କୋର**

- ଓଡ଼ିଶା ପ୍ରଥମ ଇନିଂସ୍: ୩୨୩/ଅଲଆଉଟ( ଅଭିଷେକ ରାଉତ-୧୧୬*, ଦେବାଶିଷ ସାମନ୍ତରାୟ-୮୫ରନ୍, ଇରଫାନ ପଠାନ-୪/୫୨, ଉମର ନାଜିର-୩/୪୯)।
- ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ୍- ୨୭/୦ ।

## ସେମିରେ ସାଇ କଟକ

ଟାଙ୍ଗୀ(ଖୋର୍ଦ୍ଧା), ୨୩।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା କୁହୁଡ଼ି ଜନତା ଷ୍ଟାଡ଼ିୟମରେ ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୫୯ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ସାଇ କଟକ ଓ କୋଲକାତାର ଆକା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟାଇବ୍ରେକର୍ ପଦ୍ଧତିରେ ୪-୩ ଗୋଲରେ ସାଇ କଟକ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆସୋସିଏଶନ୍‌ର ଉପସଭାପତି ଶ୍ରୀବତ୍ସ ପରିଡ଼ା, ମାନବେନ୍ଦ୍ର ମହାରଥା, ଖବରଦାତା ଅରୁଣ କୁମାର ଦାସ, ପୁରୀ ଏସ୍ଆଇ ବସନ୍ତ ହରିଚନ୍ଦନ ଓ ସାମାଜିକ କର୍ମୀ ଗୋଦାବରୀଶ ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍ କମିଶନର ଜାତୀୟ ରେଫରୀ ଡି ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା କରିଥିଲେ। ଆଶୀର୍ବାଦ କାନୁନ୍‌ଗୋ, ଏ.ଶେଖ ହାୟଦ ଓ ପ୍ରତାପ ମୁଦୁଲି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଆକା କ୍ଲବ୍‌ର ହେନେରି ଓ ସାଇ କ୍ଲବ୍‌ର ସାଜିଦ୍ ସାହାଜାଦଙ୍କୁ ବଦନମଣି ଛୋଟରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ସୋମବାର ମ୍ୟାଚ୍ ଭୁବନେଶ୍ୱର କିଶୋର କ୍ଲବ୍ ଓ କୋଲ୍‌କାତାର କାଳିଘାଟ ଫ୍ରେଣ୍ଡସ କ୍ଲବ୍ ମଧ୍ୟରେ ହେବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ସୂଚନା ଦେଇଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଇଣ୍ଡିଆନ ଓପନ ଗେଟ୍ ବଲ୍ ଚାମ୍ପିୟନଶିପ୍‌ର ଉଭୟ ଡବଲ୍ସ ଓ ଟିମ୍ ଇଭେଣ୍ଟରେ ଚାମ୍ପିୟନ ଭାରତୀୟ ଦଳ।

## କିଟ୍ ବିଶ୍ୱବିଦ୍ୟାଳୟ ମହିଳା ବିଭାଗ ଚାମ୍ପିୟନ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ**

ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା-ପୁରୁଷ) ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଏହି ପ୍ରତିଯୋଗିତା ୭-ଏ-ସାଇଡ୍ ଓ ୧୫-ଏ-ସାଇଡ୍ ଦୁଇଟି ବିଭାଗରେ ଖେଳାଯାଇଥିଲା। ପ୍ରତି ୭-ଏସ୍ ଦଳରେ ୧୨ ଓ ୧୫-ଏସ୍ ଦଳରେ ୨୨ ଖେଳାଳି ସ୍ଥାନ ପାଇଥିଲେ। ମହିଳା ବିଭାଗର ଉଭୟ ପ୍ରତିଯୋଗିତାରେ ଆୟୋଜକ କିଟ୍ ଚାମ୍ପିୟନ ହୋଇଛି। ମହିଳା ୭-ଏ-ସାଇଡ୍‌ରେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ମହିଳା ୧୫-ଏ-ସାଇଡ୍‌ରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ରୋହତକର ଏମ୍‌ଡିୟୁ ତୃତୀୟ ସ୍ଥାନ ପାଇଛି। ପୁରୁଷ ୭-ଏ-ସାଇଡ୍‌ରେ ଶିବାଜୀ ବିଶ୍ୱବିଦ୍ୟାଳୟ ପ୍ରଥମ ହୋଇଥିବାବେଳେ ମୋହାଲିର ଚଣ୍ଡିଗଡ଼ ଦ୍ୱିତୀୟ ଓ କିଟ୍ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ୧୫-ଏ-ସାଇଡ୍‌ରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପ୍ରଥମ, ଶିବାଜୀ ଦ୍ୱିତୀୟ ଓ କିଟ୍ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରଗ୍‌ବୀ ଇଣ୍ଡିଆ ଡେଭ୍‌ଲପ୍‌ମେଣ୍ଟ ମ୍ୟାନେଜର ସନ୍ଦୀପ ମୋସମକର ଓ ରିଜିଓନାଲ ଡେଭଲପମେଣ୍ଟ ମ୍ୟାନେଜର ନନ୍ଦୁ ଚର୍ଭାର୍କର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ୨ଟି ବିଭାଗରେ ଚାମ୍ପିୟନ ହୋଇଥିବାରୁ କିଟ୍ ଦଳକୁ ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ପ୍ରତିଯୋଗିତାର ମହିଳା ବିଭାଗ ଚାମ୍ପିୟନ କିଟ୍ ଦଳ ଅତିଥିଙ୍କ ସହ।

## ଜାତୀୟ ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ଚଣ୍ଡିଗଡ଼ରେ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଦଳ ରବିବାର ଚଣ୍ଡିଗଡ଼ ଯାତ୍ରା କରିଛି। ଗତ ୮ ଓ ୯ ତାରିଖ ଦୁଇଦିନ ଧରି ଜଟଣୀରେ ଅନୁଷ୍ଠିତ ୨୭ତମ ରାଜ୍ୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରୁ ୧୪ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜାତୀୟ ରେଫରି ଭାବେ କୈଳାସ ଚନ୍ଦ୍ର ବାରିକ ଏବଂ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓଡ଼ିଶା ଦଳ ସହ ଚଣ୍ଡିଗଡ଼ ଯାଇଛନ୍ତି। ଓଡ଼ିଶାରେ ଥ୍ରୋ ବଲ୍‌ର ଜନ୍ମଦାତା କୃଷ୍ଣଚନ୍ଦ୍ର ଦାସ, ସଭାପତି ଭୁପିନ୍ଦର ସିଂ ଓ କ୍ରୀଡ଼ା ସଙ୍ଗଠକ ଅଶୋକ କୁମାର ପାତ୍ର ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ମହିଳା ଦଳ: ଶୁଭଦର୍ଶିନୀ ଜେନା, ପୁଷ୍ପଲତା ପ୍ରଧାନ, ସବିତା ସାହୁ, ନିବେଦିତା ନାୟକ, ପୁଷ୍ପାଞ୍ଜଳି ପତି, ପ୍ରିୟଙ୍କା ବିଶ୍ୱାଳ, ମାନସୀ ପ୍ରଧାନ, ନିକି ଝା, ସ୍ନିଗ୍ଧା ମହାନ୍ତି, ଗୋଲାପ ସ୍ୱାଇଁ, ରେଖା ଦାସ, ଗୋଲାପୀ ନାୟକ, ଜୟନ୍ତୀ ପଟେଲ। କୋଚ୍: ସୁଚିତ୍ରା ମହାନ୍ତି, ମ୍ୟାନେଜର: ରଚନା ନାୟକ।

ପୁରୁଷ ଦଳ: ରାଜେଶ କୁମାର ପ୍ରଧାନ, ଦେବାଶିଷ ସ୍ୱାଇଁ, ସୌମ୍ୟକାନ୍ତ ପ୍ରଧାନ, ସୁବ୍ରତ କୁମାର ଭଞ୍ଜ, ଏସ୍. ଜଗା ରେଡ୍ଡୀ, ମହମ୍ମଦ ନଜିବ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସଞ୍ଜୟ କୁମାର ବେହେରା, ସୁଧୀର କୁମାର ମଲିକ, ରମେଶ ଗୋଛାୟତ, ସୁଶାନ୍ତ କୁମାର ଦାସ, ହରିଶଙ୍କର ତ୍ରିପାଠୀ, ଅଜିତ ସାହୁ, ବ୍ରଦିନାରାୟଣ ନାୟକ। କୋଚ୍: ଯଶୋବନ୍ତ ପରମଗୁରୁ, ମ୍ୟାନେଜର: ସତୀକାନ୍ତ ପଟ୍ଟନାୟକ।

## ସମ୍ବଲପୁର, ଚିଲିକା ବିଜୟୀ

ଭୁବନେଶ୍ୱର, ୨୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋରଠାରେ ଚାଲିଥିବା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ରେ ରବିବାର ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ଯଥାକ୍ରମେ କଟକ ବାରବାଟୀ ସୁପରକିଙ୍ଗ୍ସ, ଚିଲିକା ଟେକ୍ ଓ ସମ୍ବଲପୁର ପାଇରେଟ୍ସ ବିଜୟ ଲାଭ କରିଛନ୍ତି। ପ୍ରତିଯୋଗିତାର ୮ମ ମ୍ୟାଚ୍‌ରେ କଟକ ସୁପରକିଙ୍ଗ୍ସ ୫୬ ରନରେ ଖୋର୍ଦ୍ଧା ୱାରିୟର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କଟକ ରୋହିତ୍ ପାଟିଲଙ୍କ ଦ୍ରୁତ ୯୯ ରନ (୫୫ ବଲ) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ହରାଇ ୨୦୩ ରନ କରିଥିଲା। ଜବାବରେ ଖୋର୍ଦ୍ଧା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଚିଲିକା ୬ ଉଇକେଟ୍‌ରେ ଅନୁଗୋଳ ସ୍ଲାମ୍ସକୁ ହରାଇ ଦେଇଛି। ଅନୁଗୋଳ ୧୯ ଓଭରରେ ୯ ଉଇକେଟ୍ ହରାଇ ୧୨୩ ରନ କରିଥିଲା। ୧୨୪ ରନର ଟାର୍ଗେଟ୍‌କୁ ପିଛା କରି ଚିଲିକା ୧୩.୪ ଓଭରରେ ୪ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଦିବସର ଅନ୍ତିମ ମ୍ୟାଚ୍ ସମ୍ବଲପୁର ପାଇରେଟ୍ସ ଓ ଭଦ୍ରକ ବ୍ଲାକକ୍ୟାପ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଟସ୍ ଜିତି ଭଦ୍ରକ ୧୭ ଓଭରରେ ୧୧୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ସମ୍ବଲପୁର ୩ ଉଇକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ବାରବାଟୀର ରୋହିତ୍ (୯୯ ରନ), ଚିଲିକାର ସୋମନାଥ ରାଉତ (୧୩ ରନ, ୨ ଉଇକେଟ୍) ଓ ସମ୍ବଲପୁରର ସୁପ୍ରିୟ (୩୩ ରନ ଓ ୧ ଉଇକେଟ୍) ଯଥାକ୍ରମେ ୩ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବ୍ରହ୍ମପୁର କର୍ପୋରେଟର ରଞ୍ଜିତ୍ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କିଶୋର କ୍ଲବ ଚାମ୍ପିୟନ

**ମଦନପୁର କପ୍ ଫୁଟବଲ**

ପାତ୍ରପଡ଼ା, ୨୩।୧୨(ଡି.ଏନ.ଏ.)

ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୭ମ ମଦନପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ କିଶୋର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ କିଶୋର କ୍ଲବ ୨-୦ ଗୋଲରେ ଫ୍ରେଣ୍ଡ୍ସ ପାରାଡାଇଜ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ୩୦ ଓ ୭୦ତମ ମିନିଟରେ ମନୋଜ ମୁର୍ମୁ ୨ଟି ଗୋଲ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଶିବଶଙ୍କର ପଣ୍ଡା, ସୁଶାନ୍ତ ମିଶ୍ର, ରମେଶ ଚନ୍ଦ୍ର ପାଇକରାୟ। ଆୟୋଜକ କ୍ଲବ ସଭାପତି ବିଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ସନ୍ତୋଷ ଜେନା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ କିଶୋର କ୍ଲବକୁ ଟ୍ରଫି ସହ ୯,୦୦୦ ଓ ରନର୍ସଅପ୍ ଫ୍ରେଣ୍ଡ୍ସ ପାରାଡାଇଜ୍‌କୁ ଟ୍ରଫି ସହ ୬,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଆନନ୍ଦ ନାଏକ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମନୋଜ ମୁର୍ମୁ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ମଦନପୁର କପ୍ ଫୁଟବଲ ଚାମ୍ପିୟନ କିଶୋର କ୍ଲବ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ସେମିରେ ଶହୀଦ ସ୍ପୋର୍ଟିଂ

**ନୀରଜ ମେମୋରିଆଲ କ୍ରିକେଟ୍**

ଭୁବନେଶ୍ୱର, ୨୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଓସ୍କାର ଖେଳପଡ଼ିଆରେ ଚାଲିଥିବା ୧୦ମ ନୀରଜ ମେମୋରିଆଲ ଓସ୍କାର କପ୍ ୧୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱର ସହୀଦ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ଚତୁର୍ଥ କ୍ୱାର୍ଟର ଫାଇନାଲରେ ଦଳ ୫୨ ରନ୍‌ରେ ଗ୍ରୀନ୍ସ ଏକାଡେମୀକୁ ପରାସ୍ତ କରିଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହୀଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୭ ରନ୍ କରିଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ଦାସ ସର୍ବାଧିକ ୨୨ରନ୍ କରିଥିଲେ। ଶ୍ରେଷ୍ଠ ସିଂ ୧୭ ଏବଂ ଆକାଶ ଯାଦବ ୧୪ ରନ୍ କରିଥିଲେ। ବୋଲିଂରେ ଗ୍ରୀନ୍ସ ତରଫରୁ ସୁମିତ ମିଶ୍ର, ଏସ୍. ହିମାଂଶୁ, ଆୟୁଷ ସାମନ୍ତରାୟ ଏବଂ ମୋହିତ ହାଁସ୍‌ଦା ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ ଏକାଡେମୀ ୬୫ ରନ୍ କରିପାରିଥିଲା। ଦଳ ପକ୍ଷରୁ ଏସ୍. ହିମାଂଶୁ ୫୩ ରନ୍ କରି ଅପରାଜିତ ରହିଥିବାବେଳେ ଅନ୍ୟ କୌଣସି ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ସହୀଦ ସ୍ପୋର୍ଟିଂ ତରଫରୁ ଅଶ୍ୱିନ ମାଝି ୨ ଉଇକେଟ ଏବଂ ସୃଜନ କୀର୍ତ୍ତି ଓ ସୂର୍ଯ୍ୟ ଜେନା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ସହୀଦ ସ୍ପୋର୍ଟିଂ ଆସନ୍ତା ୨୮ରେ ହେବାକୁଥିବା ଏକ ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିବ। ରବିବାର ମ୍ୟାଚ୍‌ରେ ପୂର୍ବତନ ଖେଳାଳି ରାକେଶ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଶ୍ୱିନ ମାଝିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପ୍ରସନ୍ନ ବେହୁରା ଓ ଲିଆକତ୍ ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲେ।



“ ଆମେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ବିଜୟୀ ହୋଇଛୁ ସତ, ହେଲେ ଅମ୍ପାୟରିଂରେ ୫୦ ପ୍ରତିଶତ ତ୍ରୁଟି ପରିଲକ୍ଷିତ ହୋଇଥିଲା।
–କାର୍ଲୋସ ବ୍ରାଥ୍‌ୱେଟ୍, ୱେଷ୍ଟଇଣ୍ଡିଜ ଟି୨୦ ଅଧିନାୟକ



“ ମହିଳା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଦଳରୁ ବାଦ୍ ପଡ଼ିବା ଘଟଣା ମୋତେ ଓ ମୋ ପରିବାରକୁ ପ୍ରଭାବିତ କରିଥିଲା।
–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟର

## ସଂକ୍ଷେପରେ

### ଅଷ୍ଟ୍ରେଲିଆ ଦଳରେ ୭ ବର୍ଷୀୟ ବାଳକ



**ମେଲବୋର୍ନ,୨୩।୧୨:** ଏଠାରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ୟ ତଥା ବକ୍ସିଂ ଡେ’ ଟେଷ୍ଟ ଲାଗି ୧୫ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। କୌତୂହଳର ବିଷୟ ଏହିକି ଯେ, ଏଥିରେ ୭ ବର୍ଷୀୟ ଲେଗ୍ ସ୍ପିନର ଆର୍ଚି ସ୍କିଲରଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ‘ମେକ୍ ଏ ୱିଶ’ ଶୀର୍ଷକ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ସ୍କିଲରଙ୍କ ସ୍ୱପ୍ନ ପୂରଣ ହୋଇଛି। ସ୍କିଲର ଜନ୍ମ ହେବାର ୩ ମାସ ପରେ ତାଙ୍କ ହୃତ୍‌ପିଣ୍ଡରେ ଛିଦ୍ର ଥିବା ଜଣାପଡ଼ିଥିଲା। ଏ ନେଇ ତାଙ୍କର ବହୁବାର ଅସ୍ତ୍ରୋପଚାର ହୋଇସାରିଛି। ତେଣୁ ସେ ନିଜ ସାଙ୍ଗମାନଙ୍କ ସହ ଖେଳିପାରୁ ନାହାନ୍ତି। ସେ କ୍ରିକେଟ ଖେଳିବାକୁ ବହୁତ ଭଲ ପାଆନ୍ତି। ତାଙ୍କ ବାପା ତାଙ୍କୁ ଭବିଷ୍ୟତରେ କ’ଣ କରିବାକୁ ଚାହଁ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ହେବାକୁ ଚାହୁଁଥିବା କହିଥିଲା। ଏଣୁ ସ୍କିଲରଙ୍କୁ ଅଷ୍ଟ୍ରେଲିଆର ଉପଅଧିନାୟକ ଭାବେ ଦଳରେ ସାମିଲ କରାଯାଇଛି। କୋଚ୍ ଜଷ୍ଟିନ ଲାଙ୍ଗର ଫୋନ ଯୋଗେ ୭ ବର୍ଷୀୟ ସ୍କିଲରଙ୍କୁ ଏ ବିଷୟରେ ସୂଚନା ଦେଇଥିଲେ। ରବିବାର ଅନୁଷ୍ଠିତ ପ୍ରାକ୍ଟିସ ସେସନରେ ସେ ଅଷ୍ଟ୍ରେଲିଆ ଦଳର ଖେଳାଳିଙ୍କ ସହ ଅଭ୍ୟାସ କରିଥିଲେ।

# ରାଜ୍ୟ ଓପନ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

କଟକ ଅଫିସ,୨୩।୧୨

ଇଷ୍ଟର୍ନ କ୍ଲବ ଶିଖରପୁର ଆନୁକୂଲ୍ୟରେ ନୃସିଂହ ମଲ୍ଲ ଅଡିଟୋରିୟମରେ ଚାଲିଥିବା ନୃସିଂହ ମଲ୍ଲ ଓ ସୁରେଶ ସ୍ମାରକୀ ରାଜ୍ୟ ଓପନ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ୧୭ ବର୍ଷରୁ କମ୍ ବାଳକ ବିଭାଗର ଫାଇନାଲରେ ଭୁବନେଶ୍ୱର ଅମ୍ରିତ ମହାନ୍ତି ୨୧–୧୨, ୨୧–୧୫ ସେଟ୍‌ରେ ଅନୁଗୋଳର ଆୟୁଷ ଦାଶଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି । ପୁରୁଷ ବର୍ଗ ଫାଇନାଲରେ ବଲାଙ୍ଗୀରର ଅରବିନ୍ଦ ସାହୁ ୨୧–୧୪, ୨୨–୨୦ ସେଟ୍‌ରେ ଭୁବନେଶ୍ୱରର କେ. ମୁରଳି କ୍ରିଷ୍ଣାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସ ବିଭାଗରେ କଟକର ଚିତ୍ତରଞ୍ଜନ ଶତପଥୀ ଓ ଅଗ୍ନିରିଶ ରାୟ ଭୁବନେଶ୍ୱରର ରଣଜିତ ବାଣ୍ଠ ଓ ସୁଶାନ୍ତ ସାହୁଙ୍କୁ ୨୧–୧୮, ୨୧–୧୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଅର୍ବାନ ବ୍ୟାଙ୍କର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ମହାନ୍ତି, କର୍ପୋରେଟର ପ୍ରଳୟା ବେଉରା ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ଯୁଗଳ ଚରଣ ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସରୋଜ କୁମାର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଓଏସ୍‌ସି, ବିବିଏ ଚାମ୍ପିୟନ

## ନାଲକୋ କପ୍ ବାସ୍କେଟବଲ

କଟକ ଅଫିସ,୨୩।୧୨

ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ନାଲକୋ କପ୍ ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି । ପୁରୁଷ ବର୍ଗରେ ଓଡ଼ିଶା ଷ୍ଟୁଡେଣ୍ଟ କ୍ଲବ(ଓଏସ୍‌ସି) ୮୪–୬୯ ପଏଣ୍ଟରେ ବିଏସ୍‌ଏନ୍‌ଏଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଓଏସ୍‌ସି ପକ୍ଷରୁ ସେକ୍ ସାହିଦ ସର୍ବାଧିକ ୩୫ ପଏଣ୍ଟ ହାସଲ କରିଥିଲେ । ମହିଳା ବର୍ଗରେ ଚାମ୍ପିୟନ ହୋଇଛି ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ(ବିବିଏ) । ଫାଇନାଲରେ ବିବିଏ ୪୨–୧୧ ପଏଣ୍ଟରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନକୁ ପରାସ୍ତ କରିଥିଲା । ବିବିଏ ପକ୍ଷରୁ ସରସ୍ୱତୀ ବେହେରା ସର୍ବାଧିକ ୧୨ ପଏଣ୍ଟ, ଲିପ୍ରା ଶତପଥୀ ଓ ଉର୍ବଶୀ ମଲ୍ଲିକ ୮ ପଏଣ୍ଟ ଲେଖାଏ ହାସଲ କରିଥିଲେ । ନାଲକୋର ବରିଷ୍ଠ ଅଧିକାରୀ ଲଲାଟେନ୍ଦୁ ଦାସ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡ଼ା ଅଶୋକ କୁମାର ବେହେରା, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସଭାପତି ଅଶୋକ ସାହୁ, ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ଅକମଲ ଅଲ୍ଲୀ, ସୁପ୍ରିମ କ୍ଲବ ସମ୍ପାଦକ ସୌରଭ ବେହେରା, କମଳେଶ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ ।



ମହିଳା ବିଭାଗ ଚାମ୍ପିୟନ ଭୁବନେଶ୍ୱର ଦଳ ।



ରବିବାର ଅନୁଷ୍ଠିତ ରାଜ୍ୟ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ ।

# ରାଜ୍ୟ ମହିଳା ବକ୍ସିଂ ଉଦ୍‌ଯାପିତ

କଟକରୋଡ,୨୩।୧୨(ଡି.ଏନ୍.ଏ.)

ଭୁବନେଶ୍ୱର ବକ୍ସିଂ ଆସୋସିଏଶନ ଓ ଓଡ଼ିଶା ବକ୍ସିଂ ଆସୋସିଏଶନ ପକ୍ଷରୁ ଚିନ୍ତାମଣିଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରାଜ୍ୟ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ରାଉରକେଲା, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲାର ପ୍ରାୟ ୪୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭୁବନେଶ୍ୱରରୁ ବର୍ଷାନାଥ, ପ୍ରଣତୀ ପ୍ରଧାନ, ପିଜାଲିନ ତରାଇ, ଦାମିନୀ ପାଲ, ରାଉରକେଲାର ସୁଲୋଚନା ମୁଖୀ, କଟକରୁ ଏସ.ଏସ ସଂଘମିତ୍ରା ଓ ଗଞ୍ଜାମର କେ.କାରୁନ୍ୟା ବକ୍ସର ଭାବେ ମନୋନୀତ ହୋଇଥିଲେ। ବିଧାୟକ ବିଜୟ କୁମାର ମହାନ୍ତି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମିଲନ କାନୁନଗୋ, ସାମାଜିକ କର୍ମୀ ରତିକାନ୍ତ ଦାସ, ଭୁବନେଶ୍ୱର ବକ୍ସିଂ ଏକାଡେମୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ବକ୍ସିଂ ଆସୋସିଏଶନ ସମ୍ପାଦକ ପଦ୍ମନାଭ ପାତ୍ର, ଓଡ଼ିଶା ବକ୍ସିଂ ଆସୋସିଏଶନ ସମ୍ପାଦକ ଅନିଲ ବହିଦାର, କାର୍ଯ୍ୟକାରୀ ସଭାପତି ଦ୍ୱିବେନ୍ଦୁ ଚର୍କବର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ। କର୍ପୋରେଟର ଅମରେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିୟଲ ମାଡ୍ରିଡ୍‌କୁ ହ୍ୟାଟ୍ରିକ କ୍ଲବ ବିଶ୍ୱକପ୍

ଆବୁଧାବି,୨୩।୧୨(ଏଏଫ୍‌ପି)

ରିୟଲ ମାଡ୍ରିଡ୍ ଦଳ କ୍ଲବ ବିଶ୍ୱକପ୍ ଜିତିବାରେ ହ୍ୟାଟ୍ରିକ କରିଛି। ଶନିବାର ଏଠାରେ ଖେଳାଯାଇଥିବା ଫାଇନାଲରେ ମାଡ୍ରିଡ୍ ଦଳ ୪–୧ ଗୋଲରେ ଘରୋଇ କ୍ଲବ ଅଲ ଏନକୁ ପରାସ୍ତ କରିଛି। ବାଲୋନ ଡି’ଅର ପୁରସ୍କାରପ୍ରାପ୍ତ ଲୁକା ମୋଡ୍ରିକ ଓ ସେର୍ଗିଓ ରାମୋସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ମାଡ୍ରିଡ୍ କ୍ଲବ ଲାଗି କ୍ରମାଗତ ୩ୟ ଓ ମୋଟ ଉପରେ ୪ର୍ଥ ବିଶ୍ୱକପ୍। ଏହି କ୍ଲବ ସର୍ବାଧିକ ଥର ବିଶ୍ୱକପ୍ ଜିତିବାର ରେକର୍ଡ କରିଛି। ଚିରପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ଦଳ ୩ ଥର ଏହି ସମ୍ମାନଜନକ କ୍ଲବ ଟାଇଟଲ ଜିତିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


HONDA
The Power of Dreams
सच कर देंगे सपने
December
Dhamaka
Offer
Paytm mall
BENEFITS UP TO
₹ 5000^
LOW DOWN PAYMENT
ON SCOOTER
₹ 2999*
LOW DOWN PAYMENT
ON MOTORCYCLE
₹ 5999*
EXCHANGE BONUS
₹ 1500^^
PROCESSING FEES
₹ 0*
HONDA joyclub
BENEFITS UP TO
₹ 2100*
HET BS-IV
BEST DEAL HONDA Buy. Sell. Exchange
ALWAYS WEAR A HELMET WHILE RIDING
Also available:
Annual Maintenance Contract**
Roadside Assistance**
Engine Health Assurance**
Follow us on
HDFC BANK
We understand your world
IndusInd Bank
L&T Financial Services
SHRIRAM City
MONEY WHEN YOU NEED IT MOST
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
*Terms and Conditions apply. *Down Payment Scheme is subject to the financier policy and documents, Finance is the sole discretion of the financier. Low down payment of Rs. 5,999 is applicable on select motorcycle models. ^ Paytm Mall Benefits are applicable in selected dealerships and on selected models only with the terms and conditions of Paytm and Dealership. ^^ Exchange bonus is applicable on selected models and is at the sole discretion of the dealer. All the mentioned schemes are for a limited time period and can be withdrawn any time **Conditions apply.
Honda Exclusive Authorized Dealerships: BALASORE: Yours Honda - 06782-268060, 7873029603/04/09; BALIAPAL: Baba Honda - 8260233121, 06781-253788; BARIPADA: Sun Honda - 9437126999, 0679-2256999; BASTA: Jain Honda - 9437055136; BHADRAK: Das Honda - 9937508791, 06784-240962; JALESWAR: Radhagobinda Honda- 0732586403, 06781-222950; DHAMNAGAR: Padmanav Honda - 09437271165; KARANJIA: Krishiv Honda - 09777774222; KHAIRA: Sakhi Honda - 9439341988, 7873348398; SORO: Sadhana Honda - 06788-222423, 9853329766, 9437169336; CHANDBALI: Banaja Honda - 9437297772.
For Bulk/Institutional enquiries, please write us at: institutionalsales@honda2wheelersindia.com

## ସଂକ୍ଷେପରେ



### ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର

**ଯୋଡା,୨୩।୧୨(ଡି.ଏନ.ଏ.):** ଯୋଡ଼ାଠାରେ ଥିବା ପ୍ରତିଷ୍ଠିତ କିଡ୍‌ଜି ଅଭିଜ୍ଞାନ ମନ୍ଦିର ବିଦ୍ୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବ ରବିବାର ବନେଇକଳାସ୍ଥିତ କିଡ୍‌ଜି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି, ଟାଟା ଷ୍ଟିଲ କମ୍ପାନୀର ବରିଷ୍ଠ ଅଫିସର ଅଜୟ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିଜ୍ଞାନ ମନ୍ଦିର ସେଣ୍ଟର ଡାଇରେକ୍ଟର ସୁଜାତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଭାବର ଆଦାନପ୍ରଦାନ କରନ୍ତୁ ବୋଲି ବିଧାୟକ ପ୍ରଧାନ କହିଥିଲେ। ମାତାପିତା ହିଁ ପ୍ରଥମ ଗୁରୁ, ପିଲାଙ୍କୁ ଗଢ଼ିବାରେ ସେମାନଙ୍କର ଭୂମିକା ପ୍ରଥମ ବୋଲି ସମ୍ମାନିତ ଅତିଥି ଠାକୁର କହିଥିଲେ। କୁନି ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶଣ ଗଣପତି ନୃତ୍ୟ, ଏହି ଦେଶ ଏହି ମାଟି, ଜୟହୀନ୍ଦ୍ ନୃତ୍ୟ ଉପସ୍ଥିତ ଅଭିଭାବକ, ଦର୍ଶକଙ୍କ ମନ ଜିଣିଥିଲା।

### ଜୋନ୍‌ସ୍ତରୀୟ ୱାର୍ଡ଼ କମିଟି କର୍ମଶାଳା



**ଘସିପୁରା, ୨୩।୧୨:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳର ବାରୁଆଁ ଗ୍ରାମରେ ଶନିବାର ବିଜେଡ଼ି ପକ୍ଷରୁ ଜୋନ୍‌ସ୍ତରୀୟ ୱାର୍ଡ଼ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ସାମଲଙ୍କ ସଭାପତିତ୍ୱରେ ଆନନ୍ଦପୁର ବିଧାୟକ ମାୟାଧର ଜେନା, ବିଜେଡି ମହିଳା ମୋର୍ଚ୍ଚା ଜିଲା ସଭାପତି ଆରତୀ ସିଂ, ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ଦେହୁରି, ପୂର୍ବତନ କାଉନ୍‌ସିଲର ମମତାରାଣୀ ଜେନା, ପୂର୍ବତନ ଜିଲା ପରିଷଦ ରାମଚନ୍ଦ୍ର ପଲେଇ ଯୋଗ ଦେଇଥିଲେ। ବିଜୁବାବୁଙ୍କ ତୈଳ ଫଟୋଚିତ୍ର ସମ୍ମୁଖରେ ବିଧାୟକ ମାୟାଧର ଜେନା ପୁଷ୍ପମାଲ୍ୟାର୍ପଣ କରିଥିଲେ। କର୍ମଶାଳାରେ ୫ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଲୋକାଭିମୁଖୀ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଧାୟକ ଓ ଜିଲା ମହିଳା ମୋର୍ଚ୍ଚା ସଭାପତିଙ୍କ ସହ ବିଜେଡ଼ି ନେତାମାନେ କହିଥିଲେ।

### ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଝୁମ୍ପୁରା, ୨୩।୧୨(ଡି.ଏନ.ଏ.):** ଝୁମ୍ପୁରା ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଏକ ଦିବସୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତାରେ ଶିଶୁ ବିଦ୍ୟା ମନ୍ଦିରର ୬୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୪ ବିଭାଗରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଗୋଳା ଓ ଥାଳି ଫିଙ୍ଗା ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନାଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ସୂଚନା ଦେଇଛନ୍ତି।

# ହାତୀ ଉପଦ୍ରବ, ଫସଲ ହାନି

- ଘଉଡ଼ାଇବାରେ ବନ କର୍ମଚାରୀ ନାକେଦମ୍
- କ୍ଷୟକ୍ଷତି ଭରଣା ନେଇ ବିଭାଗର ପ୍ରତିଶ୍ରୁତି

**ଘସିପୁରା, ୨୩।୧୨**

ଘସିପୁରା ବ୍ଲକ ଅନ୍ତର୍ଗତ କାଶିବେଡ଼ା, ଶାଳୁକାଡ଼ାହି, ଅର୍ଜୁନବଣିଆ ଓ ଓସ୍ତପୁରା ଗ୍ରାମରେ ହାତୀପଲ ଶନିବାର ରାତିରୁ ଉପଦ୍ରବ ଜାରି ରଖିଛନ୍ତି। ସେମାନଙ୍କୁ ଘଉଡ଼ାଇବାରେ ବନ କର୍ମଚାରୀ ନାକେଦମ ହୋଇଗଲେଣି। ହାତୀପଲ ଧାନ ଫସଲ ନଷ୍ଟ କରୁଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଆନନ୍ଦପୁର ବନ ବିଭାଗ ଉଦ୍ୟମ କରୁଛି। ଘଟଗାଁ ବନ ବିଭାଗ ରେଞ୍ଜରୁ ୧୩ ହାତୀ ଆସି ଗ୍ରାମରେ ପଶି ଧାନ ଫସଲ ଖାଇ ନଷ୍ଟ କରୁଛନ୍ତି।

କାଶିବେଡ଼ା ଅଞ୍ଚଳରେ ଧାନ ଫସଲ ବେଶି ନଷ୍ଟ ହୋଇଛି। ଆନନ୍ଦପୁର ବନ ବିଭାଗ ରେଞ୍ଜ ଅଧିକାରୀ ପ୍ରଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ କର୍ମଚାରୀ ମଳୟ ସାହୁ, ରଞ୍ଜନ ବେହେରା, ମିନତୀ ସେଠୀ ଓ ଜଙ୍ଗଲ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀପଲଙ୍କୁ ଘଉଡ଼ାଇବାରେ ଲାଗି ପଡ଼ିଛନ୍ତି। କାଶିବେଡ଼ାର ଦନ୍ତାହୁଡ଼ିରେ ହାତୀପଲ ରହିଛନ୍ତି। ସେମାନଙ୍କ ଉପରେ ବନ ବିଭାଗ ନଜର ରଖିଛି। ହାତୀପଲଙ୍କ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲର କ୍ଷତି ଚାଷୀଙ୍କୁ ବନ ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ରେଞ୍ଜ ଅଧିକାରୀ ପ୍ରଶାନ୍ତ ପ୍ରକାଶ କରିଛନ୍ତି।



ହାତୀ ଘଉଡ଼ାଇବା ପାଇଁ ବନ କର୍ମଚାରୀଙ୍କ ସହ ଗ୍ରାମବାସୀ ଜଗି ରହିଛନ୍ତି।

# ପ୍ରଶିକ୍ଷଣ ନେଲେ ସରପଞ୍ଚ, ସମିତି ସଭ୍ୟ

**ପାଟଣା, ୨୩।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ସଭା ଗୃହରେ ରବିବାର ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଓ ଜିଲା ପ୍ରଶାସନ ତରଫରୁ ଏକ ଶିବିର ହୋଇଥିଲା। ବ୍ଲକ ସ୍ତରୀୟ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ଲୋକସେବା ଅଧିକାର ଅଧିନିୟମ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସରପଞ୍ଚ ଓ ସମିତିସଭ୍ୟ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁଙ୍କ ଅଧ୍ୟକ୍ଷତାରେ ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଟ୍ରେନିଂ କୋଡ଼ିନେଟର ହିତେନ୍ଦ୍ର ମହାପାତ୍ର, ଏବିଓ ପ୍ରଫୁଲ୍ଲ ନାଏକ, ପୂର୍ଣ୍ଣଚନ୍ଦ୍ର ଓମାତ, ଡ. ଶୁଭେନ୍ଦୁ ସାଗର ନାଏକ, ଯୋଗାଣ ଅଧିକାରୀ ବିଦ୍ୟୁତ୍‌ଲତା ନାଏକ, ଜିପିଓ ରଶ୍ମିରେଖା ମହାନ୍ତି, ଏପିଓ ଦୀପକ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ବିବାହ, ଜନ୍ମମୃତ୍ୟୁ, ଜାତି, ବାସସ୍ଥାନ ପ୍ରମାଣ ପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଶିବିରରେ କେନ୍ଦେଇପଶି ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ଚିନାମାଳି ପଶି ସମିତି ସଭ୍ୟ ବିଶ୍ୱନାଥ ନାଏକ ଓ ଖିରେଇଟାଙ୍ଗିରି ସରପଞ୍ଚ ବନୋଜ ନାଏକ ଜିଲାରେ ସୂଚନା ଅଧିକାର ଆଇନରେ ବିଭିନ୍ନ ସମୟରେ ତଥ୍ୟ ମିଳୁ ନ ଥିବାର ଅଭିଯୋଗ କରିଥିଲେ। ସ୍ଥାନୀୟ ତହସିଲର ଅମଲା ସୁନିତ କୁମାର ତ୍ରିପାଠୀ ଓ ବେଣୁଧର ମହାନ୍ତ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କ ସମାବେଶ

**ଘସିପୁରା, ୨୩।୧୨(ଡ.ଏନ.ଏ.)**

ଆନନ୍ଦପୁର ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ ଏକ ସମାବେଶ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ୧୯୭୧ ଠାରୁ ଅଦ୍ୟାବଧି ନିଯୁକ୍ତି ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କର ସମାବେଶ ଉତ୍ସାହ କର୍ମପରାୟଣ ପ୍ରଦାନ କରିଛି ବୋଲି ଅଧ୍ୟକ୍ଷ ମତପୋଷଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପଟ୍ଟନାୟକ, ରାମକୃଷ୍ଣ ପଣ୍ଡା, ଗଣେଶ୍ୱର ତ୍ରିପାଠୀ, କୁମରବର ମହାନ୍ତି, ସଚିଦାନନ୍ଦ ତ୍ରିପାଠୀ, ପ୍ରଭାତ ସ୍ୱାଇଁ, ଡେମନ୍‌ଷ୍ଟ୍ରେଟର ବଳଭଦ୍ର ରଣା, କର୍ମଚାରୀ ଅଦିକନ୍ଦ ମହାକୁଡ଼, ନାରାୟଣ ଓଝା ପ୍ରମୁଖ ଚାକିରି ସମୟର ବିଗତ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦଙ୍କୁ ଉପଢ଼ୌକନ ସହ ଉପହାର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁ, ଅଧ୍ୟାପକ ବିଦ୍ୟଲୋଚନ ଭୂୟାଁ, ଉମାକାନ୍ତ ନାୟକ, ସୁରୁଚି ସମ୍ପୂର୍ଣ୍ଣା ସ୍ୱାଇଁ ଓ ତୃତୀୟ ବର୍ଷ ସମ୍ମାନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆରମ୍ଭ ହେଲା ଗୋନାସିକା ମହୋତ୍ସବ

**କେନ୍ଦୁଝର, ୨୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଗୋନାସିକା ମହୋତ୍ସବ ରବିବାର ଶୀତୁଆ ସନ୍ଧ୍ୟାରେ ସ୍ଥାନୀୟ ନଗର ଭବନ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ଅଭିରାମ ନାୟକ, ଏମପି ଶକୁନ୍ତଳା ଲାଗୁରୀ, ଜିଲା ପରିଷଦ ଅଧ୍ୟକ୍ଷ, କମଳିନୀ ପାତ୍ର, ଜିଲାପାଳ ଆଶିଷ ଠାକରେ, ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ, ପିଡି ନୃସିଂହ ଚରଣ ସ୍ୱାଇଁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାକୁ ମଧ୍ୟ ମନ୍ତ୍ରୀ ପାତ୍ର ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ତରୀୟ ଉକ୍ତ ମେଳାରେ ବିଭିନ୍ନ ରାଜ୍ୟର ହସ୍ତକଳା, ମହିଳା ଗୋଷ୍ଠୀଙ୍କ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରାଯାଇଛି। ୫ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ପରିବେଷଣ ହେବ। ନୃତ୍ୟ ସଙ୍ଗୀତ ଦେଖିବା ସହ ଘରକରଣା ଓ ସାଜସଜ୍ଜା ସାମଗ୍ରୀ କିଣିବାପାଇଁ ଲୋକଙ୍କ ଭିଡ଼ ଜମୁଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ବାହିନୀ ମୁତୟନ ହୋଇଛି।




ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ଶିଳ୍ପ ତାଲିମ ଅନୁଷ୍ଠାନକୁ ଅଣଦେଖା

- ସ୍ଥାୟୀ ଶିକ୍ଷକ ଅଭାବ
- ପଟ୍ଟାନ୍ସଫର୍ମର ଛାତ୍ରୀଛାତ୍ରଙ୍କ ପାଇଁ ବିପଦ

**ଆନନ୍ଦପୁର, ୨୩।୧୨(ସ୍ୱ.ପ୍ର.)**

ଆନନ୍ଦପୁରରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରତି ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଶିଳ୍ପ ତାଲିମ୍ ଅନୁଷ୍ଠାନରୁ ବହୁ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରୁଥିଲେ। ବିଭିନ୍ନ ସମସ୍ୟା କ୍ୟାମ୍ପସର ବାତାବରଣକୁ ଆନ୍ଦୋଳିତ କରିଛି। ୫ଶହରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ତାଲିମ୍ ଗ୍ରହଣ କରୁଛନ୍ତି। ସେଥିମଧ୍ୟରୁ ଶହେ ଛାତ୍ରୀ ରହିଛନ୍ତି। ଇଲେକ୍ଟ୍ରିକ୍ସ ମେକାନିକ୍, ଇଲେକ୍ଟ୍ରିସିଆନ୍, ୱେଲଡିଂ, ଫିଟର୍, ମେକାନିକ୍ ମାଇନର୍ ମେସିନାରୀ ଆଦି ବିଭିନ୍ନ ଟ୍ରେଡରେ ଛାତ୍ରୀଛାତ୍ର ତାଲିମ୍ ଗ୍ରହଣ କରୁଛନ୍ତି। କେବଳ ଇଂଲିଶ୍ ଇନ୍‌ଷ୍ଟ୍ରକ୍ଟରଙ୍କୁ ଛାଡି ଦେଲେ ଛାତ୍ରୀଛାତ୍ର ତାଲିମ୍ ପାଇଁ ୧୨ ଜଣ ପାର୍ଟ ଟାଇମ୍ ଓ ୪ କଣ୍ଟ୍ରାକଚୁଆଲ୍ ଶିକ୍ଷକଙ୍କ ଉପରେ ନିର୍ଭର କରୁଛନ୍ତି। ତାଲିମ୍ ପାଇଁ ବିଶେଷ କିଛି ଅସୁବିଧା ହେଉ ନ ଥିଲେ ସୁଦ୍ଧା ଛାତ୍ରୀଛାତ୍ର ନିୟମିତ ଶିକ୍ଷକଙ୍କର ଆବଶ୍ୟକତାକୁ ଅନୁଭବ କରୁଛନ୍ତି। ଏପରିକି ଅନେକ ଫେକଲଟିରେ ତାଲିମ୍ ପ୍ରଦାନ ପାଇଁ ଶିକ୍ଷକଙ୍କ ପଦବୀ ଖାଲି ପଡିଛି। ବିଦ୍ୟାଳୟରେ ଖେଳ ଶିକ୍ଷକଙ୍କ ଅଭାବ ରହିଥିବାରୁ ବିଭିନ୍ନ ଖେଳକୁଦରେ ରୁଚି ରଖିଥିବା ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖିନ ହେଉଛନ୍ତି।

ଶିଳ୍ପ ଅନୁଷ୍ଠାନର ପରିବେଶର ସୁଧାର ଆଣିବା ଦିଗରେ ଛାତ୍ରୀଛାତ୍ର ଆଶା ବ୍ୟକ୍ତ କରୁଥିଲେ ସୁଦ୍ଧା ପ୍ରଶାସନିକ କ୍ଷେତ୍ରରେ ସେପରି କିଛି ସୁବିଧା ସୁଯୋଗ ମିଳୁ ନ ଥିବା କହିଛନ୍ତି। ୨୦ ନଂ ଜାତୀୟ ରାଜପଥ ସଂଲଗ୍ନ ତାଲିମ ଅନୁଷ୍ଠାନର ମୁଖ୍ୟ ଗେଟ୍ ନିକଟରେ ଅତି ଅଳ୍ପ ଉଚ୍ଚତାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତରଣ ପାଇଁ ଅନୁଷ୍ଠାନ ପକ୍ଷରୁ ଏନ୍‌ଏଚଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି ସ୍ଥାନାନ୍ତର କରାଯାଉନି। ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ କହିଛନ୍ତି ଯେ, ଖାଲି ଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଆମେ ବିଭାଗୀୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଅନୁଷ୍ଠାନର ବହୁ ଅଭିଜ୍ଞ ସମ୍ପନ୍ନ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରୀ ସ୍ତରରେ ଟିକେ ଅଧିକ ଦୃଷ୍ଟି ଦିଆଗଲେ ଅନୁଷ୍ଠନର ଗାରିମା ବୃଦ୍ଧି ପାଇପାରନ୍ତା।




ଆନନ୍ଦପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସାଧନା



@ କାହ୍ନା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ୮ ଏକ୍ସ ବ୍ଲାଷ୍ଟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଶାସ୍ତ୍ରୀ ନଗର ୟୁଥ୍ କ୍ଲବ ବିଜୟୀ

**ଯୋଡ଼ା, ୨୩।୧୨(ଡି.ଏନ.ଏ.)**

ସ୍ଥାନୀୟ ଭିଟି ସେଣ୍ଟର ଖେଳ ପଡ଼ିଆଠାରେ ଯୋଡ଼ା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩ ଦିନିଆ ୮ଏକ୍ସ ବ୍ଲାଷ୍ଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଖବରଦାତା ମାନସ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଖବରଦାତା ବେଣୁଧର ବେହେରା, ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ୍ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ୍ ଶାସ୍ତ୍ରୀ ନଗର ୟୁଥ୍ କ୍ଲବ ସହ ଯୋଡା ଭିଟି ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଶାସ୍ତ୍ରୀ ନଗର ୟୁଥ୍ କ୍ଲବ ଭିଟି ଇଲେଭେନକୁ ହରାଇ ଚାମ୍ପିୟନ୍ ହୋଇଥିଲା।



ପୁରସ୍କୃତ ହୋଇଥିବା ଖେଳାଳି।

# କ୍ରିକେଟ ଟୁର୍ନାମେଣ୍ଟ: ପଦ୍ମପୁର ଚାମ୍ପିୟନ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଆନନ୍ଦପୁର, ୨୩।୧୨(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବୁଢ଼ିକୁଦ ପଞ୍ଚାୟତ ସନ୍ତୋଷପୁର ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ସନ୍ତୋଷପୁର ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ମହାରଣାଙ୍କ ସଂଯୋଜନାରେ ୧୬ ଦଳ ଅଂଶ ଗ୍ରହଣ କରିଥିଲା। ସୋମବାର ଫାଇନାଲ୍ ମ୍ୟାଚ୍‌ରେ ପଦ୍ମପୁର ଓ ଘସିପୁରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ୍ ବିନିମୟରେ ୮୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଘସିପୁରା ମାତ୍ର ୪୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା।

ମ୍ୟାଚ୍‌ରେ ଅଶ୍ୱିନୀ ନାୟକ, ଚକ୍ରଧର ନାୟକ ଅମ୍ପାୟର୍ ଭାବେ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସ୍ଥାନୀୟ ସାମାଜିକ କର୍ମୀ ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମମତା ନାଇକ, ସାମାଜିକ କର୍ମୀ ରବୀନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅତିଥିମାନେ ବିଜୟୀ ପଦ୍ମପୁର ଓ ରନର୍ସଅପ ଘସିପୁରା ଦଳକୁ ପୁରସ୍କୃତ କରିଥିଲେ।

# ତେଲ ପାଇଁ ଟ୍ରାଫିକ୍ ଜାମ୍

- ପଦକ୍ଷେପ ନେଉନି ପୋଲିସ
- ହଇରାଣ ହେଉଛନ୍ତି ଯାତ୍ରୀ

**କେନ୍ଦୁଝର, ୨୩।୧୨(ସ୍ୱ.ପ୍ର.)**

ସଦର ଥାନା ଅନ୍ତର୍ଗତ ଦୁର୍ଘଟଣା ପ୍ରବଣ ୪୯ ନମ୍ବର ଜାତୀୟ ରାଜପଥର ଡଙ୍ଗାପାଣି ନିକଟରେ ତେଲ ପାକାଇବା ପାଇଁ ଶତାଧିକ ଲୁହାପଥର ବୋଝେଇ ଟ୍ରକ୍ ଅଟକି ରହିଛି। ସେଠାରେ ଦୁର୍ଘଟଣା ଘଟୁଛି। ଏ ନେଇ ପୋଲିସ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସ୍ଥାନୀୟ ଅଞ୍ଚଳବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଉକ୍ତ ରାସ୍ତା କଡରେ ଥିବା ଏକ ପେଟ୍ରୋଲ ପମ୍ପ ଏହାର ମୁଖ୍ୟକାରଣ ହୋଇଛି। ପୋଲିସ ଏ ନେଇ ଦୃଢ ପଦକ୍ଷେପ ନେଇପାରୁ ନ ଥିବା ଅଭିଯୋଗ ହେଉଛି। ତେଲ ଭର୍ତ୍ତି ପାଇଁ ରାସ୍ତାକଡରେ ଲମ୍ବାଧାଡି ହୋଇ ଛିଡା ହେଉଛି। ଅନେକ ସମୟରେ ଟ୍ରାଫିକ ଜାମ ହୋଇଯାଉଛି। ଜାମରେ ସରକାରୀ କର୍ମଚାରୀ, ସ୍ଥାନୀୟ ଲୋକ ତଥା ଅନେକ ସମୟରେ ପୋଲିସ ବାବୁମାନେ ଫଶି ରହୁଛନ୍ତି। ଲୋକେ ହଇରାଣ ହେଉଛନ୍ତି। ଏ ନେଇ ପଦକ୍ଷେପ ନିଆଯାଉନି। ଉକ୍ତ ତେଲ ପମ୍ପ ପରିସରରେ ଧୂଳିଧୂଆଁ ପ୍ରଦୂଷଣ ବ୍ୟାପୁଛି। ଉପଯୁକ୍ତ ବ୍ୟବସ୍ଥା ନାହିଁ। ଏପରିକି ପାଣି ସିଞ୍ଚନ, ବୃକ୍ଷରୋପଣ କରାଯାଇ ନ ଥିବାରୁ ଧୂଳିଧୂଆଁ ପ୍ରଦୂଷଣ ପ୍ରଭାବ ରାସ୍ତାରେ ଯିବାଆସିବା କରୁଥିବା ଯାତ୍ରୀଙ୍କ ଉପରେ ପଡୁଛି। ଏ ନେଇ ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି ଯେ, ଟ୍ରାଫିକ୍ ସମସ୍ୟା ହେଉଥିଲେ ପଦକ୍ଷେପ ନିଆଯିବ।



ରାସ୍ତା ଉପରେ ଅଟକି ରହିଥିବା ଟ୍ରକ୍।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୨୩।୧୨(ଡି.ଏନ.ଏ.): ଚମ୍ପୁଆ ଥାନା ଅନ୍ତର୍ଗତ ସଶାଙ୍ଗ ଅରଡେଇ ନଦୀରେ ନିଖୋଜ ଥିବା ମହିଳାଙ୍କ ମୃତଦେହଙ୍କୁ ଶନିବାର ଚମ୍ପୁଆ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣଙ୍କ ହେଲେ କରିଆ ପଞ୍ଚାୟତ ରାୟଗୁଡି ଗ୍ରାମର ପଙ୍କଜିନୀ ମହାନ୍ତ(୫୫)। ଏ ନେଇ ଚମ୍ପୁଆ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଛି। ପଙ୍କଜିନୀ ମାନସିକ ବିକାରଗ୍ରସ୍ତ ଥିଲେ। ସେ ଔଷଧ ସେବନ କରୁଥିଲେ। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଚମ୍ପୁଆ ପୋଲିସ କହିଛି।

### ୪୫ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

କୋଳିମାଟି, ୨୩।୧୨- ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କନ୍ତୋ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ଦୁଇ ହଳ ପୋଷାକ ସହ ହଳେ ଜୋତା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଥମଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀର ୪୫ ଜଣ ଛାତ୍ରୀଛାତ୍ରଙ୍କୁ କନ୍ତୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ସାହୁ ପୋଷାକ ଓ ଜୋତା ପ୍ରଦାନ କରିଥିଲେ। ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ବିଦ୍ୟାଳୟ କମିଟିର ସଭାପତି ଗଦାଧର ନାଏକ, କମିଟି ସଭ୍ୟାସଭ୍ୟ ନିମାଇଁ ଚରଣ ନାଏକ, ବସନ୍ତ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ

ହାଟଡିହି, ୨୩।୧୨- ହାଟଡିହି ବ୍ଲକର ଶାଳଣିଆଁ ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ଶ୍ରୀଧର ବେହେରାଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ସିଆରସିସି ଗଜେନ୍ଦ୍ର ସେଠୀ, ପ୍ରଧାନଶିକ୍ଷକ ଅଭୟ ଜେନା, ଶିକ୍ଷକ କୋଦଣ୍ଡଧର ମହାନ୍ତି, ସୁବାସଚନ୍ଦ୍ର ଜେନା, ରମେଶ ନାୟକ, ସୁଦୀପ୍ତ ଜେନା, ଲିପିକା ନାୟକ, ସୀତାଲତା ପାତ୍ର, ପ୍ରିତିଲତା ସେଠୀ, ଅଞ୍ଜନା ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତଙ୍କୁ ଡ୍ରେସ ଓ ଜୋତା ପ୍ରଦାନ କରିଥିଲେ। ଠାକୁର ପାଟଣା ପ୍ରାଥମିକ ବିଦ୍ୟାଳୟରେ ମଧ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଉକ୍ତ କର୍ଯ୍ୟକ୍ରମରେ ସମାଜସେବୀ ଶତ୍ରୁଘ୍ନ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଡ୍ରେସ, ଜୋତା ପ୍ରଦାନ କରିଥିଲେ। ସିଆରସିସି କୁଷଧ୍ୱଜ ବେହେରା, ସ୍କୁଲ ଚେୟାରମ୍ୟାନ ନାଣ୍ଡୁ ଦେହୁରି, ପ୍ରଧାନଶିକ୍ଷକ ବିଶ୍ୱଜିତ ରାଉତ, ଭାଇସ ଚେୟାରମ୍ୟାନ ଅରୁଣ ପାତ୍ର, ୱାର୍ଡ ସଭ୍ୟା ପୁଷ୍ପିତା ମାଝି, ପ୍ରମୁଖ ଉପସ୍ଥିତ ରହିଥିଲେ।

### ମିଳିଲାନି ଷ୍ଟଲ

କେନ୍ଦୁଝର, ୨୩।୧୨(ସ୍ୱ.ପ୍ର.): କାଳୀପଡ଼ିଆଠାରେ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ସଙ୍ଗଠନକୁ ଷ୍ଟଲ ଦିଆ ନ ଯିବାରୁ ଅସନ୍ତୋଷ ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ମେଳାରେ ସାମିଲ ହୋଇ ଆସୁଥିବା ଓଡ଼ିଶା ରାଜ୍ୟ ବନୌଷଧୀ ବିଶେଷଜ୍ଞ ମହାସଂଘକୁ ଷ୍ଟଲ ମିଳି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ ଔଷଧୀ ଓ କବିରାଜି ଚିକିତ୍ସା ବ୍ୟବସ୍ଥାକୁ ଉଦଜ୍ଜୀବିତ କରି ଆସୁଥିବା କବିରାଜ ନିରାଶ ହୋଇଛନ୍ତି। ଏଭଳି ମେଳା କାହା ପାଇଁ ବୋଲି କବିରାଜମାନେ ମତବ୍ୟକ୍ତ କରିଛନ୍ତି। ଗୋଟିଏ ଷ୍ଟଲ ଦେବେ ବୋଲି କହିଥିଲେ। ଶେଷ ସମୟରେ ଷ୍ଟଲ ଦେଲେ ନାହିଁ। ଅନ୍ୟ ଜଣେ ମହିଳାଙ୍କୁ ଦିଆଯାଇଥିବା ଷ୍ଟଲରେ ମିଶି ବସିବାକୁ କହି ଅସଦାଚରଣ କରାଯାଇଥିବା ଉକ୍ତ ମହାସଂଘର ସଭାପତି ହରେକୃଷ୍ଣ ମହାନ୍ତ କହିଛନ୍ତି।

### ଅସ୍ୱାସ୍ଥ୍ୟକର ପରିବେଶରେ ବସ୍‌ଷ୍ଟାଣ୍ଡ

ଚମ୍ପୁଆ, ୨୩।୧୨(ଡି.ଏନ.ଏ.): ଚମ୍ପୁଆ ବସ୍‌ଷ୍ଟାଣ୍ଡ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି। ସାଧାରଣଙ୍କ ପାଇଁ ଥିବା ଶୌଚାଳୟ ଦୁର୍ଗନ୍ଧମୟ ପରିବେଶ ହୋଇରହିଛି। ବସ୍ ଯାତ୍ରୀ ହୀନସ୍ତା ହେଉଛନ୍ତି। ଦୁର୍ଗନ୍ଧମୟ ପରିବେଶରେ ବହୁ ସମୟ ଯାତ୍ରୀ ବସକୁ ଅପେକ୍ଷା କରି ରହୁଛନ୍ତି। ଗତ ୩ ବର୍ଷତଳେ ୫ ଲକ୍ଷ ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ କରାଯାଇଥିଲା। ଲୋକଙ୍କ ସେବାରେ ଲାଗିବାକୁ ଦୁଇ ବର୍ଷ ବିତି ଯାଇଥିଲା। ବିଳମ୍ବରେ ହେଲେ ବି ଏନ୍‌ଏସି ପକ୍ଷରୁ ଏହାକୁ ମରାମତି କରାଯାଇ ଲୋକଙ୍କ ବ୍ୟବହାର ଯୋଗ୍ୟ କରାଯାଇଥିଲା। ବ୍ୟବହାରର ୬ ମାସ ମଧ୍ୟରେ ଟାଙ୍କିରେ ଏକାଧିକ ସ୍ଥାନରେ ମଇଳା ପଡୁଛି। ପରିବେଶ ପୁତିଗନ୍ଧମୟ ହୋଇପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନକଲି ରସିଦ ଦେଇ ଠକିଲେ

ଝୁମ୍ପୁରା, ୨୩।୧୨(ଡି.ଏନ.ଏ.)


THE REGULATED MARKET COMMITTEE
CHAMPUA
OFFICE MONEY RECEIPT
Name of the RMC: Champua
Book No. 1
Receipt No. 64
Date: 31-12-2012
RECEIVED From: Jayadhan Mahanta S/o Petamber Mahanta
Rupees: Sixty Thousand only
Account of: Advance Security for Shop room
Rs. 60,000/-
Secretary/Accountant

ଜୟଧନଙ୍କୁ ମିଳିଥିବା ଜାଲ ରସିଦ।

ଚମ୍ପୁଆସ୍ଥିତ ଆରଏମ୍‌ସି କାର୍ଯ୍ୟାଳୟରେ ବଡ଼ ଖୋଟାଲା ପଦାକୁ ଆସିଛି। ଭଡ଼ା ସୂତ୍ରରେ ଦୋକାନ ଗୃହ ମିଳିବ ବୋଲି ଲୋଭ ଦେଖାଇ ନକଲି ରସିଦ ଦେଇ ଜଣେ ଚାଷୀଙ୍କୁ ଠକି ଦିଆଯାଇଥିବା ଅଭିଯୋଗ ହୋଇଛି। ୬୦ ହଜାର ଟଙ୍କା ନେଇ ଚାଷୀଙ୍କୁ ଗୃହ ଦିଆଯାଉନି। ବିଭିନ୍ନ କାର୍ଯ୍ୟାଳୟକୁ ଦୌଡିଲେଣି ଚାଷୀଙ୍କୁ ଦୋକାନ ଘରଟିଏ ଭଡ଼ା ସୂତ୍ରରେ ମିଳିପାରି ନାହିଁ। ଝୁମ୍ପୁରା ସମେତ ରିମୁଳି, ଚମ୍ପୁଆ, ବାମେବାରୀ, ଯୋଡ଼ା, ବଡ଼ବିଲ, ଉଖୁଣ୍ଡା ଆଦି ସ୍ଥାନରେ ଥିବା ହାଟ, ବଜାର ନିୟନ୍ତ୍ରିତ ବଜାର ପରିଷଦ(ଆରଏମସି)ର ନିୟନ୍ତ୍ରଣରେ ରହିଛି। ଆରଏମସିର ହାଟ, ବଜାର ଗୁଡ଼ିକରେ ଦୋକାନ ଗୃହ ମଧ୍ୟ ରହିଛି। ହାଟ, ବଜାରରୁ ଆରଏମସି ମହାସୁଲ ଆଦାୟ କରିବା ସହ ମାସିକିଆ ଭଡ଼ା ଆଦାୟ କରୁଛି। କ୍ଷୁଦ୍ର ବ୍ୟବସାୟୀ, ଚାଷୀ ପରିବାରକୁ ଆରଏମସି ନିଜସ୍ୱ ଦୋକାନ ଗୃହ ବଣ୍ଟନ କରିଛି। ସରକାରଙ୍କ ନିୟନ୍ତ୍ରଣରେ ଆରଏମସି ରହିଛି। ଉପଜିଲାପାଳ ଏହାର ଚେୟାରମ୍ୟାନ ରହିଛନ୍ତି। ଚମ୍ପୁଆ ଆରଏମ୍‌ସିର ନିୟନ୍ତ୍ରଣରେ ରହିଥିବା ହାଟ, ବଜାରଗୁଡିକର ମହାସୁଲ ଆଦାୟରେ ଅନିୟମିତତା, ଦୋକାନ ଗୃହ ବିକାକିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଆସୁଛି। ଏବେ ଚମ୍ପୁଆସ୍ଥିତ ଆରଏମ୍‌ସି କାର୍ଯ୍ୟାଳୟରେ ପୁଣି ଆଉ ଏକ ଅଭିଯୋଗ ଯୋଡ଼ି ହୋଇଯାଇଛି।

ମହେଶ୍ୱରପୁର ଗ୍ରାମର କ୍ଷୁଦ୍ର ଚାଷୀ ଜୟଧନ ମହାନ୍ତ। ୫ ବର୍ଷ ପୂର୍ବେ ଆରଏମ୍‌ସି ନିୟନ୍ତ୍ରଣରେ ଥିବା ଏକ ଦୋକାନ ଗୃହ ପାଇବା ପାଇଁ ଜୟଧନ ଆବେଦନ କରିଥିଲେ। ସେତେବେଳର ଆରଏମ୍‌ସି କାର୍ଯ୍ୟାଳୟର କୋଷାଧକ୍ଷ ୬୦ ହଜାର ଟଙ୍କା ଜମା କରିବାକୁ ଜୟଧନଙ୍କୁ କହିଥିଲେ। ବଡ଼ ରକମର ଟଙ୍କା ଜମା କରିବା ପାଇଁ ଜୟଧନଙ୍କୁ ବେଶ କିଛି ସମୟ ଲାଗି ଯାଇଥିଲା। ଧାନ ବିକି, ଜମି ବନ୍ଧା ପକାଇ, ଧାର କରଜ କରି ଜୟଧନ ଟଙ୍କା ଜମା କରିଥିଲେ। କୋଷାଧକ୍ଷଙ୍କଠାରୁ ରସିଦ ଗ୍ରହଣ କରିଥିଲେ। ଉକ୍ତ ମାମଲାକୁ ୫ ବର୍ଷ ମଧ୍ୟରେ ବିତିଗଲାଣି। ଅଦ୍ୟାବଧି ଜୟଧନଙ୍କୁ ଦୋକାନ ଘର ଭଡ଼ା ସୂତ୍ରରେ ମିଳିପାରି ନାହିଁ। ଜୟଧନଙ୍କ ଯେଉଁ ରସିଦ ଦିଆଯାଇଛି ତାହା ନକଲି। ସେହି ରସିଦ ହିସାବ ଆରଏମ୍‌ସି କାର୍ଯ୍ୟାଳୟରେ ନାହିଁ। ଏ ନେଇ ବଡ଼ ଘୋଟାଲା ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ଜୟଧନ ଚମ୍ପୁଆ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଟଙ୍କା ଫେରି ପାଇବା ପାଇଁ ଆକୁଳ ନିବେଦନ କରିଥିଲେ। କୋଷାଧକ୍ଷ ଚିନ୍ତାମଣି ମହାନ୍ତ ୨ ମାସ ହେଲା କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଏ ନେଇ ଉପଜିଲାପାଳ ପାରୋଲ ପଟୁଆରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଆରଏମ୍‌ସି ସେକ୍ରେଟାରୀ ସପନ କୁମାର ସାହୁଙ୍କୁ ପଚାରିବାରୁ ଜୟଧନ ଯେଉଁ ରସିଦ ଦେଖାଉଛନ୍ତି ତାହାର ହିସାବ ମିଳୁନାହିଁ। ଏ କ୍ଷେତ୍ରରେ ଉପଜିଲାପାଳ ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

**ଶୁଣୁନି ଆରଏମ୍‌ସି**
- ଚାଷୀଙ୍କୁ ମିଳୁନି ଦୋକାନ ଗୃହ
- ୫ ବର୍ଷ ହେଲା ଉପେକ୍ଷା
- ନେଇ ଗଲେ ୬୦ ହଜାର

# ଶ୍ମଶାନ ନେବାକୁ ମିଳିଲାନି କାନ୍ଧ

## ଶବ ସତ୍କାର କଲା ବିଜୁ ଯୁବବାହିନୀ



ବୃଦ୍ଧଙ୍କ ଶବ ସତ୍କାର କରୁଛନ୍ତି ବିଜୁ ଯୁବ ବାହିନୀ କର୍ମକର୍ତ୍ତା।

ପାଟଣା, ୨୩।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ ଦମାହୁଦା ପଞ୍ଚାୟତ ବେଲସରେଇ ଗ୍ରାମରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ଶ୍ମଶାନ ନେବାକୁ କେହି ସହଯୋଗ ନ କରିବାରୁ ବିଜୁ ଯୁବବାହିନୀ କର୍ମକର୍ତ୍ତା ଶବ ସତ୍କାର କରିଛନ୍ତି। ମୃତ ବୃଦ୍ଧ ଜଣଙ୍କ ହେଲେ ଅର୍ଜୁନ ପାତ୍ର(୬୫)। ସେ ଘର ଜ୍ୱାଇଁ ହୋଇ ରହୁଥିଲେ। ତାଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିଲା। ତାଙ୍କର ଦୁଇ ବିବାହିତା ଝିଅ ଓ ସ୍ତ୍ରୀ ଶବ ସତ୍କାର ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ଗଳିତ ମୃତଦେହ ହୋଇଥିବାରୁ ଶ୍ମଶାନ ନେବାକୁ କେହି ଆସିଲେନି। ଖବର ପାଇ ଦମାହୁଦା ବିଜୁ ଯୁବ ବାହିନୀ ସଭାପତି ଅନାମ ଲୋହାର ମାଛଗଡ଼ ଓ ଡାଳପକା ବିଜୁ ଯୁବ ବାହିନୀକୁ ଏ ନେଇ ଅବଗତ କରାଇଥିଲେ। ସମ୍ପାଦକ ଦାମଦର ଜେରାଇ, କର୍ମକର୍ତ୍ତା ଦିଲ୍ଲୀପ କୁମାର ମହାନ୍ତ, ଜଳଧର ନାଏକ, ସନ୍ତାଷ ମହାନ୍ତ ଓ ପୂର୍ଣ୍ଣ ଜେରାଇ ପ୍ରମୁଖ ଶନିବାର ସମ୍ପୃକ୍ତ ଗାଁରେ ପହଞ୍ଚି ଥିଲେ। ଶନିବାର ମୃତଦେହକୁ ଶ୍ମଶାନ ନେଇ ସତ୍କାର କରିଥିଲେ। ଏପରି ମହତ କାମ ପାଇଁ ବିଜୁ ଯୁବବାହିନୀ ଜିଲାରେ ପ୍ରଶଂସା ଭାଜନ ହୋଇଛି।

# ଖଣିଜ ଲୋଡିଂରେ ପାତରଅନ୍ତର

କେନ୍ଦୁଝର ୨୩।୧୨ (ସ୍ୱ.ପ୍ର.)

ଯୋଡ଼ା ବ୍ଲକ ଅନ୍ତର୍ଗତ ରୋଇଡ଼ାସ୍ଥିତ ଏକ ଖଣିରେ ୧୪ ଚକିଆ (ବ୍ୟାକ ଲିଫ୍ଟ) ଟ୍ରକ୍‌କୁ ଖଣିଜ ଲୋଡିଂ ଦେବାକୁ ମନା କରିଦିଆଯାଉଥିବା ଟ୍ରକ୍ ମାଲିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ଖଣିରେ ମୋଡେଲ ଟ୍ରକ ଓଜନ ପାଇଁ ଓଜନ କଣ୍ଟା (ୱେବ୍ରିଜ) ନ ଥିବାରୁ ଏଭଳି ଲୋଡିଂ ଦେବାକୁ ମନା କରାଯାଉଛି ବୋଲି ଖଣିର ଲୁହା ପରିବହନ କରୁଥିବା ଏକ ଟ୍ରାନ୍ସପୋର୍ଟ ପରିବହନ ସଂସ୍ଥା ପକ୍ଷରୁ କୁହାଯାଇଛି। ଦୈନିକ ୧ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଟ୍ରକ୍ ଲୁହାପଥର ଖଣିରୁ ଲୋଡ ହୋଇ ବିଭିନ୍ନ କାରଖାନ, ସାଇଡିଂ ଆଦିକୁ ପରିବହନ ହୋଉଛି। ପାଖାପାଖି ୧୦ ପ୍ରତିଶତ ଉକ୍ତ ମୋଡେଲର ଟ୍ରକ ଲୋଡ କରିବାକୁ ଯାଉଛି। ସେଠାରେ ଲୋଡିଂ ଦେବାକୁ ମନା କରାଯାଉଥିବାରୁ ନିରାଶ ହୋଇ ଫେରୁଥିବା ଟ୍ରକ୍ ମାଲିକ କହିଛନ୍ତି।

ଅନ୍ୟ ସବୁ ଖଣିରେ ଏହି ମୋଡେଲ ଟ୍ରକ୍‌କୁ ଲୋଡିଂ ଅନୁମତି ମିଳୁଛି। ଉକ୍ତ ଖଣିରେ ସେହି ସୁବିଧା ମିଳୁ ନ ଥିବାରୁ ଗାଡି କିଣି ପେଟ ପୋଷୁଥିବା ଉକ୍ତ ମୋଡେଲର ଟ୍ରକ ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ଟ୍ରକ୍‌ରେ ଲୋଡିଂ କ୍ଷମତା ୪୨ ଟନ ରହିଛି। ସମାନ ଲୋଡିଂ କ୍ଷମତା ସହ ମଝି ଲିଫଟ ବ୍ୟବସ୍ଥା ଥିବା ଟ୍ରକକୁ ଲୋଡିଂ ଦିଆଯାଉଥିବା ବେଳେ ପଛ ଲିଫ୍ଟ ଥିବା ଟ୍ରକକୁ କାହିଁକି ଲୋଡ ଦିଆଯାଇପାରିବ ନାହିଁ ବୋଲି ଟ୍ରକ୍ ମାଲିକ ଦିବ୍ୟଦର୍ଶନ ଦାସ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଟ୍ରାନ୍ସପୋର୍ଟର ମୁଖ୍ୟ ନିରୋଜ କୁମାର ରାମ କହିଛନ୍ତି ଯେ, ଉକ୍ତ ମୋଡେଲ ଟ୍ରକ୍ ପାଇଁ ଓଜନ କଣ୍ଟା ବ୍ୟବସ୍ଥା ନ ଥିବାରୁ ଖଣି ସଂସ୍ଥା ଲୋଡ ଦେବାକୁ ମନା କରିଦେଉଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଘସିପୁରା, ୨୩।୧୨

ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଗୋହିରାସ୍ଥିତ ପ୍ରାଣବଲ୍ଲଭ ସ୍କୁଲରେ ୧୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲୀପ୍ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଅଶୋକ କୁମାର ପୁହାଣ ଯୋଗଦେଇ କ୍ରୀଡ଼ା ପାତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ହୋଇଥିଲା। ଆୟୋଜିତ ପ୍ରତିଯୋଗିତାରେ ଦୌଡ଼, କୁଦ, ଉଚ୍ଚ ଡ଼ିଆଁ, ଲମ୍ବଡ଼ିଆଁ, ସର୍ଟପୁଟ, ଡ଼ିସ୍‌କସ୍, ଗଣିତ ଆଦି ଖେଳ ହୋଇଥିଲା। ଶିକ୍ଷକ ଶ୍ରୀନିବାସ ମଲ୍ଲିକ୍, ରାଜେଶ ମିଶ୍ର, ଦୀନବନ୍ଧୁ ଓଝା, ସାଗର ଜେନା, ପ୍ରଭଞ୍ଜନ ପଣ୍ଡା, ସାରଦା ପ୍ରସାଦ ମହାନ୍ତି, ସୁବ୍ରତ ବେହେରା, ଶିକ୍ଷୟିତ୍ରୀ, ରଞ୍ଜିତା ଜେନା ପାଟ୍ଟଶାଣୀ, ଲିପିସ୍ମିତା ଚକ୍ର, କଲ୍ୟାଣୀ ରାମ, ଗୀତାଞ୍ଜଳି ସାହୁ, ସ୍ୱାଗତିକା ପତି, ପୁଷ୍ପଲତା ସାହୁ, ସାରଦାରାଣୀ ସାହୁ, ମିତାଲି ପ୍ରିୟଦର୍ଶନୀ ବିଶ୍ୱାଳ, ରୀତାରାଣୀ ସାହୁ, ମୋନାଲିସା ପଣ୍ଡା, ଶୁଭଲକ୍ଷ୍ମୀ ରାଉତ, ସ୍ମୃତିରେଖା ସାହୁ, ପୁଷ୍ପାଞ୍ଜଳୀ ମିଶ୍ର. ସରୋଜା ସତ୍ୟାଜିତା ପ୍ରମୁଖ ଖେଳ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

### ଧକୋଠା ସ୍କୁଲରେ ଜାତୀୟ ଗଣିତ ଦିବସ

କୋଳିମାଟି, ୨୩।୧୨(ଡି.ଏନ.ଏ.)

ଆନନ୍ଦପୁର ବ୍ଲକ ଧକୋଠା ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ବିଷୟ ପରି କଠିନ ବିଷୟ ସମାଧାନ ସମ୍ପର୍କରେ କହିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗଠିତ ଗଣିତ ପ୍ରତିଯୋଗିତା ହୋଇଥିଲା। ଏଥିରେ ରୁଦ୍ରପ୍ରକାଶ ସାହୁ ପ୍ରଥମ, ସୁଶ୍ରୀସାଶ୍ୱତୀ ଦ୍ୱିତୀୟ ଓ ଅର୍ଚ୍ଚିତା ସାହୁ ତୃତୀୟ ହୋଇଥିଲେ। ଆନନ୍ଦପୁର ଘସିପୁରାସ୍ଥିତ ଗ୍ରିନୋଭେସନ ଇଣ୍ଡିଆ ସୋଲାର ହାଉସ ପକ୍ଷରୁ ସେମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଗଣିତ ଶିକ୍ଷୟିତ୍ରୀ ନିବେଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ବାଲ୍ୟବନ୍ଧୁ ମିଳନ ସମାରୋହ

# ପ୍ଲାଷ୍ଟିକ ମୁକ୍ତ ରାଷ୍ଟ୍ର ଗଠନ ପାଇଁ ଶପଥ

ବଡ଼ବିଲ, ୨୩।୧୨(ସ୍ୱ.ପ୍ର.)



ବାଲ୍ୟବନ୍ଧୁ ମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

ବଡ଼ବିଲସ୍ଥିତ ଟାଉନହଲଠାରେ ରବିବାର ଦ୍ୱିତୀୟ ବାଲ୍ୟବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ନିଶା ନିବାରଣ, ପ୍ଲାଷ୍ଟିକ ମୁକ୍ତ ରାଷ୍ଟ୍ର ଗଠନ ନେଇ ସଜାଗ ହେବା ପାଇଁ ସଚେତନ କରିବା ସହ ଶପଥ ପାଠ କରାଯାଇଛି। ଝାଡ଼ଖଣ୍ଡ–ଓଡ଼ିଶା ସୀମାନ୍ତରେ ଅବସ୍ଥିତ ବିଭିନ୍ନ ଭାଷାଭାଷୀଙ୍କ ବ୍ୟବସାୟୀକ ପେଣ୍ଠସ୍ଥଳୀ ବଡ଼ବିଲରେ ଓଡ଼ିଆ ମାଧ୍ୟମରେ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୮୭ ଓ ୧୯୯୦ ମାଟ୍ରିକ ବ୍ୟାଚର ଦ୍ୱିତୀୟ ବାଲ୍ୟବନ୍ଧୁ ମିଳନ ସମାରୋହ ଅନୁଷ୍ଠିତ ହୋଇଛି। ସମାରୋହରେ ୪୧ ପୁରାତନ ଛାତ୍ରୀଛାତ୍ର ସହ ସେମାନଙ୍କ ପରିବାର ଯୋଗ ଦେଇଥିଲେ। ପିଲାଦିନ ଆଉ ଫେରିବନି। ପିଲାଦିନ କଥା କେବେ ଭୁଲି ହେବାନି ବୋଲି ମତ ପ୍ରକାଶ ପାଇଥିଲା। କୁଇଜ, ନୃତ୍ୟ, ସଙ୍ଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତେ ଭରପୁର ମଜା ନେଇଥିଲେ। ଶେଷରେ ପ୍ଲାଷ୍ଟିକ ମୁକ୍ତ ଦେଶ ଗଠନରେ ସମସ୍ତେ ସାମିଲ ହେବା ପାଇଁ ଶପଥ ନିଆଯାଇଥିଲା।

### ଦେଶୀ ମଦ ଜବତ

ପାଟଣା, ୨୩।୧୨(ସ୍ୱ.ପ୍ର.)

ପାଟଣା ଥାନା ପୋଲିସ ଡାଳପକା ସାପ୍ତାହିକ ହାଟରେ ଶୁକ୍ରବାର ଚଢ଼ାଉ କରି ୨୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ବେଆଇନ ମଦ ବ୍ୟବସାୟରେ ସୁନାପଶି ଗ୍ରାମର ସୁନାରାମ ହାଁସଦା, କେନ୍ଦୁଯୋଡ଼ା ଗ୍ରାମର ଉପେନ୍ଦ୍ର ନାଏକ ଓ ବନବିର ଗ୍ରାମର ଲକ୍ଷଣ ହେମ୍ରମଙ୍କୁ ୪୧ ସିଆରପିସିରେ ମାମଲା ରୁଜୁକରି ଛାଡିଦିଆ ଯାଇଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

### ଗୋନାସିକା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

ଚମ୍ପୁଆ/ ଘସିପୁରା, ୨୩।୧୨(ଡି.ଏନ.ଏ.)



ମଶାଲ ଶୋଭାଯାତ୍ରାକୁ ଉଦ୍‌ଘାଟନ କରାଯାଉଛି।

କେନ୍ଦୁଝରଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଗୋନାସିକା ମହୋତ୍ସବ ପାଇଁ ଚମ୍ପୁଆ ପ୍ରଶାସନ ପକ୍ଷରୁ ମଶାଲ ଶୋଭାଯାତ୍ରା ଅୟୋଜିତ ହୋଇଥିଲା। ଚମ୍ପୁଆ ଅରାଧ ଦେବତା ପ୍ରଭୁ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚମ୍ପୁଆ ପ୍ରଶାସନ ପକ୍ଷରୁ ମଶାଲ ସଭାଯାତ୍ରାକୁ ସହକାରୀ ଜିଲାପାଳ ଚାରୁଲତା ସିଂ ଉଦଘାଟନ କରିଥିଲେ। ସୂଚନା ଲୋକସମ୍ପର୍କ ଅଧିକାରୀ ଜୟନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକ ସହଯୋଗ କରିଥିଲେ। ଏହି ମଶାଲ ସହର ପରିକ୍ରମା କରିଥିଲା।

ସେହିପରି ଆନନ୍ଦପୁରର ଆରାଧ ଦେବତା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଆଜ୍ଞାମାଳ ନିଆଯାଇଥିଲା। ଆନନ୍ଦପୁରର ଆସିଷ୍ଟାଣ୍ଟ କଲେକ୍ଟର କୀର୍ତ୍ତନ ବିହାରୀ ଓଝା ମଶାଲକୁ ଶ୍ରୀଶ୍ରୀ ଦଧିବାମନଜୀଉଙ୍କଠାରେ ଉଦ୍‌ଘାଟନ କରିଥିଲେ। ମଶାଲ ଶୋଭଯାତ୍ରାରେ ଆନନ୍ଦପୁର କ୍ରୀଡ଼ା ସଂସଦର ସମ୍ପାଦକ ନିରାକର ଦଳେଇ, ଲୋକସମ୍ପର୍କ ବିଭାଗର କର୍ମଚାରୀ ଦେବେନ୍ଦ୍ର ରାଉତରାୟ, ପୂର୍ବତନ କ୍ରୀଡ଼ାବିତ୍ ସମରସିଂ ମହାନ୍ତି, ଛାତ୍ର କୃଷ୍ଣଚନ୍ଦ୍ର ସାହୁ, ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର ଓ ସଦସ୍ୟ ଲଳିତ ପାତ୍ର ଉପସ୍ଥିତ ରହିଥିଲେ।

# ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ହାଟଡ଼ିହୀ, ୨୩।୧୨(ଡି.ଏନ.ଏ.)

ହାଟଡ଼ିହୀ ବ୍ଲକ ସଡ଼ଙ୍ଗ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସୁବ୍ରତ କୁମାର ନାୟକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ଦୁର୍ଯ୍ୟୋଧନ ସାହୁଙ୍କ ସଂଯୋଜନାରେ ୨୫ ଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଭାବେ ସାମାଜିକ କର୍ମୀ ରବିନାରାୟଣ ମହାନ୍ତି ଓ ପ୍ରକାଶ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ରାଉଳ, ଅନାଥ ସେଠୀ, ଅତୁଲ ଚରଣ ଜେନା, ବିଷ୍ଣୁ ଚରଣ ମହାରଣା, ପୁଷ୍ପିତା ପହି, ସ୍ୱାଗତିକା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ




ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

ଝୁମ୍ପୁରା, ୨୩।୧୨(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ରୋଡ୍‌ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ମକ୍ତବରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପୋଷାକ ସହ ଜୋତା ବଣ୍ଟନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ସେଠୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ଉଜ୍ଜ୍ୱଳ ଚନ୍ଦ୍ର ସାହୁ, ସହଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳଙ୍କ ସହ ପରିଚାଳନା କମିଟିର ସଦସ୍ୟ ସମୂହ ଯୋଗ ଦେଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମକ୍ତବରେ ଶିକ୍ଷାଦାନ କରାଯାଉଥିବା ବେଳେ ୨୭୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୨୨ ଛାତ୍ରୀଛାତ୍ରଙ୍କୁ ୨ ହଳ ଲେଖାଏଁ ପୋଷାକ, ଗୋଟିଏ ହଳ ଜୋତା ବଣ୍ଟନ କରାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରୋତ୍ସାହନ

କେନ୍ଦୁଝର, ୨୩।୧୨(ସ୍ୱ.ପ୍ର.)



ପୋଲ ତଳେ ଫସିଥିବା ଟ୍ରେଲର। (ଫାଇଲ୍ ଫଟୋ)

ସ୍ଥାନୀୟ ୪୯ ନମ୍ବର ଜାତୀୟ ରାଜପଥକୁ ଖୋଳି ଏକ ଟ୍ରେଲରକୁ ଓଭର ବ୍ରିଜ ତଳେ ପାର କରାଗଲା। ଉକ୍ତ ଟ୍ରଲର ଯୋଗୁଁ ପୋଲ କ୍ଷତିଗ୍ରସ୍ତ ହୋଇଛି। ଏପରି ବେଆଇନ କାମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପ୍ରଶାସନ ପ୍ରୋତ୍ସାହନ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣ କାମକୁ ପ୍ରଶାସନ ଧରପଗଡ଼ କରୁଥିବା ବେଳେ ଏଭଳି ବଡ଼ ବେଆଇନକୁ ଜିଲା ପ୍ରଶାସନ ହାଲୁକା ଭାବେ ନେଇଛି। ବେଆଇନ କାମକୁ ଧରପଗଡ କରାଯାଉ ନ ଥିବାରୁ ପ୍ରଶାସନର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ପୋଲିସ, ପରିବହନ ଓ ଜାତୀୟ ରାଜପଥ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ରହିଛି। ଟ୍ରଲ୍‌ର ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସହାୟତା କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ କେତେକ ସ୍ୱେଚ୍ଛାସେବୀ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଜିଲାପାଳ ଓ ଏସ୍‌ପି ଏ ନେଇ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ରାସ୍ତାରେ ଗାଡି ଯାଞ୍ଚ ବାହାନାରେ ଭାରିଯାନଙ୍କଠାରୁ ଜରିମାନା ଆଦାୟ କରୁଥିବା ପରିବହନ ବିଭାଗର ଅଧିକାରୀ ଜିଲା ମୁଖ୍ୟାଳୟ ଦେଇ ଯାଇଥିବା ଉକ୍ତ ଟ୍ରଲରକୁ ଯାଞ୍ଚ କରୁ ନ ଥିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚରଣ ମହାନ୍ତିଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚାରିବାରୁ ପୋଲିସ ବୁଝାବୁଝି କରୁଛି। କର୍ମଚାରୀ ପଠାଇ ଘଟଣାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଗତ ୧୦ ଦିନ ହେବ ଏକ ଭାରିଯାନ କଲିକତା–ମୁମ୍ବାଇ ଜାତୀୟ ରାଜପଥରେ କେନ୍ଦୁଝର ସହର ଦେଇ ଯାଉଥିଲା। ରାସ୍ତା ଉପରେ ନିର୍ମାଣ ହୋଇଥିବା (ଓଭରବ୍ରିଜ) ପୋଲ ମଝିରେ ଟ୍ରେଲର ଅଟକି ରହିଥିଲା। ଟ୍ରେଲର ପାଇଁ ଜାତୀୟ ରାଜପଥ ପ୍ରାଧିକରଣର ବିନା ଅନୁମତିରେ ରାସ୍ତାକୁ ୫ରୁ ୬ ଫୁଟ ଖୋଳା ଯାଇଥିଲା। ଟ୍ରେଲରକୁ ପାର କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ପୋଲରେ ଫସି ଯାଇଥିଲା।

**ପ୍ରଶାସନର ବିଚିତ୍ର ନୀତି**
- ଟ୍ରେଲ୍‌ର ପାଇଁ ଖୋଲାଗଲା ରାଜପଥ